




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-89 ♦TUESDAY ♦22 SEPTEMBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୮୯ ♦ମଙ୍ଗଳବାର ♦୨୨ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୨୩ରେ ଉପକୂଳ ଛୁଇଁବ ଗଭୀର ଅବପାତ

# ୧୧ ଜିଲ୍ଲାରେ ୨ ଦିନ ଭୀଷଣ ବର୍ଷା

■ ଭୁବନେଶ୍ୱର,୨୧।୯ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ସକ୍ରିୟ ହୋଇ ଅବପାତରେ ପରିଣତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତର ରୂପ ନେଇ ୨୩ ସେପ୍ଟେମ୍ବର ସକାଳ ସୁଦ୍ଧା ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବ। ଏହାର ପ୍ରଭାବରେ ୧୧ ଜିଲ୍ଲାରେ ୨ ଦିନ ଭୀଷଣ ବର୍ଷା ଆଶଙ୍କା ରହିଛି। ଓଡ଼ିଶାରେ ସୋମବାରଠାରୁ ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ଆରମ୍ଭ ହୋଇଥିଲେ ହେଁ ମଙ୍ଗଳବାରଠାରୁ ବର୍ଷାର ପ୍ରଭାବ ବଢ଼ିବ ଓ ୨୩-୨୪ରେ ସବୁଠୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ଉପକୂଳ ନିକଟତର ହେବା ପରେ ଏହାର ଗତି ଧୀମା ହୋଇଯିବ। ସମୁଦ୍ର ମଧ୍ୟରେ ଏହା ଉପକୂଳଠାରୁ କିଛି ଦୂରରେ ପ୍ରାୟ ସ୍ଥିର ଆକାରରେ ରହିବ। ଫଳ ସ୍ୱରୂପ ରାଜ୍ୟରେ ଏହି ସମୟରେ ଅଧିକ ବର୍ଷା ହେବ। ପ୍ରବଳ ବର୍ଷା ଆଶଙ୍କାରେ ମାଲକାନଗିରି ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି ଓ ସ୍ଥିତି ଦେଖି ସ୍କୁଲ ଛୁଟି କରାଯିବ ବୋଲି ସୂଚନା ମିଳିଛି। ଅନୁରୂପ ଭାବରେ ଗଜପତି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ଅନୁରୂପ ଭାବରେ ପ୍ରବଳ ବର୍ଷାଜନିତ ଭୂସ୍ଖଳନ ଆଶଙ୍କାରେ କଳିଙ୍ଗା ଘାଟିରେ ଯାତାୟତ ୨ ଦିନ ବନ୍ଦ ରଖାଯିବା ନିମନ୍ତେ ପ୍ରଶାସନ ନିର୍ଦ୍ଦେଶ ଦେଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୩ ସେପ୍ଟେମ୍ବର ସକାଳ ସମୟରେ ଏହି ଗଭୀର ଅବପାତ ଉତ୍ତର ଆନ୍ଧ୍ରପ୍ରଦେଶ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବିଶେଷ କରି ଦକ୍ଷିଣ ଓଡ଼ିଶାର ପ୍ରାୟ ୧୧ଟି ଜିଲ୍ଲାରେ ୨୨ରୁ ବର୍ଷା ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଭାବ ରହିବ। ତେବେ ସମୁଦ୍ରକୂଳ ଅଞ୍ଚଳରେ ସେ ସମୟରେ ୪୫-୫୫ କିଲୋମିଟର ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପ୍ରାୟ ୭୦ କିମି ବେଗରେ ପବନ ବହିବାର ସମ୍ଭାବନା ରହୁଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ମତ୍ସ୍ୟଜୀବୀଙ୍କୁ ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ମଧ୍ୟ ନିରାପଦ ସ୍ଥାନକୁ ଫେରିଆସିବା ପାଇଁ ପରାମର୍ଶ ଦିଆଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ସୂଚନା ଅନୁସାରେ ୨୩ ସେପ୍ଟେମ୍ବର ବେଳକୁ ଏହା ଗଭୀର ଅବପାତ ରୂପରେ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ପହଞ୍ଚିବ। ତେବେ ଏହା ଅଧିକ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ରେ ପରିବର୍ତ୍ତିତ ହେବାର ସମ୍ଭାବନା କମ୍। ତେବେ ଏହାର ସମ୍ଭାବ୍ୟ ଗତିପଥ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ରପ୍ରଦେଶ ରହିଛି। ୨୨ରୁ ରାଜ୍ୟର ଦକ୍ଷିଣ ଉପକୂଳ ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଉଲ୍ଲେଖନୀୟ ଭାବେ ବଢ଼ିବ। କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ୨୩ରେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କନ୍ଧମାଳ ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷା ପରିମାଣ ବୃଦ୍ଧି ପାଇବ। ୨୪ ସେପ୍ଟେମ୍ବର ଦକ୍ଷିଣ-କେନ୍ଦ୍ରୀୟ, ମଧ୍ୟ ଓ ସଂଲଗ୍ନ ଆଭ୍ୟନ୍ତରୀଣ ଓଡ଼ିଶା ଦିଗକୁ ବିସ୍ତାରିତ ହେବାର ସମ୍ଭାବନା ରହିଛି। ୨୫ରେ ଭୀଷଣରୁ ଅତିଭୀଷଣ ବର୍ଷା କ୍ରମେ କେନ୍ଦ୍ରୀୟ ▶ପୃଷ୍ଠା-୭



- ଦକ୍ଷିଣ ଓଡ଼ିଶାରେ ମୂଷଳଧାରା ବର୍ଷା ସମ୍ଭାବନା
- କଳିଙ୍ଗା ଘାଟିରେ ୨ ଦିନ ବନ୍ଦ ରହିବ ଯାତାୟାତ
- ଗଜପତି ଓ ଜଗତସିଂହପୁରରେ ସ୍କୁଲ ଛୁଟି
- ମାଲକାନଗିରିରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ସ୍ଥିତି ପ୍ରତି ସଜାଗ ରହିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

■ ରାମ ମନ୍ଦିର ଦାନ ହେରଫେର

## ସିସିଟିଭିରେ ୧୦୫ଥର ଧରାପଡ଼ିଛି ଚୋରି

■ ନୂଆଦିଲ୍ଲୀ,୨୧।୯: ଅଯୋଧ୍ୟା ରାମମନ୍ଦିରରେ ଦାନରାଶି ଚୋରି ଘଟଣାର ତଦନ୍ତରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ମନ୍ଦିର ପରିସରରେ ହୋଇଥିବା ଦାନ ଚୋରିର ୧୦୫ଟି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ସୁପ୍ରିମକୋର୍ଟରେ ଆଜି ଏଭଳି ରିପୋର୍ଟ ଦେଇଛି ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)। ମାମଲାର ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହଟା ଏସ୍‌ଆଇଟିର ଷ୍ଟାଟସ୍ ରିପୋର୍ଟ ଆଧାରରେ ତଦନ୍ତର ବିବରଣୀ ସର୍ବୋଚ୍ଚ ଅଦାଲତଙ୍କ ସମ୍ମୁଖରେ ରଖିଥିଲେ। ସିସିଟିଭି ଫୁଟେଜ୍, ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣର ବିଶ୍ଳେଷଣ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏସ୍‌ଆଇଟିର ତଦନ୍ତ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଏବଂ ସେପ୍ଟେମ୍ବର ୨୫ ସୁଦ୍ଧା ଚାର୍ଜସିଟ୍ ଦାଖଲ କରାଯିବ ବୋଲି ତୁଷାର ମେହଟା ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ଚାର୍ଜସିଟ୍ ଦାଖଲ ହେବା ପରେ ଆଇନ ଅନୁଯାୟୀ ଏହା ଉପରେ ପଦକ୍ଷେପ ନେବାକୁ ମାଜିଷ୍ଟ୍ରେଟ୍‌ଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ଏସ୍‌ଆଇଟି ରିପୋର୍ଟର ନକଲ ଦେବାକୁ ଆବେଦନକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ତେବେ ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିନଥିଲେ। ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଥିଲେ ଯେ, ମାମଲାଟିକୁ ସେସନ୍ସ ଜଜ୍‌ଙ୍କ ବିଚାରାଧୀନ ପ୍ରକ୍ରିୟାରୁ ହଟାଇବାକୁ ଅଦାଲତ ଚାହୁଁନାହାନ୍ତି। ଆବଶ୍ୟକ ମନେହେଲେ ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ। ଏସ୍‌ଆଇଟି ରିପୋର୍ଟରେ ମନ୍ଦିରରେ ମୂଲ୍ୟବାନ ▶ପୃଷ୍ଠା-୭

# ଆଜିଠାରୁ ତତଲା 'ମୌସୁମୀ'

■ ଭୁବନେଶ୍ୱର,୨୧।୯ (ସମିସ): ଆସନ୍ତାକାଲିଠାରୁ ସପ୍ତଦଶ ବିଧାନସଭାର ସପ୍ତମ ତଥା ମୌସୁମୀ ଅଧିବେଶନ ଆରମ୍ଭ ହେବ। ମାତ୍ର ୯ ଦିନିଆ ସଂକ୍ଷିପ୍ତ ଅଧିବେଶନ ଆରମ୍ଭରୁ ଶେଷ ଯାଏଁ ବେଶ୍ ଉଷ୍ମ ରହିବ ବୋଲି ସ୍ପଷ୍ଟ ସଙ୍କେତ ଦେଇଛନ୍ତି ବିରୋଧୀ। ଏମଏମଡିଆର ସଂଶୋଧନ ଆଇନରେ ରାଜ୍ୟର ଅଧିକାର କ୍ଷୁଣ୍ଣ, ପାଠ୍ୟ ପୁସ୍ତକ ତ୍ରୁଟି ଓ ମହାନଦୀ ବିବାଦ ପ୍ରସଙ୍ଗରେ କୌଣସି ପରିସ୍ଥିତିରେ ରାଜ୍ୟ ସ୍ୱାର୍ଥ ସହ ସାଲିସ୍ କରାଯିବ ନାହିଁ। ସର୍ବଦଳୀୟ ବୈଠକରେ ବିରୋଧୀ ଏ ନେଇ କଡ଼ା ମିଜାଜ୍ ଦେଖାଇଥିବା ବେଳେ ଆସନ୍ତାକାଲି ଅଧିବେଶନ ଆରମ୍ଭରୁ ଗୃହରେ ମୌସୁମୀ ଅଧିବେଶନ ତାତିବା ନିଶ୍ଚିତ ହୋଇ ଯାଇଛି ।



- ଏମଏମଡିଆର, ବହି ତ୍ରୁଟିକୁ ନେଇ ବିରୋଧୀ ନଛୋଡ଼ବନ୍ଧା
- ଗୃହ ଭିତରେ ଓ ବାହାରେ ବିରୋଧ ପାଇଁ ବିରୋଧୀ ତିଆର
- ମୁକାବିଲା ପାଇଁ ସରକାରୀ ଦଳ ପ୍ରସ୍ତୁତ କରିଛି ଭିନ୍ନ ରଣନୀତି

ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକଠାରୁ ଆରମ୍ଭ କରି ବିଧାୟକ ଦଳ ବୈଠକ ପର୍ଯ୍ୟନ୍ତ ଏମଏମଡିଆର ସଂଶୋଧନ ଆଇନକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛି ବିଜେଡି। ଏମଏମଡିଆର ଆଇନ କ୍ଷେତ୍ରରେ ରାଜ୍ୟର ଅଧିକାର ଫେରାଇ ଆଣିବା ପାଇଁ ଲଢ଼େଇ କରିବ ବୋଲି ନବୀନ ବିଧାୟକ ଦଳ ବୈଠକରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ସର୍ବଦଳୀୟ ବୈଠକରେ ଦଳ ମଧ୍ୟ ବାଚସ୍ପତିଙ୍କ ନିକଟରେ ସମାନ ଦାବି ରଖିଛି। ଏମଏମଡିଆର ସଂଶୋଧନ ଆଇନକୁ ନେଇ ଦଳ ସଂକଳ୍ପ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ଗ୍ରହଣ କରାଯାଉ। ନଚେତ୍ ସରକାରୀ ଦଳ ଏହି ଆଇନ ଉପରେ ଧନ୍ୟବାଦ ପ୍ରସ୍ତାବ ଆଣନ୍ତୁ। ଯାହାବି ହେଉ ଏହା ଉପରେ ଗୃହରେ ଆଲୋଚନା ହେଉ ବୋଲି ବିଜେଡି ଦାବି କରିଥିବା ବେଳେ ଏହା ସରକାରଙ୍କ ପାଇଁ ଅକଳିଆ ସ୍ଥିତି ସୃଷ୍ଟି କରିଥିବା କୁହାଯାଉଛି। ସେହିପରି ପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୁସ୍ତକ ପ୍ରଦାନ ବିଜେଡିର ଅନ୍ୟତମ ପ୍ରମୁଖ ଦାବି ହୋଇଥିବା ବେଳେ କଂଗ୍ରେସ ମଧ୍ୟ ଏହି ଦୁଇଟି ଦାବିକୁ ଗୃହରେ ଦୃଢ଼ ସ୍ୱରରେ ଉତ୍ଥାପନ କରିବ ବୋଲି ଦଳର ଉପନେତା ଅଶୋକ ଦାସ କହିଛନ୍ତି। ରାଜ୍ୟ ସରକାର ପ୍ରାରମ୍ଭରୁ ଏହି ଦୁଇ ପ୍ରସଙ୍ଗରେ ବ୍ୟାକଫୁଟରେ ଅଛନ୍ତି। ତେଣୁ ଏହି ପ୍ରସଙ୍ଗକୁ ସରକାର ଗୃହରେ ସାମ୍ନା କରିବା ଆଦୌ ସହଜ ହେବ ନାହିଁ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି। ଏତଦବ୍ୟତୀତ ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ବନ୍ୟା ପରିଚାଳନାରେ ବିଫଳତା, ଦରବୃଦ୍ଧି, ଆର୍ଥିକ କୁପରିଚାଳନା, ବେକାରୀ ସମସ୍ୟା, ଚାଷ ଓ ଚାଷୀ ସମସ୍ୟା, ଲଘୁ ଖଣିଜ ସମ୍ପଦ ଲୁଟ୍, ବଜେଟ୍ ଅର୍ଥ ଖର୍ଚ୍ଚ କରି ନ ପାରିବା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ଆପାତତଃ ନିଷ୍ପତ୍ତି ନେଇଛନ୍ତି। ସେହିପରି ଗୃହ ବାହାରେ ମଧ୍ୟ ବିରୋଧୀ ଦଳ ଗାନ୍ଧୀ ମାର୍ଗରେ ଏକାଧିକ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ଏପରିସ୍ଥିତିରେ ସରକାର ପରିସ୍ଥିତିର କିପରି ମୁକାବିଲା କରୁଛନ୍ତି, ତାହା ଦେଖିବା ବେଶ୍ ରୋଚକପୂର୍ଣ୍ଣ ରହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସୋମବାର ସନ୍ଧ୍ୟାରେ ଶାସକ ଦଳ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ▶ପୃଷ୍ଠା-୭

# ବିଫଳତା ରାଜ୍ୟ ବିଜେପି ସରକାରର ହଲ୍‌ମାର୍କ: ନବୀନ

■ ଭୁବନେଶ୍ୱର,୨୧।୯ (ସମିସ): ବିଫଳତା ରାଜ୍ୟ ବିଜେପି ସରକାରର ହଲ୍‌ମାର୍କ। ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ବନ୍ୟା ପରିଚାଳନା, ଦରବୃଦ୍ଧି ମୁକାବିଲା, ଆର୍ଥିକ ପରିଚାଳନା, ବଜେଟ୍ ବ୍ୟୟ ପ୍ରତ୍ୟେକ କ୍ଷେତ୍ରରେ ବିଜେପି ସରକାର ବିଫଳ ହୋଇଛି। କେବଳ ସରକାରୀ ଅର୍ଥ ଅପବ୍ୟୟ କରି ଗୁଡ଼ାଏ ମିଥ୍ୟା ପ୍ରଚାର କରାଯାଉଛି । ଏମ୍‌ଏମ୍‌ଡ଼ିଆର୍ ଆଇନ ସଂଶୋଧନରେ ରାଜ୍ୟର ଅଧିକାର କ୍ଷୁର୍ଣ୍ଣ କରାଯାଇଥିବା ଉଲ୍ଲେଖ କରି ରାଜ୍ୟ ସରକାରଙ୍କୁ ନିଶାଣ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ।



- ସରକାରୀ ଅର୍ଥ ଅପବ୍ୟୟ କରି କେବଳ ମିଥ୍ୟା ପ୍ରଚାର କରାଯାଉଛି
- ରାଜ୍ୟର ଅଧିକାର ଫେରାଇ ଆଣିବା ପର୍ଯ୍ୟନ୍ତ ଜାରି ରହିବ ଲଢ଼େଇ
- ପାଠ୍ୟପୁସ୍ତକରେ ଭୁଲ ପାଇଁ ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିବ

ବିଧାୟକ ଦଳ ବୈଠକରେ ନବୀନ କହିଛନ୍ତି ଯେ ସଂସଦରେ ବିନା ଆଲୋଚନାରେ ତରବରିଆ ଭାବରେ ଏମଏମଡିଆର ସଂଶୋଧନ ଆଇନ ଗୃହୀତ ହୋଇଗଲା; କିନ୍ତୁ ଆମ ଓଡ଼ିଶାରୁ ଯାଇଥିବା ୨୦ ଜଣ ଯାକ ସଂସଦ କେହି ରାଜ୍ୟର ସ୍ୱାର୍ଥ ପାଇଁ ପାଟି ନ ଫିଟାଇବା ଅତ୍ୟନ୍ତ ବେଦନାଦାୟକ। ଏମଏମଡିଆର ସଂଶୋଧନ ଆଇନରେ ଆମର ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ଆମର ଜମି, ଆମର ପ୍ରାକୃତିକ ସଂପଦ ଉପରୁ ଆମର ଅଧିକାର ଛଡ଼ାଇ ନେବା ସହିତ ଯୁବ ସମାଜର ସ୍ୱପ୍ନକୁ ଧ୍ୱଂସ କରାଯାଇଛି। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏହି ଘଟଣାରେ ବିଜେଡି କେବଳ ନୀରବ ଦର୍ଶକ ହୋଇ ରହିବ ନାହିଁ। ରାଜ୍ୟର ▶ପୃଷ୍ଠା-୭

## ସୋନିଆଙ୍କ ଭୋଟର ତାଲିକା ବିବାଦର ସାନି ତଦନ୍ତ ହେବ

■ ନୂଆଦିଲ୍ଲୀ,୨୧।୯: ଭୋଟର ତାଲିକାରେ ନାମ ଯୋଡ଼ିବାକୁ ନେଇ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବିରୋଧରେ ମାମଲାର ସାନି ତଦନ୍ତ ହେବ। ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ୨୦୨୫ ସେପ୍ଟେମ୍ବରରେ ମାଜିଷ୍ଟ୍ରେଟ୍ କୋର୍ଟ ଦେଇଥିବା ଆଦେଶକୁ ରଦ୍ଦ କରି ସାନି ତଦନ୍ତ କରିବାକୁ ନି।।ର୍ଦ୍ଦେଶ ଦେଇଛନ୍ତି। ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟ ସୋନିଆଙ୍କ ବିରୋଧରେ ଏଫ୍‌ଆଇଆର୍ ଓ ପୁଲିସ ତଦନ୍ତ ଦାବିକୁ ଖାରଜ କରିଥିଲେ। ଏବେ ମାମଲାଟିକୁ ପୁଣି ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ପଠାଯାଇଛି ଏବଂ ନୂଆ କରି ଶୁଣାଣି କରି କାରଣସମ୍ମତ ଆଦେଶ ଦେବାକୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣି ୨୯ ସେପ୍ଟେମ୍ବରରେ ହେବ। ଅଭିଯୋଗରେ କୁହାଯାଇଛି ଯେ ସୋନିଆଙ୍କ ନାମ ୧୯୮୦ରେ ନୂଆଦିଲ୍ଲୀ ଲୋକସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ଥିଲା, ଯେତେବେଳେ ସେ ଭାରତୀୟ ନାଗରିକତା ପାଇନଥିଲେ। ଅଭିଯୋଗକାରୀଙ୍କ ଦାବି ଅନୁସାରେ, ସୋନିଆ ୩୦ ଏପ୍ରିଲ ୧୯୮୩ରେ ଭାରତୀୟ ନାଗରିକତା ହାସଲ କରିଥିଲେ। ତେଣୁ ୧୯୮୦ରେ ଭୋଟର ତାଲିକାରେ ତାଙ୍କ ନାମ କିପରି ସାମିଲ ହେଲା ଏବଂ କେଉଁ ଦସ୍ତାବିଜ ଆଧାରରେ ଏହା କରାଗଲା, ତାହାର ତଦନ୍ତ ଦାବି କରାଯାଇଛି।

# ଫେକ୍ ସିମ୍ ଓ ଆଇଏମ୍‌ଇଆଇ ହେରଫେରରେ ୩ ବର୍ଷ ଜେଲ୍, ୫୦ ଲକ୍ଷ ଟଙ୍କା ଯାଏ ଜରିମାନା

■ ନୂଆଦିଲ୍ଲୀ,୨୧।୯: ନକଲି ପରିଚୟପତ୍ରରେ ସିମ୍ କାର୍ଡ କିଣିବା କିମ୍ବା ବିକ୍ରି କରିବା, ନିଜ ନାମର ସିମ୍ ଅନ୍ୟକୁ ବ୍ୟବହାର ପାଇଁ ଦେବା ଏବଂ ମୋବାଇଲ୍‌ର ଆଇଏମ୍‌ଇଆଇ ନମ୍ବରରେ ହେରଫେର କରିବା ଏଣିକି ଭାରୀ ପଡ଼ିବ। ଏଭଳି

**ନିଜ ନାମରେ ଥିବା ସିମ୍ ଯାଞ୍ଚ କରିବାକୁ ଡିଓଟିର ପରାମର୍ଶ**

ଅପରାଧରେ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୫୦ ଲକ୍ଷ ଟଙ୍କା ଯାଏ ଜରିମାନା ହୋଇପାରେ। ଏନେଇ ଦୂରସଞ୍ଚାର ବିଭାଗ (ଡିଓଟି) ସୋମବାର ନୂଆ ଆଡଭାଇଜରି ଜାରି କରିଛି। ନାଗରିକମାନେ ନିଜ ନାମରେ କୌଣସି ଅଜଣା ମୋବାଇଲ୍ ନମ୍ବର ସକ୍ରିୟ ଅଛି କି ନାହିଁ, ତୁରନ୍ତ ଯାଞ୍ଚ କରିବାକୁ ଡିଓଟି ପରାମର୍ଶ ଦେଇଛି। ଏଥିପାଇଁ 'ସଞ୍ଚାର ସାଥୀ' ପୋର୍ଟାଲ୍ କିମ୍ବା ଆପ୍ ବ୍ୟବହାର କରିହେବ। ନିଜ ଦସ୍ତାବିଜରେ ନିଆଯାଇଥିବା ସିମ୍‌କୁ ଅନ୍ୟକୁ ବିକ୍ରି, ଭଡ଼ାରେ ଦେବା କିମ୍ବା ସାଇବର ଅପରାଧ ପାଇଁ ବ୍ୟବହାର ହେବାକୁ ଦେଲେ ମୂଳ ଗ୍ରାହକ ମଧ୍ୟ ଆଇନଗତ ଅସୁବିଧାରେ ପଡ଼ିପାରନ୍ତି।

ଛତିଶଗଡ଼ର ଏକ ସାଇବର ଠକେଇ ଘଟଣା ପରେ ଏହି ଆଡଭାଇଜରି ଆସିଛି। ସେଠାରେ ଜଣେ ସିମ୍ ବିକ୍ରେତା ଏଜେଣ୍ଟ ଗ୍ରାହକଙ୍କ ଦସ୍ତାବିଜ ଅପବ୍ୟବହାର କରି ଅଜାଣତରେ ୨୫ଟି ସିମ୍ ସକ୍ରିୟ କରିଥିଲେ। ପରେ ଡିଓଟି ଏଜେଣ୍ଟଙ୍କୁ ବ୍ଲାକ୍‌ଲିଷ୍ଟ କରିବା ସହ ସମସ୍ତ ୨୫ ନମ୍ବର ବନ୍ଦ କରିଥିଲା। ସେହିପରି ଆଇଏମ୍‌ଇଆଇ ବଦଳାଇବା ଏବଂ ଅନ୍ୟ ନମ୍ବର ଦେଖାଇ କଲ୍ କରିବା ପାଇଁ 'କଲିଂ ଆଇଡି' ପରିବର୍ତ୍ତନକାରୀ ଟୁଲ୍ ବ୍ୟବହାରକୁ ମଧ୍ୟ ବେଆଇନ ଦର୍ଶାଯାଇଛି।

## ଓଡ଼ିଶାରେ ସରିଲା ଏସ୍‌ଆଇଆର୍

# କଟିଲେ ୨୦.୫୭ ଲକ୍ଷ ଭୋଟର

**ରାଜ୍ୟରେ ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ ଜଣ ମତଦାତା**

■ ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର-୨୦୨୬) ପ୍ରକ୍ରିୟା ଶେଷ ହେବା ପରେ ସୋମବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏସ୍‌ଆଇଆର ପ୍ରକ୍ରିୟାରେ ମୋଟ ୨୦ ଲକ୍ଷ ୫୭ ହଜାର ୩୩୪ ଜଣ ଭୋଟର ବାଦ୍ ପଡ଼ିଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ବେଳେ ୨୦ ଲକ୍ଷ ୧୨ ହଜାର ୫୫୭ ଜଣ ଅନ୍ତର୍ଭୁକ୍ତ ଥିଲେ। ଏହାପରେ ଦାବି, ଆପତ୍ତି ଓ ଅନ୍ୟାନ୍ୟ ଯୋଗ୍ୟ ଆବେଦନ ଗୁଡ଼ିକର ନିଷ୍ପତ୍ତି ପରେ ୪୪୭୭୭ ଜଣ ଭୋଟରଙ୍କ ନାମ ଚିଠା ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଏହି ପ୍ରକ୍ରିୟାରେ ମୋଟ ୨ ଲକ୍ଷ ୯୦ ହଜାର ୪୯୭ ଜଣଙ୍କୁ ମଧ୍ୟ ନୂଆକରି ସାମିଲ କରାଯାଇଛି। ରାଜ୍ୟରେ ବର୍ତ୍ତମାନ ମୋଟ ୩କୋଟି ୧୬ଲକ୍ଷ ୩୨ହଜାର ୭୫୪ଜଣ ଭୋଟର ରହିଛନ୍ତି ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ୍‌ଙ୍କ ସୂଚନା ଅନୁଯାୟୀ ମୋଟ ଭୋଟରଙ୍କ ମଧ୍ୟରେ ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯ ଜଣ ପୁରୁଷ, ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଜଣ ମହିଳା ଓ ୨୭୭୪ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି। ଏହାସହ ରାଜ୍ୟରେ ଲିଙ୍ଗ ଅନୁପାତ ୯୬୧କୁ ବୃଦ୍ଧି ପାଇଛି ଓ ଭୋଟର-ଜନସଂଖ୍ୟା ଅନୁପାତ ୬୭.୦୫ ପ୍ରତିଶତ ରହିଛି। ମତଦାନ କେନ୍ଦ୍ରଗୁଡ଼ିକର ପୁନର୍ଗଠନ ପରେ ରାଜ୍ୟରେ ବୁଥ୍ ସଂଖ୍ୟା ୪୫୨୫୦କୁ ବୃଦ୍ଧି ପାଇଛି। ଜୁଲାଇ ୫ ତାରିଖରେ ଜାରି ଚିଠା ଭୋଟର ତାଲିକାରେ ଭୋଟ ୫ କୋଟି ୧୩ଲକ୍ଷ ୮୭ହଜାର ୩୪ଜଣ ଭୋଟର ଥିବାବେଳେ ସେପ୍ଟେମ୍ବର ୧୭ତାରିଖ ପର୍ଯ୍ୟନ୍ତ ସଂଶୋଧନ ପ୍ରକ୍ରିୟା ପରେ ରାଜ୍ୟରେ ମୋଟ୍ ଭୋଟର ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ରେ ପହଞ୍ଚିଛି। ଯାହା ଚିଠା ଭୋଟର ତାଲିକା ତୁଳନାରେ ୨ ଲକ୍ଷ ୪୫ ହଜାର ୭୨୦ ଅଧିକ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁସାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୦୨୬ ଜୁଲାଇ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଏହି ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ(ଏସଆଇଆର) ହାତକୁ ନିଆଯାଇଥିଲା। ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ୨୦୨୬ ମଇ ୧୭ ସୁଦ୍ଧା ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଥିଲା। ମାତ୍ର ପ୍ରଥମ ପର୍ଯ୍ୟାୟରେ ବିଏଲଓମାନଙ୍କ ମାଧ୍ୟମରେ ଘରେ ଘରେ ଗଣନା ଫର୍ମ ବଣ୍ଟନ କରାଯିବା ପରେ ୯୩.୯୭ ପ୍ରତିଶତ ଅର୍ଥାତ୍ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଟି ଫର୍ମ ଫେରିଆସିଥିଲା। ବାକି ୬.୦୩ ପ୍ରତିଶତ ଅର୍ଥାତ୍ ୨୦ ଲକ୍ଷ ୧୨ ହଜାର ୫୫୭ ଜଣଙ୍କ ଫର୍ମ ଫେରି ନ ଆସିବାରୁ ସେମାନଙ୍କୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିଲା। ବାଦ୍ ପଡ଼ିଥିବା ଏହି ୨୦.୧୨ଲକ୍ଷ ଭୋଟରଙ୍କ ମଧ୍ୟରୁ ୮ ଲକ୍ଷ ୩୨ ହଜାର ୫୪୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଲକ୍ଷ ୮ହଜାର ୨୦୫ ଜଣ ସ୍ଥାନାନ୍ତରିତ, ୧ଲକ୍ଷ ୯୯ ହଜାର ୨୪୯ ଜଣ ଅନୁପସ୍ଥିତ, ୧ ଲକ୍ଷ ୫୮ ହଜାର ୧୧୮ ଜଣ ନକଲି ବା ଡୁପ୍ଲିକେଟ୍ ଓ ୧୪୪୪୧ ଜଣ ଅନ୍ୟାନ୍ୟ କାରଣ ପାଇଁ ଚିହ୍ନଟ ହୋଇଥିଲେ। ଜୁଲାଇ ୫ ତାରିଖରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣଙ୍କୁ ନେଇ ଚିଠା ତାଲିକା ପ୍ରକାଶ ପାଇବା ପରେ ଆରମ୍ଭ ହୋଇଥିଲା ଯାଞ୍ଚ ଓ ନୋଟିସ୍ ପର୍ଯ୍ୟାୟ। ଏଥିରେ ୧୨ ଲକ୍ଷ ୯୮ ହଜାର ୭୭୯ ଜଣ ମ୍ୟାପିଂ ହୋଇ ନ ଥିବା ଭୋଟର ଓ ୪୫ ଲକ୍ଷ ୩୭ ହଜାର ୬୧୩ ଜଣଙ୍କ ତଥ୍ୟରେ ଯୁକ୍ତିଗତ ଅସଙ୍ଗତି ଦେଖାଦେବାରୁ ମୋଟ୍ ୫୮ ଲକ୍ଷ ୩୬ ହଜାର ୩୯୨ ଜଣଙ୍କୁ ନୋଟିସ୍ ▶ପୃଷ୍ଠା-୭

- ଫର୍ମ-୭ ଆଧାରରେ ତାଲିକାରୁ ବାଦ୍ ପଡ଼ିଲେ ୨୦୭୦୪ ଭୋଟର
- ୯୬୧କୁ ବୃଦ୍ଧି ପାଇଲା ରାଜ୍ୟରେ ପୁରୁଷ-ମହିଳା ଲିଙ୍ଗ ଅନୁପାତ

## ଓଲଟ ପାଲଟ



କୋଟି ଜନତାର ରାୟ ବଳରେ
ମୋଦୀ ହେଲେ ବିଶ୍ୱଗୁରୁ,
ଜନତା ବିରୋଧୀ ପଲିସି ପାଇଁକି
ପତନ ହେଲାଣି ସୁରୁ ।
ନିଗମ ନିର୍ବାଚନରୁ,
ବିରୋଧୀ ମେଣ୍ଟ ଟା ବିଜୟୀ ହେଉଛି
ବିଜେପିର ଅଙ୍କ ସରୁ ॥
-ଯାଯାବର

## ଆଜିଠାରୁ ବିଧାନସଭା

# ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି

■ ଭୁବନେଶ୍ୱର,୨୧।୯ (ସମିସ): ଆସନ୍ତାକାଲି ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ସର୍ବଦଳୀୟ ବୈଠକରେ ଗୃହର ଶୃଙ୍ଖଳିତ ପରିଚାଳନା ନିମନ୍ତେ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଅଧିବେଶନ

- ଏମଏମଡିଆର ଉପରେ ଆଲୋଚନା ନ ହେଲେ ଅସହଯୋଗ: ବିରୋଧୀ
- ରାଜ୍ୟସ୍ୱାର୍ଥ ସମ୍ବଳିତ ସବୁ ଆଲୋଚନା ପାଇଁ ଆମେ ପ୍ରସ୍ତୁତ: ଶାସକ

କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡିଛନ୍ତି ।

ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସୂଚନା ଅନୁସାରେ ଅଧିବେଶନ କିପରି ସୁରୁଖୁରୁରେ ଅନୁଷ୍ଠିତ ହେବ, ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଅଧିବେଶନରେ ମୋଟ ୬ଟି ବିଲ୍ ଆସିବ। ସେହିପରି ଏମଏମଡିଆର ସଂଶୋଧନ ବିଲ କିମ୍ବା ଅନ୍ୟ ଯେଉଁ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ବିରୋଧୀ ଆଣିବେ ତାହା ଆମେ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। ରାଜ୍ୟର ସ୍ୱାର୍ଥ ସମ୍ବଳିତ ଯେକୌଣସି ଆଲେଚନା ହେବ ତାହା ସରକାର ଗ୍ରହଣ କରିବେ ବୋଲି ସେ ▶ପୃଷ୍ଠା-୭



## ସ୍କୁଲ୍‌ରେ ଶିକ୍ଷୟିତ୍ରୀଙ୍କୁ ଗୁଳି କରି ହତ୍ୟା ପରେ ଆତ୍ମହତ୍ୟା

ଲଖୀମପୁର ଖେରି, ୨୧।୯(ଏଜେନ୍ସି): ଉତ୍ତରପ୍ରଦେଶର ଲଖୀମପୁର ଖେରିର ଏକ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସୋମବାର ଘଟିଥିବା ଏହି ଘଟଣା ପରେ ଅଭିଯୁକ୍ତ ମଧ୍ୟ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ପୁଲିସ କହିଛି। ମୃତ ଶିକ୍ଷୟିତ୍ରୀ ହେଉଛନ୍ତି ୨୬ ବର୍ଷୀୟା ନିଶାତ ଫାତିମା। ସେ ସଦର କୋତୱାଲି ଅଞ୍ଚଳର ହିଦାୟତ ନଗରର ବାସିନ୍ଦା। ଅଭିଯୁକ୍ତ ମହମ୍ମଦ ସୌଦଙ୍କ ବୟସ ୨୮ ବର୍ଷ ବୋଲି ପୁଲିସ ସୂଚନା ଦେଇଛି। ଖେରିର ବରିଷ୍ଠ ପୁଲିସ ଅଧୀକ୍ଷକ ଖ୍ୟାତି ଗର୍ଗଙ୍କ କହିବା ଅନୁଯାୟୀ, ସୌଦ ସୋମବାର ସକାଳ ପ୍ରାୟ ୧୧ଟା ୩୦ରେ 'ଚିଲଡ୍ରେନ୍ସ ଏକାଡେମୀ ସ୍କୁଲ୍' ପରିସରରେ ଫାତିମାଙ୍କୁ ଭେଟିବାକୁ ଆସିଥିଲେ। ଉଭୟ କରିଡରରେ କଥାବାର୍ତ୍ତା କରୁଥିବା ବେଳେ ସୌଦ ବ୍ୟାଗ୍‌ରୁ ବନ୍ଧୁକ ବାହାର କରି ଫାତିମାଙ୍କୁ ଗୁଳି କରିଥିଲେ। ପରେ ସେ ନିଜକୁ ମଧ୍ୟ ଗୁଳି କରିଥିଲେ। ପୁଲିସ ଅନୁଯାୟୀ, ଫାତିମା ଓ ସୌଦ ପରସ୍ପରକୁ ଦୀର୍ଘଦିନ ଧରି ଜାଣିଥିଲେ ଏବଂ ନିୟମିତ ଯୋଗାଯୋଗରେ ଥିଲେ। ଘଟଣାସ୍ଥଳର କରିଡରକୁ ଘେରାବନ୍ଦୀ କରାଯାଇ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ପରେ ଫରେନ୍‌ସିକ୍ ଟିମ୍ ପହଞ୍ଚି ପ୍ରମାଣ ସଂଗ୍ରହ କରିଥିଲା। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ପୁଲିସ କହିଛି। ସ୍କୁଲ୍ ପ୍ରଶାସନ, ଶିକ୍ଷକ, ପ୍ରତ୍ୟକ୍ଷଦର୍ଶୀ ଓ ଉଭୟ ପରିବାରର ସଦସ୍ୟଙ୍କୁ ପଚରାଉଚରା କରାଯାଉଛି।

## ଢାକାରେ ବୋମା ବିସ୍ଫୋରଣ; ୫୦୦ରୁ ଅଧିକ ଗିରଫ

ଢାକା, ୨୧।୯(ଏଜେନ୍ସି): ବାଂଲାଦେଶର ରାଜଧାନୀ ଢାକାରେ କ୍ରୁଡ୍ ବୋମା ବିସ୍ଫୋରଣ ଓ ବସ୍ ପୋଡ଼ିବା ଘଟଣା ପରେ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଛି। ଗତ ୨୪ ଘଣ୍ଟାରେ ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିବା ଢାକା ମହାନଗର ପୁଲିସ କହିଛି। ସହରର ପ୍ରମୁଖ ରାସ୍ତାରେ ୨୦୦ରୁ ଅଧିକ ଚେକ୍‌ପଏଣ୍ଟ କରାଯାଇଛି ଏବଂ ୪ଟି ପ୍ରମୁଖ ପ୍ରବେଶପଥରେ ଅତିରିକ୍ତ ପୁଲିସ ମୁତୟନ ହୋଇଛନ୍ତି। ରବିବାର ଢାକା ହାଇକୋର୍ଟର ମୁଖ୍ୟ ଫାଟକ ସମ୍ମୁଖରେ କ୍ରୁଡ୍ ବୋମା ବିସ୍ଫୋରଣ ହୋଇଥିଲା। ଏହା ପୂର୍ବରୁ ସେପ୍ଟେମ୍ବର ୧୫ରେ ସୁପ୍ରିମକୋର୍ଟ ସମ୍ମୁଖରେ ମଧ୍ୟ ସମାନ ଘଟଣା ଘଟିଥିଲା। ଯାତ୍ରାବାଡ଼ି ଅଞ୍ଚଳରେ ବୋମା ବିସ୍ଫୋରଣରେ ଜଣେ ରିକ୍ସା ଚାଳକ ଆହତ ହୋଇଛନ୍ତି। ଶନିବାର ଢାକାର ବିଭିନ୍ନ ସ୍ଥାନରେ ୩ଟି ବସ୍‌ରେ ନିଆଁ ଲଗାଯାଇଥିବା ବେଳେ ମୟମନସିଂହ ଓ ରାଜବାଡ଼ିରେ ମଧ୍ୟ ୨ଟି ବସ୍ ପୋଡ଼ିବା ଖବର ମିଳିଛି। ଯାତ୍ରାବାଡ଼ି ବିସ୍ଫୋରଣ ମାମଲାରେ ୪ ଜଣଙ୍କୁ ଗିରଫ କରି ୪ଟି ଅଫୁଟା କ୍ରୁଡ୍ ବୋମା ଜବତ କରିଛି ପୁଲିସ। ଘଟଣାଗୁଡ଼ିକ ମଧ୍ୟରେ ବିରୋଧୀ ଜାମାତ-ଇ-ଇସଲାମୀ ନେତୃତ୍ୱାଧୀନ ୧୧ ଦଳୀୟ ମେଣ୍ଟ ଢାକାରୁ ରଙ୍ଗପୁର ପର୍ଯ୍ୟନ୍ତ ପଦଯାତ୍ରା ଘୋଷଣା କରିଛି। ଏହାକୁ ନେଇ ପୁଲିସ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରିଛି।

## ଇମ୍ରାନଙ୍କ ତିନି ଭଉଣୀ ଗିରଫ; ୨୭ରେ ପିଟିଆଇର ପ୍ରତିବାଦ

ଇସଲାମାବାଦ, ୨୧।୯(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ୩ ଭଉଣୀଙ୍କୁ ଗିରଫ କରାଯାଇଥିବା ତାଙ୍କ ଦଳ ପାକିସ୍ତାନ ତେହରିକ୍-ଏ-ଇନସାଫ୍ (ପିଟିଆଇ) ଅଭିଯୋଗ କରିଛି। ଆଲିମା ଖାନ,



ଡା. ଉଜମା ଖାନ ଓ ନୁରିନ ଖାନଙ୍କୁ ଲାହୋରର କୋଟ ଲଖପତ ଜେଲ୍‌କୁ ପଠାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ପିଟିଆଇ ସୂଚନା ସଚିବ ଶେଖ୍ ୱାକାସ ଆକ୍ରମଙ୍କ କହିବାନୁସାରେ, ଇମ୍ରାନ ଖାନଙ୍କ ଭଉଣୀମାନଙ୍କ ସହ ସେମାନଙ୍କ ପିଲାମାନଙ୍କୁ ମଧ୍ୟ ହେପାଜତରେ ନିଆଯାଇଥିଲା। ପରେ ପିଲାମାନଙ୍କୁ ଛାଡ଼ି ଦିଆଯାଇଥିବା ସେ କହିଛନ୍ତି। ପିଟିଆଇ ମୁଖପାତ୍ର ଜୁଲ୍ ବୁଖାରୀ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନର ଅଭିଯୋଗ କରିଛନ୍ତି। ଦଳର ସୂଚନା ଅନୁଯାୟୀ, ରବିବାର ଆଲିମା ଖାନଙ୍କୁ ହେପାଜତରେ ନିଆଯାଇଥିବା ବେଳେ ସୋମବାର ଡା ଉଜମା ଓ ନୁରିନଙ୍କୁ ଗିରଫ କରାଯାଇଛି। ଲାହୋର ଡେପୁଟି କମିସନର ମହମ୍ମଦ ଅଲି ଇଜାଜ୍ ପଞ୍ଜାବର ମେଣ୍ଟେନାନ୍ସ ଅଫ୍ ପବ୍ଲିକ୍ ଅର୍ଡର ଆଇନ ଅଧୀନରେ ତିନି ଭଉଣୀଙ୍କୁ ୩୦ ଦିନ ପାଇଁ ଅଟକ ରଖିବାକୁ ଦୁଇଟି ଆଦେଶ ଜାରି କରିଥିବା ପିଟିଆଇ ପକ୍ଷରୁ କୁହାଯାଇଛି। ଇମ୍ରାନ ଖାନଙ୍କ ମୁକ୍ତି ଦାବିରେ ସେପ୍ଟେମ୍ବର ୨୭ରେ ବଡ଼ ପ୍ରତିବାଦ କରିବାକୁ ପିଟିଆଇ ଆହ୍ୱାନ ଦେଇଛି।

## ଇଟାଲୀ ସ୍କୁଲରେ ନିଷିଦ୍ଧ ହେବ ବୁର୍ଖା, ନକାବ୍

ରୋମ, ୨୧।୯(ଏଜେନ୍ସି): ଇଟାଲୀର ସ୍କୁଲଗୁଡ଼ିକରେ ବୁର୍ଖା ଓ ନକାବ୍ ପିନ୍ଧିବା ଉପରେ ନିଷେଧ ଲଗାଇବାକୁ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି। ଏଥିସହ ସ୍କୁଲରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସୀମିତ କରିବାକୁ ମଧ୍ୟ ସରକାର ଯୋଜନା କରୁଛନ୍ତି। ଏନେଇ ଖୁବ୍‌ଶୀଘ୍ର କ୍ୟାବିନେଟ୍‌ରେ ନିଷ୍ପତ୍ତି ହେବ। ପ୍ରସ୍ତାବିତ ନିୟମ ଅନୁଯାୟୀ, ଇଟାଲୀ ଶିକ୍ଷା ବ୍ୟବସ୍ଥା ସହ ଖାପ ଖୁଆଇବାରେ ଅସୁବିଧା ଭୋଗୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଇଟାଲୀୟ ଭାଷା ଶିକ୍ଷା ନେବାକୁ ପଡ଼ିପାରେ। ଏହି ଆଇନ କାର୍ଯ୍ୟକାରୀ ପାଇଁ ସଂସଦର ଅନୁମୋଦନ ଆବଶ୍ୟକ। ଏକ ଗବେଷଣା ସଂସ୍ଥା ଅନୁଯାୟୀ, ଇଟାଲୀର ସ୍କୁଲଗୁଡ଼ିକରେ ପ୍ରାୟ ୯.୩ ଲକ୍ଷ ବିଦେଶୀ ନାଗରିକ ଛାତ୍ରଛାତ୍ରୀ ଅଛନ୍ତି। ଏହା ମୋଟ ଛାତ୍ରଛାତ୍ରୀଙ୍କ ୧୧.୬ ପ୍ରତିଶତ। ଅନ୍ୟପକ୍ଷରେ, ବୁର୍ଖା ନିଷେଧକୁ ୟୁରୋପୀୟ ଅଦାଲତ ସାମାଜିକ ମିଳାମିଶା ଦୃଷ୍ଟିରୁ ଯୁକ୍ତିଯୁକ୍ତ ବୋଲି ଦେଖୁଥିବା ବେଳେ ମାନବାଧିକାର ସଂଗଠନ ଓ ଜାତିସଂଘ ଏହାକୁ ମହିଳାଙ୍କ ଧାର୍ମିକ ସ୍ୱାଧୀନତା ଉପରେ ହସ୍ତକ୍ଷେପ ବୋଲି ବିବେଚନା କରୁଛନ୍ତି।

## ବିହାରରେ ଲଜ୍ଜା: ରାସ୍ତାକଡ଼ରେ ଯୁବତୀଙ୍କୁ ଟଣାଓଟରା ୩ ଧରାପଡ଼ିଲେ, ୪ ଫେରାର



ପାଟନା, ୨୧।୯(ଏଜେନ୍ସି): ବିହାରର ଜମୁଇରେ ଏକ ଲଜ୍ଜାଜନକ ଘଟଣା ସାରାଦେଶରେ ଆଲୋଡ଼ନ ସୃଷ୍ଟି କରିଛି। କୋଚିଂ ସେଣ୍ଟରରୁ ଦୁଇ ଜଣ ୧୦ମ ଶ୍ରେଣୀ ଛାତ୍ର ଛାତ୍ରୀ ଗତ ଶନିବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଛନ୍ତି। ସେମାନେ ସ୍କୁଟରରେ ବସି ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ମାରପିଟ୍ କରିଥିଲେ। ସେମାନେ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଭିଡ଼ ସେମାନଙ୍କୁ ଘେରିଯାଇଥିଲେ। ଛାତ୍ରୀଙ୍କୁ ସେମାନେ ଟଣାଓଟରା କରିବା ସହିତ ଅସଦାଚରଣ ମଧ୍ୟ କରିଥିଲେ। ଭିଡ଼ କବଳରୁ ନିଜକୁ ଉଦ୍ଧାର କରିଥିଲେ ମଧ୍ୟ ଲଜ୍ଜା ଓ ଭୟରେ ସେମାନେ ପୁଲିସରେ ଏତଲା ଦେଇନଥିଲେ। ତେବେ ଏହି ଘଟଣାର ଭିଡିଓ ଭାଇରାଲ ହେବାପରେ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭିଡିଓରେ ଦେଖାଯାଉଥିବା ଗାଡ଼ିର ନମ୍ବରକୁ ଚିହ୍ନଟ କରି ପୁଲିସ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଚଢ଼ଉ କରିଥିଲା। ବର୍ତ୍ତମାନ ସୁଦ୍ଧା ତିନି ଜଣ ଗିରଫ ହୋଇଥିବା ବେଳେ ଅନ୍ୟ ୪ ଜଣ ଫେରାର ହୋଇଯାଇଛନ୍ତି।

ଏହି ଘଟଣାକୁ ବିଭିନ୍ନ ରାଜନୈତିକ ଦଳ ଓ ସଗଠନ ନିନ୍ଦା କରିଛନ୍ତି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଘଟଣାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଆପ୍, ଆର୍‌ଜେଡି ଓ ଟିଏମ୍‌ସି ମଧ୍ୟ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରାହୁଲ କହିଛନ୍ତି ଯେ ବିହାରରେ ଅରାଜକତା ବ୍ୟାପିଛି। ରାଜ୍ୟରେ ସନ୍ଧ୍ୟା ବେଳେ ମଧ୍ୟ ମହିଳା ସୁରକ୍ଷିତ ନୁହନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ଛାତ୍ର ଆତ୍ମହତ୍ୟା ପରେ ବିଦାହେଲେ ଆଇଆଇଟି ବମ୍ବେର ଡିନ୍



ମୁମ୍ବାଇ, ୨୧।୯(ଏଜେନ୍ସି): ଛାତ୍ର ସାହିଲ ୱାକୋଡେଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ବିବାଦ ତୀବ୍ର ହେବା ପରେ ଆଇଆଇଟି ବମ୍ବେ ପକ୍ଷରୁ ପ୍ରଫେସର ସୂର୍ଯ୍ୟନାରାୟଣ ଦୂଲ୍ଲାଙ୍କୁ ପ୍ରଶାସନିକ ବ୍ୟାପାର ଡିନ୍ ପଦରୁ ହଟାଇ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ତିନିଦିନିଆ ଅନ୍ଦୋଳନ ଏବଂ ଘଟଣାର ନିରପେକ୍ଷ ତଦନ୍ତ ଦାବି ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଦ୍ୱିତୀୟବର୍ଷ ଇଞ୍ଜିନିୟରିଂ ଛାତ୍ର ସାହିଲ ସେପ୍ଟେମ୍ବରକ ୧୮ରେ ମଧ୍ୟ-ସେମିଷ୍ଟର ପରୀକ୍ଷା ପରେ ଆତ୍ମହତ୍ୟା କରିଥିଲେ। ପରୀକ୍ଷା ସମୟରେ ସେ ମୋବାଇଲ୍ ଫୋନ୍ ବ୍ୟବହାର କରି ଚାଟ୍‌ଜିପିଟି ଜରିଆରେ ଉତ୍ତର ଖୋଜୁଥିବା ଅଭିଯୋଗ ହୋଇଥିଲା। ଏହି ପରୀକ୍ଷାରେ ପ୍ରଫେସର ଦୂଲ୍ଲା ନିରୀକ୍ଷକ ଥିଲେ। ତେବେ ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା ଯେ, ଘଟଣା ପରେ ସାହିଲଙ୍କୁ ପରାମର୍ଶ ଦିଆଯାଇଥିଲା ଏବଂ ତାଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ ପଦକ୍ଷେପ ନିଆଯାଇ ନଥିଲା। ଅନ୍ୟପକ୍ଷରେ, ସାହିଲଙ୍କ ପରିବାର ପ୍ରଫେସର ଓ ଅନୁଷ୍ଠାନର ଅଧିକାରୀଙ୍କ ବିରୋଧରେ ନିର୍ଯାତନା ଓ ଜାତିଭିତ୍ତିକ ଭେଦଭାବର ଅଭିଯୋଗ ଆଣିଛନ୍ତି। ପରିବାରର ଅଭିଯୋଗ ଆଧାରରେ ରୁଜୁ ଏତଲାରେ ଦୂଲ୍ଲାଙ୍କ ନାମ ମଧ୍ୟ ରହିଛି। ଏହି ଅଭିଯୋଗଗୁଡ଼ିକର ତଦନ୍ତ ଚାଲିଛି। ଏହି ଘଟଣାରେ ପୂର୍ବରୁ ଜାରି ବିବୃତି ପାଇଁ ଅନୁଷ୍ଠାନ କ୍ଷମା ମାଗିବା ସହ ନିର୍ଦ୍ଦେଶକ ଇସ୍ତଫା ଦେଇନାହାନ୍ତି ବୋଲି ସ୍ପଷ୍ଟ କରିଛି। ଏବେ ସାହିଲଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ ଓ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ସମସ୍ତଙ୍କ ନଜର ରହିଛି।

# କାହିଁକି ନାଲି ଆଖି ଦେଖାଉଛନ୍ତି ଟ୍ରମ୍ପ



### ଭାରତ ଉପରେ ଆମେରିକାର ଶୁଳ୍କ ଚାପକୁ ନେଇ ପ୍ରଶ୍ନ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ରୁଷିଆରୁ ଅଶୋଧିତ ତୈଳ କିଣିବାକୁ ନେଇ ଭାରତ ଉପରେ ଆମେରିକାର ଚାପ ବଢ଼ିବାରେ ଲାଗିଛି। ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ବ୍ୟବସ୍ଥା ଥିବା ଆମେରିକୀୟ ଆଇନ ଏବେ ଚର୍ଚ୍ଚାର କେନ୍ଦ୍ରରେ। ଭାରତ ଓ ଚୀନ୍ ରୁଷିଆରୁ ଶକ୍ତି ଆମଦାନି କରୁଥିବା ପ୍ରମୁଖ ଦେଶ ହୋଇଥିବାରୁ ଏହି ପଦକ୍ଷେପର ପ୍ରଭାବ ଦୁଇ ଦେଶ ଉପରେ ପଡ଼ିପାରେ। ତେବେ ପ୍ରଶ୍ନ ଉଠୁଛି ଭାରତ ସହିତ ସୁସଂପର୍କ ସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପ ବିଭିନ୍ନ ସମୟରେ ଭାରତକୁ କାହିଁକି ନାଲି ଆଖି ଦେଖାଉଛନ୍ତି।

୧୯୯୮ରେ ଭାରତ ପୋଖରାନ୍-୨ ପରମାଣୁ ପରୀକ୍ଷଣ କରିବା ପରେ ଆମେରିକା ଭାରତ ଉପରେ କଟକଣା ଲଗାଇଥିଲା। ପ୍ରାୟ ୨୫ ବର୍ଷ ପରେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ପ୍ରଶାସନ ସେହି କଟକଣା ହଟାଇଥିଲା। ଏବେ ରୁଷିଆରୁ ତୈଳ ଆମଦାନିକୁ କେନ୍ଦ୍ର କରି ପୁଣି ଦୁଇ ଦେଶର ସମ୍ପର୍କରେ ଚାପ ସୃଷ୍ଟି ହୋଇଛି। ଗତ ୧୭ରେ ଆମେରିକାର ପ୍ରତିନିଧି ସଭା ରୁଷିଆ ଓ ଇରାନ୍ ସମ୍ପର୍କିତ କଟକଣା ଆଇନ ପାରିତ କରିଥିଲା। ଏହା ପୂର୍ବରୁ ସିନେଟ୍‌ରେ ମଧ୍ୟ ପାରିତ ହୋଇଥିଲା। ସେପ୍ଟେମ୍ବର ୧୯ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ସ୍ୱାକ୍ଷର କରିଥିଲେ। ଆଇନ ଅନୁସାରେ ରୁଷିଆରୁ ତୈଳ ଓ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବାର କ୍ଷମତା ରାଷ୍ଟ୍ରପତିଙ୍କୁ ମିଳିଛି।

ଏହି ପରିପ୍ରେକ୍ଷୀରେ ଆମେରିକାର କିଛି ନୀତି ବିଶେଷଜ୍ଞଙ୍କ ମତରେ, ୱାସିଂଟନ୍ ଭାରତର ଦ୍ରୁତ ଆର୍ଥିକ ଉତ୍ଥାନକୁ ନେଇ ଚିନ୍ତିତ। ଚୀନ୍‌କୁ ବିଶ୍ୱର ଏକ ପ୍ରମୁଖ ଆର୍ଥିକ ଓ ରାଜନୈତିକ ଶକ୍ତିରେ ପରିଣତ କରିବାରେ ଆମେରିକାର ପୂର୍ବ ନୀତିର ଭୂମିକା ଥିଲା ବୋଲି ଯେଉଁ ଆଲୋଚନା ରହିଛି, ଭାରତ କ୍ଷେତ୍ରରେ ସେହି ଅନୁଭବକୁ ପୁନରାବୃତ୍ତି ନକରିବାକୁ ଆମେରିକା ଚାହୁଁଥିବା କୁହାଯାଉଛି। ତେଣୁ ଆର୍ଥିକ ଦୃଷ୍ଟିରୁ ଭାରତକୁ ଦୁର୍ବଳ କରିବାକୁ ଚାହୁଛି ଆମେରିକା।

ତେବେ ଭାରତ ଦୀର୍ଘଦିନ ଧରି ନିଜର ରଣନୈତିକ ସ୍ୱାୟତ୍ତତା ନୀତି ଅନୁସରଣ କରିଆସିଛି। ଦେଶ ନିଜର ଆର୍ଥିକ ଓ ରଣନୈତିକ ସ୍ୱାର୍ଥ ଅନୁଯାୟୀ ଆମେରିକା, ଫ୍ରାନ୍ସ, ରୁଷିଆ ଓ ଅନ୍ୟ ଦେଶ ସହ ସମ୍ପର୍କ ରଖିଆସୁଛି। ଭାରତର ଆମଦାନି ହେଉଥିବା ଅଶୋଧିତ ତୈଳର ବଡ଼ ଅଂଶ ରୁଷିଆରୁ ଆସୁଥିବାରୁ ହଠାତ୍ ଏହାକୁ ବନ୍ଦ କରିବା ଭାରତ ପାଇଁ ସହଜ ନୁହେଁ। ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା କହିଛନ୍ତି ଯେ ୧୪୦ କୋଟି ଭାରତୀୟଙ୍କ ପାଇଁ ଶକ୍ତି ସୁରକ୍ଷା ଏକ ରଣନୈତିକ ଆବଶ୍ୟକତା। ତୈଳ କ୍ରୟ ସମ୍ପର୍କିତ ଭାରତର ନିଷ୍ପତ୍ତି ଉପଲବ୍ଧତା, ମୂଲ୍ୟ, ବଜାର ପରିସ୍ଥିତି ଓ ବାଣିଜ୍ୟିକ ସମ୍ଭାବନା ଆଧାରରେ ନିଆଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତର ବିଦେଶ ମନ୍ତ୍ରଣାଳୟ ମଧ୍ୟ ଦେଶର ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେବା ସହ ବାଣିଜ୍ୟ ଓ ଆର୍ଥିକ ସ୍ୱାର୍ଥ ସୁରକ୍ଷା ପାଇଁ ଆବଶ୍ୟକ ସବୁ ପଦକ୍ଷେପ ନିଆଯିବ ବୋଲି କହିଛି। ୧୯୯୮ର ଆମେରିକୀୟ କଟକଣାର ଅଭିଜ୍ଞତା ମଧ୍ୟ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେତେବେଳେ କଟକଣା ସତ୍ତ୍ୱେ ଭାରତ ନିଜର ଆର୍ଥିକ ବିକାଶ ଜାରି ରଖିଥିଲା ଏବଂ ଆମେରିକା ସହ ଆଲୋଚନା ମଧ୍ୟ ଜାରି ରଖିଥିଲା। ପରବର୍ତ୍ତୀ ସମୟରେ ଦୁଇ ଦେଶର ସମ୍ପର୍କରେ ଉନ୍ନତି ହୋଇ ୨୦୦୮ରେ ଭାରତ-ଆମେରିକା ପରମାଣୁ ଚୁକ୍ତି ସ୍ୱାକ୍ଷର ହୋଇଥିଲା।



## ପାକିସ୍ତାନର ପୁଣି ଆକ୍ରମଣ

### ଆଫଗାନିସ୍ତାନରେ ୨୮ ନିହତ

କାବୁଲ, ୨୧।୯(ଏଜେନ୍ସି): ଆଫଗାନିସ୍ତାନର ପୂର୍ବାଞ୍ଚଳରେ ସୋମବାର ଭୋରୁ ପାକିସ୍ତାନ ବିମାନବାହିନୀ ଆକାଶମାର୍ଗରୁ ଆକ୍ରମଣ କରିଛି। କୁନାର ଓ ପକ୍ତିକା ପ୍ରଦେଶର ବିଭିନ୍ନ ଅଞ୍ଚଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ ହୋଇଥିବା ବେଳେ ୨୮ ଜଣ ବ୍ୟକ୍ତି ନିହତ ହୋଇଥିବା ପାକିସ୍ତାନ ପକ୍ଷରୁ ଦାବି କରାଯାଇଛି। ଆଫଗାନିସ୍ତାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ କହିଛନ୍ତି, କୁନାରରେ ପାକିସ୍ତାନୀ ଆକ୍ରମଣରେ ଜଣେ ମହିଳାଙ୍କ ସମେତ ୩ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି। ଆଉ ୪ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ ଜଣ ମହିଳା ଓ ୨ ଜଣ ପୁରୁଷ ରହିଥିବା ସେ କହିଛନ୍ତି। ପକ୍ତିକାରେ ହୋଇଥିବା ଆକ୍ରମଣରେ ଏକ ଘର ଓ ସ୍ଥାନୀୟ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ମୁଜାହିଦ୍ ଏହି ଘଟଣାକୁ ଆଫଗାନିସ୍ତାନ ବିରୋଧରେ 'ଆକ୍ରମଣ' ଓ ପୂର୍ବରୁ ଘଟିଥିବା 'ଅପରାଧର ପୁନରାବୃତ୍ତି' ବୋଲି ଅଭିହିତ କରିଛନ୍ତି। ଆଫଗାନିସ୍ତାନ ଏହାର 'ଉପଯୁକ୍ତ ଜବାବ' ଦେବ ବୋଲି ସେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ପକ୍ତିକାର ବରମାଲ ଜିଲ୍ଲାର ରାଖା ଓ ଟୋରକାଣ୍ଡି ଅଞ୍ଚଳରେ ଦୁଇଟି ପୃଥକ ଆକ୍ରମଣ ହୋଇଥିଲା। କୁନାରରେ ମଧ୍ୟ ଏକ ଆକ୍ରମଣ ହୋଇଥିବା ଏବଂ ସେଠାରେ ମୃତାହତ ହୋଇଥିବା ସୂଚନା ମିଳିଛି। ଏପ୍ରିଲରୁ ଜୁନ୍ ୨୦୨୬ ମଧ୍ୟରେ ସୀମାପାର ହିଂସା ଯୋଗୁଁ ଆଫଗାନିସ୍ତାନରେ ୩୯୯ ଜଣ ସାଧାରଣ ନାଗରିକ ମୃତାହତ ହୋଇଥିବା ଜାତିସଂଘ ସହାୟତା ମିଶନ୍ ଆଫଗାନିସ୍ତାନ କହିଥିଲା। ଏଥିରେ ୫୭ ଜଣଙ୍କ ମୃତ୍ୟୁ ଓ ୩୪୨ ଜଣ ଆହତ ହୋଇଥିଲେ। ମୃତାହତଙ୍କ ମଧ୍ୟରେ ୪୦ ଜଣ ମହିଳା ଓ ୧୧୨ ଜଣ ଶିଶୁ ଥିଲେ। ଜାତିସଂଘ ଅନୁଯାୟୀ, ବାୟୁ ଆକ୍ରମଣ ଓ ସ୍ଥଳ ସଂଘର୍ଷ ନାଗରିକ ମୃତାହତର ପ୍ରମୁଖ କାରଣ ଥିଲା। ଜୁନ୍ ୨୮ରେ ପକ୍ତିୟା, ପକ୍ତିକା ଓ କୁନାରରେ ହୋଇଥିବା ଆକ୍ରମଣରେ ୨୮ ଜଣ ନାଗରିକ ନିହତ ଓ ୪୯ ଜଣ ଆହତ ହୋଇଥିବା ଜାତିସଂଘ ପୂର୍ବରୁ ନିଶ୍ଚିତ କରିଥିଲା।

## ମମତାଙ୍କ ଆବେଦନର ଜରୁରୀ ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୧।୯(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନାମ ଏବଂ ଫୁଲ ଓ ଘାସ ଥିବା ଦଳୀୟ ଚିହ୍ନକୁ ଅସ୍ଥାୟୀ ଭାବେ ଫ୍ରିଜ୍ ବା ସ୍ଥଗିତ କରିବାର ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି।




ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ନେଇଥିବା ଏହି ନିଷ୍ପତ୍ତି ବିରୋଧରେ ମମତା ବାନାର୍ଜୀ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ମମତା ଏବଂ ଅରୂପ ରାୟଙ୍କ ନେତୃତ୍ୱାଧୀନ ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ନିର୍ବାଚନ ଆୟୋଗ (ଇସି) ସେପ୍ଟେମ୍ବର ୧୮ରେ ଏହି ଅନ୍ତରୀଣ ଆଦେଶ ଦେଇଥିଲେ। ଇସିଙ୍କ ନିର୍ଦ୍ଦେଶକ୍ରମେ, ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଓ ରେଜିନଗର ଉପନିର୍ବାଚନ ପାଇଁ ମମତା ଗୋଷ୍ଠୀକୁ ଫୁଟବଲ ଏବଂ ବିଦ୍ରୋହୀ ଅରୂପ ରାୟ ଗୋଷ୍ଠୀକୁ ଲଫାପା ନିର୍ବାଚନୀ ସଙ୍କେତ ଭାବେ ଆବଣ୍ଟନ କରାଯାଇଛି। ସୁପ୍ରିମକୋର୍ଟରେ ମମତାଙ୍କ ପକ୍ଷ ବରିଷ୍ଠ ଆଇନଜୀବୀ କପିଲ ସିବଲ ରଖିଥିଲେ। ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଇସି ଏପରି ନିଷ୍ପତ୍ତି ନେବା ଆଶ୍ଚର୍ଯ୍ୟଜନକ ବୋଲି ସେ କହିଥିଲେ। ଏହାସହ ଏହି ମାମଲାକୁ ଶୀଘ୍ର ତାଲିକାଭୁକ୍ତ ପାଇଁ ଅନୁରୋଧ କରିଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଅପରପକ୍ଷର ମଧ୍ୟ କହିବାର କିଛି ରହିଛି, ତେଣୁ ମାମଲାଟି ଶୁଣାଣି ପାଇଁ ତାଲିକାଭୁକ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ଏହାସହ କୋର୍ଟ ଏହାର ଶୀଘ୍ର ଶୁଣାଣି ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ।

## ଜାତିଗତ ଜନଗଣନା ପରେ ୪ ଭାଗ ହେବ ଉତ୍ତରପ୍ରଦେଶ

ଲକ୍ଷ୍ନୌ, ୨୧।୯(ଏଜେନ୍ସି): ଜାତିଗତ ଜନଗଣନା ପରେ ଉତ୍ତରପ୍ରଦେଶକୁ ୪ଟି ରାଜ୍ୟରେ ବିଭକ୍ତ କରାଯିବ ବୋଲି ଦାବି କରିଛନ୍ତି ଉତ୍ତରପ୍ରଦେଶ ସରକାରର ମନ୍ତ୍ରୀ ତଥା ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସ୍‌ବିଏସ୍‌ପି) ମୁଖ୍ୟ ଓମ୍ ପ୍ରକାଶ ରାଜଭର। ରବିବାର ଦେଓରିଆରେ ଆୟୋଜିତ ଦଳର 'ସାମାଜିକ ସମରସତା ମହାରାଲି'ରେ ରାଜଭର କହିଛନ୍ତି ଯେ ଏନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି ଏବଂ ଜାତିଗତ ଜନଗଣନା ପରେ ରାଜ୍ୟ ବିଭାଜନରେ ଅସୁବିଧା ରହିବ ନାହିଁ ବୋଲି ମୋଦୀ ତାଙ୍କୁ ଆଶ୍ୱାସନ ଦେଇଥିବା ସେ ଦାବି କରିଛନ୍ତି। ରାଜଭର ତାଙ୍କ ଭାଷଣରେ ୨୭ ପ୍ରତିଶତ ଅନ୍ୟ ପଛୁଆ ବର୍ଗ (ଓବିସି) ସଂରକ୍ଷଣରେ ଅଧିକ ନ୍ୟାୟସଙ୍ଗତ ଅଂଶୀଦାରିତାର ପ୍ରସଙ୍ଗ ଉଠାଇଥିଲେ। ତେବେ ପ୍ରଧାନମନ୍ତ୍ରୀ ଏଭଳି ଆଶ୍ୱାସନ ଦେଇଥିବା ଦାବି ରାଜଭରଙ୍କ ନିଜସ୍ୱ ବୟାନ ଉପରେ ଆଧାରିତ। ଉତ୍ତରପ୍ରଦେଶ ବିଭାଜିତ ହୋଇ ପୂର୍ବାଞ୍ଚଳ ଅଲଗା ରାଜ୍ୟ ହେଲେ, ସେଠାରେ ରାଜଭର ସମ୍ପ୍ରଦାୟର ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେବେ। ଉତ୍ତରପ୍ରଦେଶ ବିଭାଜନର ଦାବି ନୂଆ ନୁହେଁ। ୨୦୧୧ ନଭେମ୍ବରରେ ତତ୍କାଳୀନ ମାୟାବତୀ ସରକାର ରାଜ୍ୟକୁ ପୂର୍ବାଞ୍ଚଳ, ବୁନ୍ଦେଲଖଣ୍ଡ, ଅବଧ ପ୍ରଦେଶ ଓ ପଶ୍ଚିମ ପ୍ରଦେଶ—ଏହି ୪ଟି ଅଂଶରେ ବିଭକ୍ତ କରିବା ନେଇ ବିଧାନସଭାରେ ପ୍ରସ୍ତାବ ପାରିତ କରିଥିଲା। କେନ୍ଦ୍ର ସରକାରଙ୍କ ଏକ ଲୋକସଭା ଉତ୍ତର ଅନୁଯାୟୀ, ୨୦୧୧ରେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ୪ଟି ନୂଆ ରାଜ୍ୟ ଗଠନର ପ୍ରସ୍ତାବ କେନ୍ଦ୍ରକୁ ପଠାଯାଇଥିଲା। ତେବେ ୨୦୧୪ରେ କେନ୍ଦ୍ର ସରକାର କହିଥିଲା ଯେ ଉତ୍ତରପ୍ରଦେଶରୁ ନୂଆ ରାଜ୍ୟ ଗଠନ ପାଇଁ କୌଣସି ପ୍ରସ୍ତାବ ସେତେବେଳେ କେନ୍ଦ୍ରର ବିଚାରାଧୀନ ନଥିଲା।



## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ: ପୁଣି ଖୋଲିବ ଧର୍ମସ୍ଥଳ ଦୁଷ୍କର୍ମ-ହତ୍ୟା ମାମଲା

ବେଙ୍ଗାଲୁରୁ, ୨୧।୯(ଏଜେନ୍ସି): କର୍ଣ୍ଣାଟକର ଧର୍ମସ୍ଥଳ ଅଞ୍ଚଳରେ ୨୦୧୨ରେ ଘଟିଥିବା ୧୭ ବର୍ଷୀୟା ସୌଜନ୍ୟାଙ୍କ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପୁଣିଥରେ ତଦନ୍ତ ହେବ। ସୋମବାର ସୁପ୍ରିମକୋର୍ଟ ଏହି ମାମଲାରେ ନୂଆ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ୩ ମାସ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହା ସହ ପ୍ରାୟ ୧୪ ବର୍ଷ ଧରି ନିର୍ଣ୍ଣୟ ହୋଇ ନଥିବା ଏହି ମାମଲାଟି ପୁଣି ଚର୍ଚ୍ଚାକୁ ଆସିଛି। ୨୦୧୨ ଅକ୍ଟୋବରରେ କର୍ଣ୍ଣାଟକର ଉଜିରେ ଅଞ୍ଚଳରୁ ସୌଜନ୍ୟାଙ୍କ ମୃତଦେହ ମିଳିଥିଲା। ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ମାମଲା ରୁଜୁ ହୋଇଥିଲା। ପ୍ରଥମେ କର୍ଣ୍ଣାଟକ ଅପରାଧ ତଦନ୍ତ ବିଭାଗ ଏବଂ ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ମାମଲାର ତଦନ୍ତ କରିଥିଲା। ତେବେ ଘଟଣା ପାଇଁ ପ୍ରକୃତ ଦାୟୀ କିଏ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ମାମଲାରେ



ଗିରଫ ହୋଇଥିବା ସନ୍ତୋଷ ରାଓଙ୍କୁ ୨୦୨୩ ଜୁନ୍‌ରେ ସିବିଆଇର ସ୍ୱତନ୍ତ୍ର ଅଦାଲତ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଥିଲେ। ଏହା ପରେ ସୌଜନ୍ୟାଙ୍କ ପରିବାର ପକ୍ଷରୁ ପ୍ରକୃତ ଅପରାଧୀଙ୍କୁ ଚିହ୍ନଟ କରିବା ଏବଂ ତଦନ୍ତରେ ହୋଇଥିବା ତ୍ରୁଟିର ପୁନଃ ସମୀକ୍ଷା ପାଇଁ ଦାବି ହୋଇଆସୁଥିଲା। ସୌଜନ୍ୟାଙ୍କ ମା' କୁସୁମାବତୀ ଗୌଡ଼ ୨୦୨୪ରେ କର୍ଣ୍ଣାଟକ ହାଇକୋର୍ଟରେ ନୂଆ କରି ସିବିଆଇ ତଦନ୍ତ ପାଇଁ ଆବେଦନ କରିଥିଲେ। ଅଗଷ୍ଟ ୨୦, ୨୦୨୪ରେ ହାଇକୋର୍ଟ ଆବେଦନ ଖାରଜ କରିଥିଲେ ମଧ୍ୟ ମାମଲାରେ ଅନ୍ୟ କେହି ଦାୟୀ ଥିବା ସମ୍ଭାବନା ସମ୍ପର୍କରେ ଅଧିକ ତଦନ୍ତର ଆବଶ୍ୟକତା ନେଇ କିଛି ପ୍ରଶ୍ନ ଉଠାଇଥିଲେ। ୨୦୨୫ରେ ଧର୍ମସ୍ଥଳ ଅଞ୍ଚଳରେ ବହୁ ସଂଖ୍ୟକ ମୃତଦେହ ପୋତାଯିବା ସମ୍ପର୍କିତ ଜଣେ ପୂର୍ବତନ ସଫେଇ କର୍ମଚାରୀଙ୍କ ଅଭିଯୋଗ ପରେ ସୌଜନ୍ୟା ମାମଲା ପୁଣି ଚର୍ଚ୍ଚାକୁ ଆସିଥିଲା। ସେ ଶହ ଶହ ମୃତଦେହକୁ ପୋତିବା କିମ୍ବା ପୋଡ଼ିବାକୁ ବାଧ୍ୟ କରାଯାଇଥିବା ଏବଂ କେତେକ ମୃତଦେହରେ ଯୌନ ନିର୍ଯାତନା ଓ ହତ୍ୟାର ଚିହ୍ନ ଥିବା ଦାବି କରିଥିଲେ। ଏହା ପରେ କର୍ଣ୍ଣାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଥିଲେ। ତେବେ ଏହି ଏସ୍‌ଆଇଟିର ତଦନ୍ତର ପ୍ରମୁଖ ବିଷୟ ଥିଲା ବହୁ ମୃତଦେହ ପୋତାଯିବା ସମ୍ପର୍କିତ ଅଭିଯୋଗ। ସୌଜନ୍ୟାଙ୍କ ୨୦୧୨ର ମାମଲାକୁ ପୁଣି ଖୋଲିବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ଆବଶ୍ୟକ ବୋଲି ଅଧିକାରୀମାନେ କହିଥିଲେ। ଏବେ ସୁପ୍ରିମକୋର୍ଟଙ୍କ ନୂଆ ନିର୍ଦ୍ଦେଶ ପରେ ମାମଲାରେ ପୁଣି ତଦନ୍ତ ଆରମ୍ଭ ହେବ। ପୂର୍ବରୁ ତଦନ୍ତରେ ସାମିଲ ଥିବା ଅଧିକାରୀମାନଙ୍କୁ ନୂଆ ତଦନ୍ତ ଦଳରେ ସାମିଲ ନକରିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରେ କୁହାଯାଇଛି। ଏବେ ନୂଆ ତଦନ୍ତରେ ୨୦୧୨ରେ ସୌଜନ୍ୟାଙ୍କ ସହ କ'ଣ ଘଟିଥିଲା ଏବଂ ଘଟଣା ପାଇଁ କିଏ ଦାୟୀ, ତାହା ସ୍ପଷ୍ଟ କରିବା ଉପରେ ଗୁରୁତ୍ୱ ରହିବ।

# ବିଧାନସଭାରେ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ ଉଠାଇବ ବିଜେଡି



● ଏମ୍ଏମ୍‌ଡିଆର ସଂଶୋଧନ ଆଇନକୁ ପ୍ରତ୍ୟାହାର ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଆଣନ୍ତୁ
● ପାଠ୍ୟ ପୁସ୍ତକର ତ୍ରୁଟି ସଂଶୋଧନ କରି ପୁସ୍ତକ ଦିଆଯାଇ ନାହିଁ
● ରାଜ୍ୟ ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ସ୍ୱରରେ ଉତ୍ଥାପିତ କରିବ ଦଳ

ଭୁବନେଶ୍ୱର,୨୧।୯ (ସମିସ): ସୋମବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଓ ରାଜ୍ୟର ସାଢ଼େ ଚାରିକୋଟି ଲୋକ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ଏହି ପ୍ରସଙ୍ଗ ଗୁଡ଼ିକ ବିଧାନସଭାରେ ଉଠାଯିବ ବୋଲି ବିଜେଡି କହିଛି। ବିଧାୟକ ଦଳ ବୈଠକ ଶେଷ ହେବା ପରେ ବିଧାନସଭାରେ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବିଧାୟକ ନିରଞ୍ଜନ ପୂଜାରୀ ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ସୂଚନା ଦେଇଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ବିନା ଆଲୋଚନାରେ ଏମଏମଡିଆର ସଂଶୋଧନ ଆଇନକୁ ପାରିତ କରାଗଲା, ଯାହା ଯୋଗୁଁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ଅନୁଯାୟୀ ଓଡ଼ିଶାକୁ ମିଳିବାକୁ ଥିବା ରାଜସ୍ୱ ଆଉ ମିଳିବ ନାହିଁ। ଭାରତର ସମ୍ବିଧାନରେ ରାଜ୍ୟକୁ ଦିଆଯାଇଥିବା ସ୍ୱାଧୀନତାକୁ ଛଡ଼ାଇ ନିଆଯାଇଛି। ଏହାଦ୍ୱାରା ସଂଘୀୟ ବ୍ୟବସ୍ଥା ଉପରେ ଆଘାତ ଦିଆଯାଇଛି। ଏହି ସଂଶୋଧନ ଆଇନକୁ ଫେରାଇ ନେବା ପାଇଁ ରାଜ୍ୟ ସରକାର ଏକ ପ୍ରସ୍ତାବ ଆଣନ୍ତୁ, ଯାହାକୁ ବିଜୁ ଜନତା ଦଳ ସମର୍ଥନ କରିବ। ରାଜ୍ୟ ବିଜେପି ସରକାର ଏଥିପାଇଁ ରାଜି ନାହାନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗ ବିଧାନସଭାରେ ଆଲୋଚନା ହେବା ଜରୁରୀ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେହି ତ୍ରୁଟିକୁ ସୁଧାରି ନୂତନ ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ଏପର୍ଯ୍ୟନ୍ତ ଦିଆଯାଇ ନାହିଁ। କିନ୍ତୁ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହିଭଳି ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅନେକ ପ୍ରସଙ୍ଗ ରହିଛି, ଯାହା ବିଧାନସଭାରେ ଆଲୋଚନା ହେବ ବୋଲି ସେ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ଆଇନ ଶୃଙ୍ଖଳାଠାରୁ ଆରମ୍ଭ କରି ବନ୍ୟା ପରିଚାଳନାରେ ବିଫଳତା, ଦରବୃଦ୍ଧି, ଆର୍ଥିକ କୁପରିଚାଳନା, ବଜେଟ୍ ଅର୍ଥ ଖର୍ଚ୍ଚ କରି ନ ପାରିବା ଆଦି ବିଭିନ୍ନ ପ୍ରସଙ୍ଗ ଗୃହରେ ବିଜେଡି ଦୃଢ଼ ସ୍ୱରରେ ଉପସ୍ଥାପନ କରିବା ପାଇଁ ବିଜେଡି ସଭାପତି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସପ୍ତାହେ ପରେ ଷାଣ୍ମାସିକ ପରୀକ୍ଷା; ଏବେ ଆରମ୍ଭ ହେଲା ସଂଶୋଧିତ ବହି ବଣ୍ଟନ

ଭୁବନେଶ୍ୱର, ୨୧।୯ (ସମିସ): ପାଠ୍ୟପୁସ୍ତକରେ ଭୁଲ। ଭୁଲ ସୁଧାରିବାକୁ ମାସ ମାସ ସମୟ। ଏବେ ପରୀକ୍ଷାକୁ ହାତରେ ମାତ୍ର ସପ୍ତାହେ। ଏହି ସମୟରେ ଆରମ୍ଭ ହୋଇଛି ସଂଶୋଧିତ ପାଠ୍ୟପୁସ୍ତକ ବଣ୍ଟନ, ଯାହାକୁ ନେଇ କ୍ଷୁବ୍ଧ ହୋଇଛନ୍ତି ଅଭିଭାବକ, ଶିକ୍ଷକ; ଅସନ୍ତୋଷ ପ୍ରକାଶ କରିଛନ୍ତି ଛାତ୍ରଛାତ୍ରୀ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବହୁ ତ୍ରୁଟି ସାମ୍ନାକୁ ଆସିବା ପରେ ସରକାର ସଂଶୋଧିତ ପୁସ୍ତକ ପ୍ରସ୍ତୁତ କରିଥିଲେ। କିନ୍ତୁ ନୂଆ ବହି ପିଲାଙ୍କ ହାତରେ ପହଞ୍ଚିବା ପୂର୍ବରୁ ଅର୍ଦ୍ଧବାର୍ଷିକ ପରୀକ୍ଷା ଦ୍ୱାର ଦେଶରେ। ମାତ୍ର ଯେଉଁ ପିଲାଙ୍କ ପାଖରେ ଏଯାଏ ସଂଶୋଧିତ ବହି ପହଞ୍ଚିନାହିଁ, ସେମାନେ କେଉଁ ବହି ଆଧାରରେ ପ୍ରସ୍ତୁତି ନେବେ ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୋମବାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୫ ହଜାର ବହି ବଣ୍ଟନ ହୋଇଛି। ଏଥିରେ ୪୧,୧୫୦ଟି ଓଡ଼ିଆ ଓ ୩,୧୫୦ଟି ଉର୍ଦ୍ଦୁ ପାଠ୍ୟପୁସ୍ତକ ରହିଛି। ଦ୍ୱିତୀୟରୁ ଷଷ୍ଠ ଶ୍ରେଣୀର ଓଡ଼ିଆ ଏବଂ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଉର୍ଦ୍ଦୁ ବହିର ସଂଶୋଧିତ ସଂସ୍କରଣ ଏହି ପର୍ଯ୍ୟାୟରେ ଯୋଗାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ, ଜଟଣୀ, ଭୁବନେଶ୍ୱର ସଦର, କଟକ ମହାନଗର ନିଗମ, କଟକ ସଦର, ସାଲେପୁର ଓ ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ବହି ପଠାଯାଇଛି। ଅନ୍ୟ ଜିଲ୍ଲାକୁ ପର୍ଯ୍ୟାୟକ୍ରମେ ବହି ପଠାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ଷାଣ୍ମାସିକ ପରୀକ୍ଷା ବେଳକୁ ପିଲାଙ୍କୁ ମାତ୍ର ସଂଶୋଧିତ ବହି ପ୍ରଦାନକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ସଂଶୋଧିତ ବହି ପ୍ରସ୍ତୁତ ହେବା ପରେ ମଧ୍ୟ ଯଦି ପରୀକ୍ଷା ପୂର୍ବରୁ ପ୍ରତ୍ୟେକ ପିଲାଙ୍କ ହାତରେ ତାହା ପହଞ୍ଚାଇବା ସମ୍ଭବ ହେଉନାହିଁ, ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗଣ୍ଡାଗଣ୍ଡା ଅଧିକାରୀ କ'ଣ କରୁଛନ୍ତି ବୋଲି ଅନେକ ପ୍ରଶ୍ନ କରିଛନ୍ତି। ପିଲାଙ୍କ ପାଇଁ ପାଠ୍ୟପୁସ୍ତକ କେବଳ ଏକ ବହି ନୁହେଁ; ଏହା ତାଙ୍କ ଶିକ୍ଷାର ମୂଳ ଆଧାର। ତେଣୁ ଭୁଲ ବହି ପାଇଁ ଦାୟିତ୍ୱ ନିର୍ଦ୍ଧାରଣ ସହ ସଂଶୋଧିତ ବହିର ଶତପ୍ରତିଶତ ବଣ୍ଟନ କେବେ ସରିବ, ତାହାର ସ୍ପଷ୍ଟ ସମୟସୀମା ଦେବା ଏବେ ବିଭାଗ ପାଇଁ ବଡ଼ ପରୀକ୍ଷା।

# ଦାଖଲ ହେଲା ଶିକ୍ଷା ଓ ଶିକ୍ଷକଙ୍କ ଦାବି ଅନୁଧ୍ୟାନ ରିପୋର୍ଟ

**କମିଟିର ସୁପାରିଶକୁ ବିଚାର କରାଯାଇ ନିଷ୍ପତ୍ତି ନିଆଯିବ- ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୧।୯ (ସମିସ): ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ଦାବି ଅନୁଧ୍ୟାନ ପାଇଁ ଗଠିତ ଉଚ୍ଚ ସ୍ତରୀୟ କମିଟି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାସହ କମିଟିର ରିପୋର୍ଟ ସମ୍ପର୍କରେ ଆଲୋଚନା କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କମିଟିର ସୂଚନା ଅନୁଯାୟୀ ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ ସହିତ ସେମାନେ ଆଲୋଚନା କରିଛନ୍ତି। ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ବିଶ୍ଳେଷଣ ପାଇଁ କମିଟି ୯୦ଟି ବୈଠକ କରିଛି ଏବଂ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛି। କମିଟିର ଅଧ୍ୟକ୍ଷ ଅଶୋକ ତ୍ରିପାଠୀ ଓ ସହ-ଅଧ୍ୟକ୍ଷ ସୁଦର୍ଶନ ନାୟକ ସରକାରଙ୍କୁ କରାଯାଇଥିବା ବିଭିନ୍ନ ସୁପାରିଶ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ସମସ୍ତ ରିପୋର୍ଟ ଓ ସୁପାରିଶଗୁଡ଼ିକ ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସଚିବ ଉପସ୍ଥିତ ଥିଲେ। କମିଟିର ଅନ୍ୟତମ ସଦସ୍ୟ ଶାନ୍ତନୁ କୁମାର ସାହୁ, ମନୋରଞ୍ଜନ ମିଶ୍ର ଏବଂ ସଂଯୋଜକ ସନାତନ ପଣ୍ଡା ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି କମିଟି ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହାର କାର୍ଯ୍ୟକାଳ ୬ ମାସ ଥିବାବେଳେ ଗତ ଫେବୃଆରୀ ୩ ତାରିଖରେ ଏହାର କାର୍ଯ୍ୟକାଳକୁ ଆଉ ୬ମାସ ବୃଦ୍ଧି କରିଥିଲେ।

■ ବିଏଲ୍‌ଓଙ୍କ ଓଟିପି ଓ ପରିଚୟପତ୍ର ବ୍ୟବହାର ଭାରି ପଡ଼ିଲା

# ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ ପାଇଁ ସୁପାରିସ୍

ଭୁବନେଶ୍ୱର,୨୧।୯ (ସମିସ): ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ୪୬-ଧାମନଗର ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ନିଲମ୍ବନ (ସସପେଣ୍ଡ) କରିବା ସହ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୁପାରିସ କରିଛନ୍ତି। ଏ ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ, ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ ଓ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ୨୧ ସେପ୍ଟେମ୍ବରରେ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏ ସମ୍ପର୍କରେ ଚିଠି ଦିଆଯାଇଥିଲା। ଚିଠିରେ ଉଲ୍ଲେଖ ଅନୁଯାୟୀ, ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମୟରେ ବିଏଲ୍‌ଓମାନଙ୍କ ପରିଚୟପତ୍ର/କ୍ରେଡେନ୍‌ସିଆଲ୍ ଓ ଓଟିପିର ଅନଧିକୃତ ବ୍ୟବହାର ସହିତ ଫର୍ମ-୭ର ଅନଧିକୃତ ଦାଖଲ ଓ ଅପଲୋଡ୍ କରାଯାଇଥିବା ଅଭିଯୋଗ ନେଇ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜିକରଣ ଅଧିକାରୀ ଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିର୍ବାଚନ ଆୟୋଗଙ୍କ ଅନୁମୋଦନ ପରେ ଶ୍ରୀ ନାୟକଙ୍କୁ ନିୟମାନୁସାରେ ତୁରନ୍ତ ନିଲମ୍ବନ କରିବା ଏବଂ ଗୁରୁତର ଦଣ୍ଡ ସମ୍ବନ୍ଧୀୟ ପୂର୍ଣ୍ଣାଙ୍ଗ ଚାର୍ଜ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା; ୨ ଯୁବକ ମୃତ

ବାରିପଦା/ଶୁଳିଆପଦା, ୨୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ କାଳିଆଶୋଳ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ବାଇକ୍ ଆରୋହୀ ଦୁଇ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଯୁବକ ଦ୍ୱୟ କୋଷ୍ଟା ପାଖ ମହୁଲି ଗ୍ରାମର ରାହୁଲ ନାଏକ ଓ ରାଜୁ ନାଏକ। ଉଭୟ ଚିତାଖଲା ଅଞ୍ଚଳରେ ଚାଲିଥିବା ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଯାଇଥିଲେ। ସେଠାରୁ ରାତିରେ ଘରକୁ ଫେରୁଥିବା ସମୟରେ ଶୁଳିଆପଦା ଥାନା ଅଧୀନ କାଳିଆଶୋଳ ରାସ୍ତାରେ ଏକ ଦ୍ରୁତଗାମୀ ଅଜଣା ଗାଡ଼ି ସେମାନଙ୍କ ବାଇକକୁ ସମ୍ମୁଖରୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ହିଁ ଉଭୟଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲା। ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ଫେରାର ଗାଡ଼ି ଓ ଡ୍ରାଇଭରକୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

● ସମ୍ଭାବ୍ୟ ବାତ୍ୟା ଓ ବର୍ଷା ଆଶଙ୍କା

# ୨୩, ୨୪ କଳିଙ୍ଗା ଘାଟିରେ ଯାତାୟାତ ବନ୍ଦ

ଜି.ଉଦୟଗିରି,୨୧।୯ (ସମିସ): ସମ୍ଭାବ୍ୟ ବାତ୍ୟା ନେଇ କନ୍ଧମାଳ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବାତ୍ୟା ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ପୁଣି ଥରେ ଲୋକଙ୍କ ମନରେ ଛନକା ପଶିଛି। କଳିଙ୍ଗା ଘାଟିରେ ଭୂସ୍ଖଳନ



ଓ ଅନ୍ୟାନ୍ୟ ଅଘଟଣକୁ ନେଇ ପ୍ରଶାସନ ସତର୍କ ରହିଛି। ବାତ୍ୟାରେ ପ୍ରବଳ ବର୍ଷା ହେବା ନେଇ ସୂଚନା ପାଇବା ପରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ୨୩ ଓ ୨୪ ତାରିଖ ଦୁଇ ଦିନ ଧରି କଳିଙ୍ଗା ଘାଟି ଦେଇ ଯାନବାହନ ଚଳାଚଳ ବନ୍ଦ ରହିବ ବୋଲି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସୂଚନା ଦେଇଛନ୍ତି। ଉକ୍ତ ଦୁଇ ଦିନ କଳିଙ୍ଗା ଠାରେ ଏକ ଚେକ୍‌ପୋଷ୍ଟ କରାଯାଇ ଘାଟି ଦେଇ ଯାଉଥିବା ଗାଡିଗୁଡ଼ିକୁ ଅଟକାଯିବ। ବାତ୍ୟା ସମୟରେ ଲୋକଙ୍କ ସୁରକ୍ଷାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ଟ୍ରେନ୍ ଧକ୍କାରେ ଦୁଇ ବୃଦ୍ଧାଙ୍କ ମୃତ୍ୟୁ

ବାଲେଶ୍ୱର ସଦର/ବସ୍ତା ବ୍ଲକ, ୨୧।୯ (ସମିସ): ବସ୍ତା ରେଳ ଷ୍ଟେସନ୍ ନିକଟରେ ଏକ ଟ୍ରେନ୍ ଧକ୍କାରେ ଦୁଇ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବା ଦୁଇ ବୃଦ୍ଧା ଘରକୁ ଫେରୁଥିବା ବେଳେ ଟ୍ରେନ ଧକ୍କାରେ ପ୍ରାଣ ହରାଇଛନ୍ତି। ବସ୍ତା ଥାନା ଅଧୀନ ସଦାନନ୍ଦପୁର ପଞ୍ଚାୟତର ଦୁଇ ବୃଦ୍ଧା ଆଜି ଭତ୍ତା ସମ୍ପର୍କରେ ଜାଣିବା ପାଇଁ ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ପଞ୍ଚାୟତରୁ ଭତ୍ତା ସମ୍ପର୍କରେ ବୁଝିବା ପରେ ଦୁହେଁ ରେଳ ଲାଇନ ଅତିକ୍ରମ କରି ଘରକୁ ଫେରୁଥିବା ସମୟରେ ଏକ ଟ୍ରେନ ଉଭୟଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ମୃତ ଦୁଇ ବୃଦ୍ଧାଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ। ଖବର ପାଇ ଜିଆରପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

ସୋର, ୨୧।୯ (ସମିସ): ସୋର ରେଳ ଷ୍ଟେସନରେ ଏକ କୋଇଲା ବୋଝେଇ ଟ୍ରେନରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଟ୍ରେନଟି ଧାମରାରୁ ଖଡ଼ଗପୁର ଅଭିମୁଖେ କୋଇଲା ନେଇ ଯାଉଥିବା ବେଳେ ରାଣୀତାଲ ନିକଟରେ ଟ୍ରେନର ୭ଟି ବଗିରେ ନିଆଁ ଲାଗିଥିବା ଗାର୍ଡ ଜାଣିବାକୁ ପାଇ ସୋର ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଫଳରେ ଟ୍ରେନଟି ସୋର ପହଞ୍ଚିବା ପରେ ଟ୍ରେନକୁ ଷ୍ଟେସନ ମାଷ୍ଟର ରେଳ ଷ୍ଟେସନର ୧ ନମ୍ବର ପ୍ଲାଟ ଫର୍ମରେ ଅଟକାଇଥିଲେ। ଖବର ପାଇ ସୋର ଅଗ୍ନିଶମ ବାହିନୀର କର୍ମଚାରୀମାନେ ଷ୍ଟେସନରେ ପହଞ୍ଚି ଦୀର୍ଘ ୭ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ପରେ ଟ୍ରେନଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା। ଏହି ସମୟରେ ଟ୍ରେନ ଯାତାୟାତ ବନ୍ଦ କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

**ବିସିପୁର ଆଶ୍ରମ ବିଦ୍ୟାଳୟରେ ମିଳୁନି ମୌଳିକ ସୁବିଧା**

# ଗୁହାରି କରିବାକୁ ୮ କିଲୋମିଟର ଚାଲି ଚାଲି ଗଲେ ଅନ୍ତେବାସୀ

**ସମାଧାନ ପରେ ବିଦ୍ୟାଳୟକୁ ଫେରିଲେ ଛାତ୍ରଛାତ୍ରୀ**



ଉଦଳା/ଖୁଣ୍ଟା,୨୧।୯ (ସମିସ): ହଷ୍ଟେଲରେ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ମିଳୁନି ମୌଳିକ ସୁବିଧା ସୁଯୋଗ। ପୋକରା ଚାଉଳର ଭାତ ଦିଆଯାଉଥିବାବେହଲେ ନାହିଁ ପାଣିର ସୁବିଧା। ଯାହାକୁ ନେଇ ତାତିଛନ୍ତି ଅନ୍ତେବାସୀ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଶିକ୍ଷା ଅଧିକାରୀଙ୍କୁ ଗୁହାରି କରିବାକୁ ବିଦ୍ୟାଳୟ ହଷ୍ଟେଲରୁ ବାହାରି ୮ କିଲୋମିଟର ଚାଲି ଚାଲି ଅନ୍ତେବାସୀ ଯାଇଥିଲେ। ତେବେ ସେଠାରେ ସମସ୍ୟାର ସମାଧାନ ହେବାରୁ ଅନ୍ତେବାସୀ ଫେରିଛନ୍ତି। ଏଭଳି ଘଟଣା ବିସିପୁର ଆଶ୍ରମ ବିଦ୍ୟାଳୟରୁ ସାମ୍ନାକୁ ଆସିଛି।

ବିସିପୁର ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ଶହେ ଛାତ୍ର ଓ ୧୫୦ ଛାତ୍ରୀ ଅବସ୍ଥାନ କରୁଛନ୍ତି। ଏହି ଅନ୍ତେବାସୀଙ୍କ ପାଇଁ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ପାନୀୟ ଜଳ ଓ ବିଜୁଳିର ସୁବିଧା ନାହିଁ। କେବଳ ତାହା ନୁହେଁ ହଷ୍ଟେଲରେ ଅନ୍ତେବାସୀଙ୍କୁ ପୋକରା ଚାଉଳରେ ଭାତ ଖାଇବାକୁ ଦିଆଯାଉଛି। ଯାହାକୁ ନେଇ ବାରମ୍ବାର ଅନ୍ତେବାସୀ ହଷ୍ଟେଲ ଦାୟିତ୍ୱରେ ଥିବା ଅଧିକାରୀ ଓ ମେଟ୍ରୋନଙ୍କୁ ବାରମ୍ବାର ଅବଗତ କରିଥିଲେ। ଏପରିକି ମେଟ୍ରୋନ ଏ ବାବଦରେ ପ୍ରଧାନଶିକ୍ଷକଙ୍କୁ ଜଣାଉଥିଲେ ସୁଦ୍ଧା ପ୍ରଧାନଶିକ୍ଷକ ଏହି ସମସ୍ୟା ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟ ଆସି ଅନ୍ତେବାସୀଙ୍କୁ ଗାଳିଗୁଲଜ କରୁଥିବା କହିଛନ୍ତି ଛାତ୍ରଛାତ୍ରୀ। ଯେଉଁଥିପାଇଁ ବାରମ୍ବାର ସମସ୍ୟା ବାବଦରେ ଜଣାଇ କୌଣସି ସମାଧାନ ନ ହେବାରୁ ଶେଷରେ ଆଜି ଅନ୍ତେବାସୀ ହଷ୍ଟେଲରୁ ବାହାରି ଚାଲି ଚାଲି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଶିକ୍ଷା ଅଧିକାରୀଙ୍କୁ ଭେଟିବାକୁ ଯାଇଥିଲେ। ଉଦଳା-ବାରିପଦା ରାଜ୍ୟ ରାଜପଥରେ ଅନ୍ତେବାସୀ ଚାଲି ଚାଲି ଯାଉଥିବାବେଳେ ରାସ୍ତାରେ ପୁଲିସ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଟକାଇ ବୁଝାସୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଅନ୍ତେବାସୀ ୮ କିଲୋମିଟର ଚାଲି ଚାଲି ଅଧିକାରୀଙ୍କୁ ଭେଟିବାକୁ ଯାଇଥିଲେ।

ହଷ୍ଟେଲର ଅବ୍ୟବସ୍ଥାକୁ ନେଇ ଛାତ୍ରଛାତ୍ରୀମାନେ ଚାଲି ଚାଲି ଜିଲ୍ଲାପାଳଙ୍କୁ ଭେଟିବା ପରେ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ଛାତ୍ରଛାତ୍ରୀ ବିଦ୍ୟାଳୟ ହଷ୍ଟେଲକୁ ଫେରିଥିଲେ। ଖୁବଶୀଘ୍ର ନିଶାସକ୍ତ ହୋଇ ବିଦ୍ୟାଳୟ ଆସୁଥିବା ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ହଷ୍ଟେଲ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

# +୨ ଦ୍ୱିତୀୟ ପର୍ଯ୍ୟାୟ ସ୍ୱାଟ୍ ନାମଲେଖା ପାଇଁ ମେଧା ତାଲିକା

**୭୩୨୨ ପିଲା ନାମଲେଖା ପାଇଁ ଚୟନ**

ଭୁବନେଶ୍ୱର, ୨୧।୯ (ସମିସ): ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ସ୍ୱାଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୯୭୦୦ ଜଣ ଛାତ୍ରଛାତ୍ରୀ ସ୍ୱାଟ୍ ନାମଲେଖା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବାବେଳେ ୭୩୨୨ ଜଣ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରୁ କଳାରେ ନାମଲେଖା ପାଇଁ ସର୍ବାଧିକ ୪୮୮୦ ଜଣ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୬୧୮, ବାଣିଜ୍ୟରେ ୬୨୩, ଧନ୍ଦାମୂଳକରେ ୧୪୮ ଓ ସଂସ୍କୃତରେ ୫୩ ଜଣ ପିଲା ରହିଛନ୍ତି। ମେଧା ତାଲିକାରେ ସ୍ଥାନ ପାଇଥିବା ପିଲାମାନେ ଆସନ୍ତାକାଲି ଅର୍ଥାତ୍ ୨୨ରୁ ୨୫ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରି ନାମଲେଖାଇ ପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ନାମଲେଖା ସରିବା ପରେ ବଳକା ସିଟ୍‌ରେ ନାମଲେଖା ପାଇଁ ନୂତନ ସମେତ ପୂର୍ବରୁ ଆବେଦନ କରି ନଥିବା ପିଲାମାନଙ୍କୁ ଆବେଦନ କରିବାର ସୁଯୋଗ ପ୍ରଦାନ କରାଯାଇଥିଲା।

**ଘରୋଇ କଳହ**

# ବାପାଙ୍କୁ ଶାବଳରେ ପିଟି ହତ୍ୟା; ପୁଅ ଗିରଫ

ବାରିପଦା, ୨୧।୯ (ସମିସ): ଘରୋଇ କଳହକୁ କେନ୍ଦ୍ର କରି ବାପାଙ୍କୁ ଶାବଳରେ ପିଟି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ପୁଅକୁ ଗିରଫ କରିଛି। ମୃତକ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ତାଳବନ୍ଧ ବୁରୁଡିହି ଗ୍ରାମର ବୟଲ ହେମ୍ବ୍ରମ। ଘରୋଇ ଝଗଡ଼ାକୁ କେନ୍ଦ୍ର କରି ତାଙ୍କ ପୁଅ ବିଜୟ(୨୬) ଶାବଳରେ ବାପାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏଥିରେ ବୟଲ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏ ନେଇ ମୃତକଙ୍କ ବଡ଼ପୁଅ ବାଙ୍ଗିରିପୋଷି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ବିଜୟକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ଅଣାଯାଇଛି ବୋଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ଏହି ସୂଚନା ଦେଇଛନ୍ତି। ଘଟଣାର ପ୍ରକୃତ କାରଣ ସହ ଅନ୍ୟାନ୍ୟ ଦିଗ ନେଇ ପୁଲିସ ତଦନ୍ତ ଜାରି ରଖିଛି।

**ଏମ୍ଏମ୍‌ଡିଆର ସଂଶୋଧନ ଆଇନ-୨୦୨୬ ପ୍ରତ୍ୟାହାର ଦାବି**

# ରାୟଗଡ଼ରେ ଇଣ୍ଡିଆ ମେଣ୍ଟର ବିଶାଳ ସମାବେଶ



● ୨୯ରେ ଇଣ୍ଡିଆ ମେଣ୍ଟର ବିଧାନସଭା ଘେରାଉ
● ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ୟୁପିଆଇ ଟିକସ ପ୍ରତ୍ୟାହାର ଦାବି

ରାୟଗଡ,୨୧।୯ (ସମିସ): ଏମଏମଡିଆର ସଂଶୋଧନ ଆଇନ, ୨୦୨୬ ରଦ୍ଦ ଦାବି ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ଇଣ୍ଡିଆ ବ୍ଲକ୍ ପକ୍ଷରୁ ରାୟଗଡ ସଦର ମହକୁମାରେ ସୋମବାର ଏକ ମିଳିତ ଗଣସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ସମେତ ବାମପନ୍ଥୀ ଦଳଗୁଡ଼ିକର ନେତା ଓ କର୍ମୀମାନେ ଯୋଗଦେଇ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର, ଶିକ୍ଷା, ଆଇନଶୃଙ୍ଖଳା ଓ ବିସ୍ଥାପନ ଭଳି ପ୍ରସଙ୍ଗ ଉଠାଇଥିଲେ। ଗଣସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନୀରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, ଦାମୋଦର ବେହେରା, ସିପିଆଇ(ଏମ)ର ପୂର୍ବତନ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇ(ଏମଏଲ) ଲିବରେସନର ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ତିରୁପତି ଗମାଙ୍ଗୋ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସମେତ ବିଭିନ୍ନ ଦଳର ନେତା ଯୋଗ ଦେଇଥିଲେ। କଂଗ୍ରେସର ବିଧାୟକ ଆପାଲା ସ୍ୱାମୀ କାଡ୍ରକା, ତାରା ପ୍ରସାଦ ବାହିନୀପତି, ମଙ୍ଗୁ ଖିଲ, ସାଗର ଦାସ, ପବିତ୍ର ସାଉଁଟା, ସତ୍ୟଜିତ ଗମାଙ୍ଗ, ଦାସରଥୀ ଗମାଙ୍ଗ, ନୀଳମାଧବ ହିକାକଙ୍କ ସମେତ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ବକ୍ତାମାନେ ଏମଏମଡିଆର ସଂଶୋଧନ ଆଇନ, ୨୦୨୬କୁ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ଏହାକୁ ତୁରନ୍ତ ରଦ୍ଦ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାର ସର୍ବଦଳୀୟ ବୈଠକ ଡାକିବା ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ଦାବି ଉପସ୍ଥାପନ କରନ୍ତୁ ବୋଲି ସେମାନେ କହିଥିଲେ। ଆଇନ ଯୋଗୁଁ ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥା ପ୍ରଭାବିତ ହେବ ବୋଲି ନେତାମାନେ ଆଶଙ୍କା ପ୍ରକାଶ କରିଥିଲେ। ଏହାସହ ଖଣିଜ ସମ୍ପଦ ଥିବା ଅଞ୍ଚଳର ଆଦିବାସୀ ଓ କୃଷକଙ୍କ ଜମି, ଜୀବିକା ଓ ଅଧିକାର ସୁରକ୍ଷା, ଖଣିଜ ଉତ୍ତୋଳନ ଯୋଗୁଁ ପରିବେଶ ଉପରେ ପଡୁଥିବା ପ୍ରଭାବ ଏବଂ ପେସା ଓ ଜଙ୍ଗଲ ଅଧିକାର ଆଇନର ସୁରକ୍ଷା ପ୍ରସଙ୍ଗ ଉଠାଯାଇଥିଲା। ଏମଏମଡିଆର ସଂଶୋଧନ ଆଇନ ଦ୍ୱାରା ରାଜ୍ୟଗୁଡ଼ିକର ଅଧିକାର ସଙ୍କୁଚିତ ହେବ ବୋଲି ଇଣ୍ଡିଆ ବ୍ଲକ୍ ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଆଧିକାରିକ ବ୍ୟାଖ୍ୟାରେ ସଂଶୋଧନ ଆଇନ ରାଜ୍ୟମାନଙ୍କ ଜମି ଓ ଖଣିଜ ଅଧିକାର କିମ୍ବା ଖଣିଜ ଉପରେ ରାଜ୍ୟଗୁଡ଼ିକ ଆଦାୟ କରୁଥିବା କରକୁ ହଟାଉନାହିଁ ଏବଂ ଖଣିଜ କ୍ଷେତ୍ରର ପ୍ରାୟ ୯୦ ପ୍ରତିଶତ ରାଜସ୍ୱ ରାଜ୍ୟଗୁଡ଼ିକୁ ମିଳୁଥିବା କୁହାଯାଇଛି। ଗଣସମାବେଶରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ବକ୍ତାମାନେ ସରକାରଙ୍କୁ ସମାଲୋଚନା କରିଥିଲେ। ଭୁଲ୍ ପାଠ୍ୟପୁସ୍ତକ ପ୍ରକାଶନ ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଥିଲେ।

ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ଏବଂ ଖାଲି ପଦବୀ ପୂରଣ କରିବାକୁ ଦାବି ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି, ଆଦିବାସୀ, ଦଳିତ, ପଛୁଆ ବର୍ଗ, ସଂଖ୍ୟାଲଘୁ, ମହିଳା ଓ ବୁଦ୍ଧିଜୀବୀଙ୍କ ସୁରକ୍ଷା ଏବଂ ବିସ୍ଥାପନ ପ୍ରସଙ୍ଗ ମଧ୍ୟ ଗଣସମାବେଶରେ ଉଠିଥିଲା। ଏହି ସମସ୍ତ ପ୍ରସଙ୍ଗକୁ ନେଇ ଆସନ୍ତା ୨୯ ସେପ୍ଟେମ୍ବରରେ ଭୁବନେଶ୍ୱରରେ ବିଧାନସଭା ଘେରାଉ କରାଯିବ ବୋଲି ଇଣ୍ଡିଆ ବ୍ଲକ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଏହା ପରେ ଆହୁରି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିବା ଦଳ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଏମଏମଡିଆର ସଂଶୋଧନ ଆଇନକୁ ସଂସଦରେ ବିରୋଧ କରିଥିବା ଦାବି କରି କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କୁ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ, ବାମପନ୍ଥୀ ଦଳ ସମେତ ବିଭିନ୍ନ ଦଳର ଶହ ଶହ ସମର୍ଥକ ଗଣସମାବେଶ ସ୍ଥଳରେ ପହଞ୍ଚିଥିଲେ।

ସକାଳ
THE SAKALA



### ମୌଳିକ ସୁବିଧାରୁ ବଞ୍ଚିତ ଜମିହରା ବିସ୍ଥାପିତ

# ଖୋଲାମେଲାରେ ଡ୍ରେନ; ମିଳୁନି ସ୍ୱଚ୍ଛଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା

ଯଖପୁରା,୨୧।୯ (ସମିସ):

କଳିଙ୍ଗନଗରରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଜର ଜମି ଓ ବାସଗୃହକୁ ଛାଡ଼ିବାକୁ ପଡିଛି ଅନେକ ପରିବାରଙ୍କୁ। ସରକାରଙ୍କ ତରଫରୁ ବିସ୍ଥାପିତ ମାନଙ୍କୁ ସର୍ବୋଚ୍ଚ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ବିସ୍ଥାପିତମାନେ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୨୪ ମସିହାରେ ଯଖପୁରା ଅଞ୍ଚଳର କଚେରୀଗାଁ ଓ କୁଡୁମିସାହିରେ ବସବାସ କରୁଥିବା ସମସ୍ତ ପରିବାରକୁ ବିସ୍ଥାପନ କରାଯିବା ପାଇଁ ବ୍ୟବସ୍ଥା କରାଗଲା। କଚେରୀଗାଁର ୭୬ ପରିବାର ଓ କୁଡୁମିସାହିର ୮୫ ପରିବାରକୁ ମିଶାଇ ୧୬୧ ବିସ୍ଥାପିତ ପରିବାରକୁ ଥଇଥାନ କରାଇଥିଲେ। ସମସ୍ତ ବିସ୍ଥାପିତ ପରିବାର ଥଇଥାନ ହେବା ପରେ ସରକାରଙ୍କ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିବା ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜର ଭିଟାମାଟି ଛାଡି ଆଜି ଅବହେଳିତ ଓ ନିଷ୍ପେସିତ ଅବସ୍ଥାରେ ଅଛନ୍ତି ଏହି ଜମିହରା।



୧୬୧ ବିସ୍ଥାପିତ ପରିବାର ଯେଉଁଠି ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ସେଠାରେ ବିସ୍ଥାପିତ ପରିବାର ପାଇଁ ରଖାଯାଇଥିବା ସୁବିଧା ବହୁ ଦୂରରେ। ବିସ୍ଥାପିତ ହେବା ପୂର୍ବରୁ ନିର୍ମାଣ କରାଯାଇଥିବା ସଡ଼କରୁ ପିଚୁ ଉଠି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବିସ୍ଥାପିତ ପାଚେରି ମଧ୍ୟରେ ଥିବା ସମସ୍ତ ପିଚୁ ରାସ୍ତାରୁ ପିଚୁ ଉଠି କେବଳ ଗୋଡି ରାସ୍ତା ଭଳି ପରିଲିଖିତ ହେଉଛି। ସେହିପରି ସେଠାରେ ବାସକରୁଥିବା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି କଲୋନୀକୁ ଯୋଗାଇ ଦିଆଯାଇଥିବା ପାଣି ପିଇବା ପାଣି ଉପଯୁକ୍ତ ନୁହେଁ। ଯାହାଫଳରେ ପିଇବା ଓ ରୋଷେଇ କରିବା ପାଇଁ ଉପଯୁକ୍ତ ନଥିବାରୁ ବହୁ କଷ୍ଟରେ ଅନ୍ୟତ୍ର ପାଣି ବୋହି ଆଣି ଚାଲିବାକୁ ପଡୁଛି। ସେହିପରି ନିକଟରୁ ଶିକ୍ଷାଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ କେବଳ ଗୋଟିଏ ଅସ୍ଥାୟୀ ଅଙ୍ଗନବାଡି କେନ୍ଦ୍ରକୁ ଛାଡିଦେଲେ ଶିକ୍ଷା ପାଇଁ ଅନ୍ୟ କୌଣସି ବ୍ୟବସ୍ଥା ନଥିବାରୁ ଦୂରସ୍ଥାନକୁ ପିଲାମାନଙ୍କୁ ଶିକ୍ଷା ଗ୍ରହଣ କରିବା ପାଇଁ ପଠାଇବାରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ସେହିପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ସ୍ୱାସ୍ଥ୍ୟ ବ୍ୟବସ୍ଥା। ଯେଉଁଠି ସାଧାରଣ ଆଦିବାସୀମାନେ ବସବାସ କରୁଛନ୍ତି ସେଠାରେ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ କିପରି ନିକଟରୁ ନିକଟତର ସ୍ୱାସ୍ଥ୍ୟ ସେବା ପାଇପାରିବେ ବ୍ୟବସ୍ଥା କରାଯାଉଥିବା ବେଳେ ବିସ୍ଥାପିତ ଏଥିରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ବିସ୍ଥାପିତ ପରିବାରଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା କି ପିଲାମାନଙ୍କ ମନୋରଞ୍ଜନ ପାଇଁ ଖେଳ ପଡିଆ ସହ ପାର୍କର ସୁବିଧା ଯୋଗାଇ ଦିଆଯିବ।

୬ ଜୁଲାଇ ୨୦୦୬ ମସିହାରେ ସରକାର ସାରା ରାଜ୍ୟରେ ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳର ସମସ୍ୟା ଦୂରୀକରଣ ନିମନ୍ତେ ଆର୍‌ପିଡିଏସ (ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି) ଗଠନ କରାଯାଇଥିଲା। ଯାହାର ଉଦ୍ଦେଶ୍ୟ ମୁଖ୍ୟତଃ ଆରପିଡିଏସରେ ବିସ୍ଥାପିତ ଲୋକଙ୍କ କ୍ଷତିପୂରଣ, ନିଯୁକ୍ତି, ଥଇଥାନ ଓ ସ୍ଥାନୀୟ ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନତି (ସଡକ, ବିଦ୍ୟାଳୟ, ଡାକ୍ତରଖାନା, ପ୍ରଦୂଷଣ ମୁକ୍ତ କରିବା) ଆଦି ଉପରେ ନିଷ୍ପତ୍ତି ନିଆଯାଇଥାଏ। ନିୟମ ଅନୁସାରେ ପ୍ରତିବର୍ଷ ଆରପିଡିଏସ ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶରେ ପ୍ରତି ୩ ମାସରେ ଥରେ ତଥା ବର୍ଷକୁ ଚାରିଥର ବୈଠକ ହେବା ବାଧ୍ୟତାମୂଳକରହିଛି। ମାତ୍ର ବିଜେପି ସରକାର କ୍ଷମତାକୁ ଆସିବା ପରେ ୨୧/୯/୨୦୨୪ ରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏକ ଆରପିଡିଏସ ବୈଠକ କରାଇଥିଲେ। ଯାହାକି ଦୁଇ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଆଉ କୌଣସି ଆରପିଡିଏସ ବୈଠକ ହୋଇପାରିଲାନାହିଁ। ବିସ୍ଥାପିତ ଓ ଜମିହରା ମାନଙ୍କ ଭୟରେ ସରକାର ଆରପିଡିଏସ ବୈଠକ କରିପାରୁ ନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବୈଠକରେ ବିସ୍ଥାପିତ ଓ ଜମିହରା ମାନଙ୍କ ସମସ୍ୟାର ସମାଧାନ କରିବାର ବ୍ୟବସ୍ଥା କରୁଥିବା ବେଳେ ବୈଠକ ନହେବା ଦ୍ୱାରା ସେମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଠି ୪ଥର ଆରପିଡିଏସ ବୈଠକ ଅନୁଷ୍ଠିତ ହେବା ସ୍ଥଳେ ଗୋଟିଏ ବି ବୈଠକ କରାଯାଉନାହିଁ ସେଠାରେ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେଉଁମାନେ ଶିଳ୍ପାଞ୍ଚଳ ପାଇଁ ସର୍ବସ୍ୱ ତ୍ୟାଗ କରି ବିସ୍ଥାପିତ ହୋଇଛନ୍ତି ସେମାନଙ୍କୁ ସରକାର ତରଫରୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ଦାବି ହୋଇଛି। ସରକାର ତରଫରୁ ପ୍ରତି ୩ ମାସରେ (ବର୍ଷକୁ ୪ଥର) ଆରପିଡିଏସ ବୈଠକ ଡକାଇ ବିସ୍ଥାପିତ ଲୋକଙ୍କ ଅସୁବିଧା ସମାଧାନ ପାଇଁ ଉଦ୍ୟମ କରିବାକୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

### ● ଘରୋଇ ସୁନା ଋଣ ପ୍ରଦାନ କାରୀ ସଂସ୍ଥା ଫାଟକରେ ତାଲା

## ଋଣ ପରିଶୋଧ ପରେ ବି ଫେରୁନି ବନ୍ଧକ ସୁନା




କୟାଁଗୋଲା,୨୧।୯ (ସମିସ): ସୁନା ବନ୍ଧକ ରଖି ଋଣ ନେଲେ। ଋଣ ପରିଶୋଧ ପାଇଁ ଟଙ୍କା ଦେଲେ। ଏବେ ନିଜ ସୁନା ଫେରି ପାଇବାକୁ ମାସ ମାସ ଧରି ଦୌଡ଼ିବାକୁ ପଡୁଛି। ଆଜି ହେବ, କାଲି ହେବ, ପରେ ହେବ ଏଭଳି ପ୍ରତିଶ୍ରୁତିରେ ୪ ମାସ ବିତିଗଲା ବୋଲି ଋଣଧାରୀମାନେ ଅଭିଯୋଗ କରିଛନ୍ତି। ଶେଷରେ ଧୈର୍ଯ୍ୟର ବନ୍ଧ ଭାଙ୍ଗିବାରୁ ମଙ୍ଗଳପୁର ବଜାରସ୍ଥିତ ଆଇଆଇଏଫ୍ଏଲ୍ ସୁନା ଋଣ ସଂସ୍ଥାର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଋଣଧାରୀ। ଅଭିଯୋଗ ଅନୁଯାୟୀ, ମଙ୍ଗଳପୁର ଥାନା ଅଞ୍ଚଳର ବୀରଭଦ୍ର ପଣ୍ଡା (୩୫) ଆଇଆଇଏଫ୍ଏଲ୍‌ରେ ସୁନା ବନ୍ଧକ ରଖି ୧ ଲକ୍ଷ ୩୪ ହଜାର ଟଙ୍କା ଋଣ ନେଇଥିଲେ। ସେହିପରି ଜାଫରପୁର ଗ୍ରାମର ରତିକାନ୍ତ ବେହେରା (୪୨) ମଧ୍ୟ ସୁନା ବନ୍ଧକ ରଖି ୧୦ ଲକ୍ଷ ୫୦ ହଜାର ଟଙ୍କା ଋଣ ନେଇଥିବା କହିଛନ୍ତି।

ଋଣଧାରୀଙ୍କ କହିବାନୁଯାୟୀ, ସୁନା ଫେରସ୍ତ ପାଇଁ ସେମାନେ ଗତ ୪ ମାସ ଧରି ସଂସ୍ଥା କାର୍ଯ୍ୟାଳୟକୁ ବାରମ୍ବାର ଯାଉଛନ୍ତି। କିନ୍ତୁ ପ୍ରତିଥର ନୂଆ ତାରିଖ ଓ ନୂଆ ଆଶ୍ୱସନା ମିଳୁଥିଲେ ହେଁ ଗ୍ରାହକଙ୍କୁ ସେମାନଙ୍କ ସୁନା ଫେରାଉନଥିବା ଅଭିଯୋଗ ହୋଇଛି। ଫଳରେ ଶେଷରେ ଆଜି ସକାଳୁ ଋଣଧାରୀମାନେ କାର୍ଯ୍ୟାଳୟରେ ପହଞ୍ଚି ଦୀର୍ଘ ସମୟ ବସି ରହିଥିଲେ। ସମାଧାନ ନ ହେବାରୁ କିଛି ଋଣଧାରୀ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏହି ଖବର ପାଇ ମଙ୍ଗଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଋଣଧାରୀଙ୍କ ସହ ଆଲୋଚନା କରିଥିଲା। ପୁଲିସର ବୁଝାସୁଝା ପରେ ତାଲା ଖୋଲାଯାଇଥିଲା। ପରେ ଘଟଣାକୁ ନେଇ ଦୁଇଟି ଲିଖିତ ଅଭିଯୋଗ ମଙ୍ଗଳପୁର ଥାନାରେ ଦାଖଲ ହୋଇଥିବା ଜଣାପଡିଛି। ଋଣଧାରୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, କେତେବେଳେ ନଗଦ ଟଙ୍କା ନ ନେଇ ବ୍ୟାଙ୍କ ମାଧ୍ୟମରେ ଟଙ୍କା ପଠାଇବାକୁ କୁହାଯାଉଛି। ପୁଣି କେତେବେଳେ ସୁନା ପରେ ନେବାକୁ କହି କେବଳ ସୁଧ ଦେଇ ଯିବାକୁ କୁହାଯାଉଛି। ଏଭଳି ଭାବେ ଅନେକ ଋଣଧାରୀ ହଇରାଣ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀ କହିଛନ୍ତି ଯେ, ଆସନ୍ତାକାଲି ଆଇଆଇଏଫ୍ଏଲ୍ କର୍ମଚାରୀଙ୍କୁ ଡକାଯାଇ ଘଟଣା ସମ୍ପର୍କରେ ବୁଝାଯିବ। ଅଭିଯୋଗର ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଗ୍ରାହକ ମାନେ ସେମାନଙ୍କ ପ୍ରକୃତ ଦେୟ ଦେବା ପରେ ମଧ୍ୟ ସଂପୃକ୍ତ ସଂସ୍ଥା ଗ୍ରାହକ ମାନଙ୍କୁ ଠିକଣା ସମୟରେ ସୁନା ଫେରସ୍ତ ନ କରିପାରିବାର ପ୍ରକୃତ ଉଦ୍ଦେଶ୍ୟକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଋଣଧାରୀଙ୍କ ଅଭିଯୋଗ ନେଇ ଆଇଆଇଏଫ୍ଏଲ୍ ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ପୁଲିସ ଏହି ଘଟଣାରେ ଆଇଆଇଏଫ୍ଏଲ କର୍ତ୍ତୃପକ୍ଷଙ୍କୁ ଜେରାକଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ● ଶିଶୁ ଗଳାରୁ ସୁନା ଲକେଟ୍ ଛଡ଼ାଇବା ଅଭିଯୋଗ

## ୨ ଅଭିଯୁକ୍ତ ଗିରଫ, ଲକେଟ୍ ଉଦ୍ଧାର

ଯଖପୁରା, ୨୧।୯ (ସମିସ): ଯଖପୁରା ଥାନା ଅଞ୍ଚଳରେ ଏକ ବର୍ଷ ବୟସର ଶିଶୁଙ୍କ ଗଳାରୁ ସୁନା ଲକେଟ୍ ଛଡ଼ାଇ ନେବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଥାନା ସୂଚନା ଅନୁଯାୟୀ, ଏହି ଘଟଣାକୁ ନେଇ କେସ୍ ନମ୍ବର ୧୬୫ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଯଖପୁରା ଅଞ୍ଚଳର ସୁବାସ ବେହେରା ଓ କୈଳାସ ପରିଡ଼ାଙ୍କୁ ପୁଲିସ ଗିରଫ କରିଛି। ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମାମଲାରେ ଆବଶ୍ୟକ ପ୍ରକ୍ରିୟା ଶେଷ କରି ମାନ୍ୟବର ଅଦାଲତକୁ ପଠାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ସୁନା ଲକେଟ୍ ମଧ୍ୟ ଉଦ୍ଧାର କରାଯାଇ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଛି।

## ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ପାର୍ବଣ ଋତୁରେ ହେବାକୁଥିବା ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତୀ ବୈଠକ ଜାରକା ଜେମାଶୁଣୀସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି ଅବସରପ୍ରାପ୍ତ ପ୍ରଧାପକ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, ପୂର୍ବତନ ସଭାପତି କାହ୍ନୁଚରଣ ଦାଶ, ପ୍ରଫୁଲ୍ଲ କୁମାର ସାହୁ, ଯୁଧିଷ୍ଠିର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଅର୍ଜୁନ ପୃଷ୍ଟି, ଅଖିଳ କୁମାର ସ୍ୱାଇଁ ପ୍ରମୁଖ ବହୁ କବି ଯୋଗଦେଇ ଧର୍ମଶାଳା ସାହିତ୍ୟ ସମାଜର ଆଗାମୀ ଉତ୍ସବ ପାଇଁ ଆଲୋଚନା କରିଥିଲେ। ଆଗାମୀ ଅକ୍ଟୋବର ମାସରେ ହେବାକୁ ଥିବା ଦଶହରା ଅବସରରେ ଦଶମୀ ଦିନ ବାର୍ଷିକ ଉତ୍ସବ ପାଳନ କରିବାକୁ ସ୍ଥିର ହୋଇଥିଲା। ଏହିଅବସରରେ ସାହିତ୍ୟ ସମାଜର ମୁଖପତ୍ର ଗଙ୍ଗଶିଉଳି ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚନ ହେବାକୁ ସ୍ଥିର କରାଯାଇଛି। କବି ସୁବାସ ସାହୁ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହିନ୍ଦୀ ପକ୍ଷ

ମଇଁଦା,୨୧।୯ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରିତିପୁର ପଞ୍ଚାୟତ ଅଧୀନ ଆଦର୍ଶ ବିଦ୍ୟାଳୟ ପରିସରରେ ହିନ୍ଦୀ ପଖୱାଡା ଓ ସ୍ୱଚ୍ଛତା ପକ୍ଷ ଦିବସ ଅଧ୍ୟକ୍ଷ କହ୍ନେୟା ଶୁଭମୟ ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ ଚାରୋଟି ଦଳରେ ବିଭକ୍ତ କରାଯାଇଥିଲା। ହିନ୍ଦୀ ଓ ସ୍ୱଚ୍ଛତା ଉପରେ ବିଜୟୀ ଦଳକୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷୟିତ୍ରୀ ତବସୁମ ଆରା, ମନୋରଞ୍ଜନ ଧଳ, ସୁନିଲ କୁମାର ମଲିକ, ବିଶ୍ୱ ପୂଜିତା, ଦ୍ୱିବେଦୀ, ଯତୀନ କର, ବିଶ୍ୱରଞ୍ଜନ ମିଶ୍ର, ସନ୍ତୋଷ କୁମାର ମଲ୍ଲିକ, ରାଜେନ୍ଦ୍ର କୁମାର ସେଠୀ, ରାକେଶ କୁମାର ପାଣି, ପ୍ରକାଶ କୁମାର ବେହୁରିଆ, ବିଭୁ ପ୍ରସାଦ ସାହୁ, ପ୍ରଦୀପ କୁମାର ପରିଚ୍ଛା, ସୁଚିସ୍ମିତା ପାତ୍ର, ଧନଞ୍ଜୟ କୁମାର ସାମଲ, ପ୍ରଦୀପ କୁମାର ପୁଟି, ସୁଜାତା ଦାସ, ଶୁଭ ଦର୍ଶନୀ ଭୂୟାଁ, ହରପ୍ରିୟା ଭୂୟାଁ, ଶାନ୍ତିପ୍ରିୟା ନନ୍ଦ ଆଦି ସହଯୋଗ କରିଥିଲେ।

## ପତ୍ନୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା,୨୧।୯ (ସମିସ): ପତ୍ନୀକୁ ନିର୍ଯାତନ ଦେଉଥିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛିଫ ଗିରଫ ଅଭିଯୁକ୍ତ ଜଣକ କୁଆଖିଆ ଥାନା ସାଦକପୁର ଗ୍ରାମର ହଗୁରୀ ମଲିକଙ୍କ ପୁଅ ଶରଣ ମଲିକ(୩୦) ବୋଲି ଜଣାପଡିଛି। ସୂଚନା ମୁତାବକ ଶରଣ ଧର୍ମଶାଳା ଥାନା କାନପୁର ଗ୍ରାମର ଜୈନକ ଯୁବତୀଙ୍କୁ ୨୦୧୭ ମସିହାରେ ବୈଦିକରିତିରେ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଅଣିବା ପାଇଁ ସ୍ୱାମୀ ପତ୍ନୀ ଉପରେ ଚାପ ପକାଇବା ସହ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏନେଇ ବହୁବାର ଉଭୟ ପକ୍ଷ ଭଦ୍ରଲୋକ ବସି ମିମାଂଶା ହୋଇଥିଲେ ମଧ୍ୟ ଶରଣ ବାରମ୍ବାର ନିଜ ପତ୍ନୀଙ୍କୁ ଶାରୀରିକ ନିର୍ଯାତନା ଦେଉଥିଲେ। ନିର୍ଯ୍ୟାତନା ସହିନପାରି ମହିଳା ଜଣକ ସ୍ୱାମୀ ଶରଣଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଧର୍ମଶାଳା ଥାନା ପୁଲିସ ୨୩୮/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ବେଳେ ଆଜି ଅଭିଯୁକ୍ତ ସ୍ୱାମୀ ଶରଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ସୁକିନ୍ଦା ଅଞ୍ଚଳରେ ଗୁଳିକାଣ୍ଡ ଓ ବୋମାମାଡ଼ ଘଟଣା

## ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ; ପିସ୍ତଲ ଜବତ

ସୁକିନ୍ଦା,୨୧।୯ (ସମିସ): ସୁକିନ୍ଦା ଥାନା ଅନ୍ତର୍ଗତ କଇଁଜିରା ଗ୍ରାମରେ ଗତ ୧୪ ତାରିଖ ରାତିରେ ଗୁଳିକାଣ୍ଡ ଓ ବୋମା ମାଡ ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ଏକ ପିସ୍ତଲ ଜବତ କରିଥିବା ଜଣାପଡିଛି। ଗତ ସୋମବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କଇଁଜିରା ଗ୍ରାମ ମଦନ ତିରିଆଙ୍କ ଘରେ ପଶି ତିନି ରାଉଣ୍ଡ ଗୁଳିମାଡ କରିବା ସହ ବୋମାମାଡ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣରେ ମୃତ ମଦନଙ୍କ ପତ୍ନୀ ଶାନ୍ତି ତିରିଆ (୫୦) ଗୁରୁତର ଆହତ ଅବସ୍ଥାରେ କଟକ ଚିକିତ୍ସିତ ହେଉଛନ୍ତି। ସୁକିନ୍ଦା ପୁଲିସ ଘଟଣାର ଛାନଭିନ କରିବା ସହ ୧୯୭/୨୬ରେ ଏକ ମାମଲା ରୁଜୁ କରି ଗତ ୧୯ ତାରିଖରେ ତିନିଜଣଙ୍କୁ ଗିରଫ କରି



କୋର୍ଟଚାଲାଣ କରିଥିଲା। ଏହି ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତ ଅନୁଗୁଳ ଜିଲ୍ଲା ଖମାର୍ ଥାନା ଅଞ୍ଚଳର ଜମାଦାର ତିରିଆଙ୍କ ପୁଅ ତାପସ ତିରିଆ (୨୬) ଓ ନାରାୟଣ ବେହେରାଙ୍କ ପୁଅ ଡାକ୍ତର ବେହେରା (୫୦)ଙ୍କୁ ଢେଙ୍କାନାଳ ଅଞ୍ଚଳରୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ପିସ୍ତଲ ଜବତ କରି ସୋମବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ନୁଆସାଇ ଗ୍ରାମ ଶିଙ୍ଗରାଏ ମୁଣ୍ଡାଙ୍କ ଜମିରେ ରେଳ ପ୍ରକଳ୍ପ ଯିବାରୁ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧କୋଟି ୮୬ଲକ୍ଷ ଟଙ୍କା ମିଳିଛି। ଏହି ଟଙ୍କା ବଣ୍ଟାକୁ ନେଇ ପରିବାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଶିଙ୍ଗରାଏଙ୍କର ଶ୍ୟାମସୁନ୍ଦର, ବିର୍ସା, ରାଉତ ନାମକ ତିନିପୁଅ ଓ ଶାନ୍ତି, ସମ୍ବାରି ନାମକ ଦୁଇ ଝିଅ। ଏହି ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହି ଘଟଣାରେ ପୁଲିସ ପୂର୍ବରୁ କଇଞ୍ଜିରା ଗ୍ରାମ ରାଉତ ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା (୨୩), ଶ୍ୟାମସୁନ୍ଦର ସୁଣ୍ଡିଙ୍କ ପତ୍ନୀ ଶାନ୍ତି ସୁଣ୍ଡି (୫୫) ଓ ଅନୁଗୁଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ରାଙ୍ଗିଆପାଳ ଗ୍ରାମ ଲକ୍ଷ୍ମଣ ଚାତାରଙ୍କ ପୁଅ ଗୌରାଙ୍ଗ ଚାତାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ବିଞ୍ଝାରପୁର,୨୧।୯ (ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮ଟି ଅଭିଯୋଗର



ଶୁଣାଣି କରାଯାଇଥିଲା। ୧୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନଗେନ୍ଦ୍ର ନାଥ ମହାପାତ୍ର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ସହକାରୀ ଜିଲ୍ଲାପାଳ ନିବେଦିତା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଞ୍ଝାରପୁର ଛବିରାଣୀ ସାହୁ, ତହସିଲଦାର ବିଞ୍ଝାରପୁର ପ୍ରମୋଦ କୁମାର ବାସ୍କେ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। କିନ୍ତୁ ଯାଜପୁର ସଦର ମହକୁମାରେ ଆଜି ଏସଆଇଆର ସଂପର୍କିତ ସାମ୍ବାଦିକ ସମ୍ମିଳନୀ ରହିଥିବାରୁ ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିରରେ ବିଳମ୍ବରେ ପହଞ୍ଚିଥିଲେ ଯାହାକୁ ନେଇ ସେଠାରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଶିବାଙ୍ଗୀଙ୍କୁ ମିଳିଲା ତ୍ୱରିତ ସହାୟତା

ଯାଜପୁର,୨୧।୯ (ସମିସ): ଦିବ୍ୟାଙ୍ଗ ଶିଶୁ ଶିବାଙ୍ଗୀ ବୈଷ୍ଣବୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ଅସୁବିଧା କଥା ଜାଣି ଶିବାଙ୍ଗୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଶିବାଙ୍ଗୀଙ୍କ ଆବଶ୍ୟକ ଚିକିତ୍ସା ସୁନିଶ୍ଚିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରରେ ତାଙ୍କ ହାତର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ତାଙ୍କର ଚିକିତ୍ସା ଓ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଥିବା ସହ ହସ୍ପିଟାଲରେ ତାଙ୍କ ଚିକିତ୍ସା ସୁଚାରୁ ଭାବେ ଚାଲିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି। ମାଇକ୍ରୋବ୍ଲୋଗିଙ୍ଗ ସାଇଟ 'ଏକ୍ସ'ରେ ଦେବୀପ୍ରସାଦ ନାମକ ଜଣେ ୟୁଜର ଏ ବାବଦରେ ଜଣାଇବା ପରେ ମନ୍ତ୍ରୀ ଅସ୍ତ୍ରୋପଚାର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୨୦୨୫ ମସିହାରେ ମଧ୍ୟ ତାଙ୍କ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ଶିବାଙ୍ଗୀଙ୍କୁ ଏକ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯିବାରେ ସହଯୋଗ କରାଯାଇଥିଲା।

## ଦିବ୍ୟାଙ୍ଗଙ୍କୁ ଇ-ସ୍କୁଟି ପ୍ରଦାନ



ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଗଡମଧୁପୁର ପଞ୍ଚାୟତ ମଧୁପୁରଗଡର ଗ୍ରାମର ଦିବ୍ୟାଙ୍ଗ ଇନ୍ଦ୍ରଜିତ ବେହେରା ଓ ଜେନାପୁର ପଞ୍ଚାୟତ ଅରିମୁଳ ଗ୍ରାମର ମନୋଜ କୁମାର ଡୋରାଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଇ ସ୍କୁଟି ପ୍ରଦାନ କରାଯାଇଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୁର୍ବରୁ ବିଧାୟକ ହିମାଂଶୁ ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଦବ୍ୟାଙ୍ଗମାନଙ୍କୁ ଇ-ସ୍କୁଟି ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗ ମାନଙ୍କର ଆବଶ୍ୟକତାକୁ ଲକ୍ଷ୍ୟ କରାଯାଇ ସେମାନଙ୍କୁ ଇଲେକଟ୍ରି ଚାଳିତ ସ୍କୁଟିମାନ ପ୍ରଦାନ କରାଯାଉଛି ବୋଲି ବିଧାୟକ ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି। ଇ-ସ୍କୁଟି ପାଇବାରୁ ବାଦ ପଡିଯାଇଥିବା ଦିବ୍ୟାଙ୍ଗ ମାନଙ୍କୁ ଏଭଳି ଇ-ସ୍କୁଟି ପ୍ରଦାନ ଜାରିରହିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଦାନଗଦି,୨୧।୯ (ସମିସ):

ଜିନ୍ଦଲ ଷ୍ଟେନ୍‌ଲେସ୍, "ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ବିଶୁଦ୍ଧ ବାୟୁ ଦିବସ' ଠାରୁ "ବିଶ୍ୱ ଓଜୋନ୍ ଦିବସ' ପର୍ଯ୍ୟନ୍ତ ପାଳିତ ପରିବେଶ ସଚେତନତା ଅଭିଯାନ ୨୦୨୬ ଅଧୀନରେ ନିଜର ଯାଜପୁର ୟୁନିଟ୍‌ରେ ସଚେତନତା ଏବଂ ଗୋଷ୍ଠୀ ସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ସଚେତନତା ଅଭିଯାନ-୨୦୨୬ ଅଧୀନରେ ପ୍ରୋତ୍ସାହିତ "ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନଶୈଳୀ' ବିଷୟବସ୍ତୁ ସହିତ ଏହି ପଦକ୍ଷେପଗୁଡ଼ିକ ସାମଞ୍ଜସ୍ୟ ରଖିଥିଲା। ଏହି ଅଭିଯାନର ଅଂଶସ୍ୱରୂପ, ଜିନ୍ଦଲ ଷ୍ଟେନ୍‌ଲେସ୍ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ, ଗୋଷ୍ଠୀର ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ଦାୟିତ୍ୱବାନ୍ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ସଚେତନତା ଏବଂ ଗୋଷ୍ଠୀ ଭାଗିଦାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲା।




ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗ ନଗର ଜିଲ୍ଲା ପ୍ରଶାସନ ଏବଂ ନିକଟବର୍ତ୍ତୀ ଶିଳ୍ପଗୁଡ଼ିକର ସହଯୋଗରେ ଆୟୋଜିତ ସାଇକେ ରାଲି, ବିଶୁଦ୍ଧ ବାୟୁ ଏବଂ ସୁସ୍ଥ ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ଏକାଠି କରିଥିଲା। ପ୍ରତିଯୋଗୀମାନେ ନିର୍ଦ୍ଧାରିତ ମାର୍ଗ ଦେଇ ପରିବେଶ ଅନୁକୂଳ ପରିବହନ ଏବଂ ପରିବେଶ ଦାୟିତ୍ୱର ବାର୍ତ୍ତା ବହନ କରି ସାଇକଲ ଚଳାଇଥିଲେ। ଗୋଷ୍ଠୀ ଭାଗିଦାରୀ ଉପରେ ଅଭିଯାନର ଗୁରୁତ୍ୱକୁ ଆଗକୁ ନେଇ ଜେଏସଏଲ୍ ତ୍ରିଜଙ୍ଗା ଗ୍ରାମରେ "ସ୍ୱଚ୍ଛତା ହିଁ ସେବା' ଗଣ ସଫେଇ ଅଭିଯାନ ଆୟୋଜନ କରିଥିଲା। ସାର୍ବଜନୀନ ସ୍ଥାନଗୁଡ଼ିକୁ ସଫା କରିବା ଏବଂ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କର୍ମଚାରୀ, ସ୍ଥାନୀୟ ବାସିନ୍ଦା ଏବଂ ଅଂଶୀଦାରମାନେ ହାତ ମିଳାଇଥିଲେ।

ପରିବେଶ ସୁସ୍ଥତା ପାଇଁ ସାଂସ୍କୃତିକ ଦିଗକୁ ଯୋଡ଼ି ଜେଏସଏଲ୍ "ଆମ ଖାଦ୍ୟ ଆମ ସଂସ୍କୃତି' ନାମକ ଏକ ପାରମ୍ପରିକ ଖାଦ୍ୟ ମହୋତ୍ସବ ଆୟୋଜନ କରିଥିଲା। ଯେଉଁଥିରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ରନ୍ଧନ ପରମ୍ପରାକୁ ପ୍ରଦର୍ଶିତ କରାଯାଇଥିଲା। ଏହି ଉତ୍ସବରେ ପୋଷକ ତତ୍ତ୍ୱ ଭରା ମାଣ୍ଡିଆ/ମିଲେଟ୍ ଆଧାରିତ ରେସିପି ଏବଂ ପାରମ୍ପରିକ ଓଡ଼ିଆ ସ୍ୱାଦିଷ୍ଟ ଖାଦ୍ୟ ସ୍ଥାନ ପାଇଥିଲା। ଏହାସହ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ପରିବର୍ତ୍ତେ ମାଟି ପାତ୍ର, ଷ୍ଟିଲ୍ ବାସନ ଏବଂ କାଠ ଚାମଚ/ଛୁରି ବ୍ୟବହାର କରି ପ୍ଲାଷ୍ଟିକ୍ ମୁକ୍ତ ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟେନ୍‌ଲେସ୍, ଯାଜପୁରର ପରିବେଶ ପ୍ରମୁଖ ମୈତ୍ରେୟୀ ଦେବ କହିଛନ୍ତି, "ପରିବେଶ ସୁସ୍ଥତା ଏକ ମିଳିତ ଦାୟିତ୍ୱ। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ସଚେତନତା ସୃଷ୍ଟି କରିବା, ବ୍ୟବହାରିକ ପରିବର୍ତ୍ତନକୁ ପ୍ରେରଣା ଦେବା ଏବଂ ଗୋଷ୍ଠୀକୁ ଏପରି ଅଭ୍ୟାସ ଆପଣାଇବାକୁ ଉତ୍ସାହିତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।

## ସପ୍ତସତୀ ମହାଯଜ୍ଞ ୨୩ରେ

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତ ଜାମୁବଣିଆ ଗ୍ରାମରେ ଆସନ୍ତା ୨୩ ତାରିଖ ବୁଧବାର ମା' ମଙ୍ଗଳାଙ୍କ ୧୬ଶ ବାର୍ଷିକୀ ଜନ୍ମୋତ୍ସବ ଓ ସପ୍ତସତୀ ଚଣ୍ଡୀ ମହାଯଜ୍ଞ ଯଥାବିଧି ଅନୁଷ୍ଠିତ ହେବ। ମା' ମଙ୍ଗଳା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଳସ ଯାତ୍ରା, ପୂର୍ବାଧିବାସ, ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞାଗ୍ନି ସ୍ଥାପନ ଓ ଚଣ୍ଡୀପାଠ କରାଯିବ। ରାତ୍ର ୮ ଘଟିକା ସମୟରେ ପୂର୍ଣ୍ଣାହୁତି କରାଯିବ ବୋଲି ଆୟୋଜକ ଅଜାମ୍ବର ସାହୁ, ଅମୁଲ୍ୟ କୁମାର ମହାରଣା ଓ ବିନୋଦ ବିହାରୀ ପରିଡା ପ୍ରମୁଖ ଜଣାଇଛନ୍ତି। ଏହି ଯଜ୍ଞ ଉତ୍ସବରେ ଆଖପାଖ ଅଞ୍ଚଳର ସାହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କର୍ମକର୍ତ୍ତାମାନେ ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

## ଦେଶୀ ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି,୨୧।୯ (ସମିସ): ପାଣିକୋଇଲି ପୁଲିସ ଦ୍ୱାରା ଜଣେ ଦେଶୀ ମଦ ଚୋରା ବେପାରୀକୁ ଧରିବା ସହ ତାକୁ ଗିରଫ କରାଯାଇଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ଭକର୍ଡରୀ ଗ୍ରାମର ପ୍ରମୋଦ ମଳିକ (୩୫) ତା' ଘରେ ମଦ ରଖି ଚୋରା କାରବାର ଚଳାଉଥିବା ସୂଚନା ପୁଲିସ ପାଇଥିଲା। ହଠାତ ପାଟ୍ରୋଲିଂ ସମୟରେ ତା' ଘର ଚଢ଼ଉ କରିବାରୁ ତା' ନିକଟରୁ ୨୫ ବୋତଲ ଆସ୍କା ଫର୍ଟି (୫ଲିଟର) ଜବତ କରିଥିଲା। ମଦ ସହ ତାକୁ ଧରି ଥାନାକୁ ଆଣିବା ପରେ ଏକ ମାମଲା ରୁଜୁ କରି ତାକୁ ଗିରଫ କରାଯାଇଛି।

## ଆହତ ଅବସ୍ଥାରେ ଯୁବକ ଉଦ୍ଧାର

ପାଣିକୋଇଲି,୨୧।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କଡ ଜଗନ୍ନାଥ ହେଟେଲ ନିକଟରୁ ଜଣେ ଯୁବକ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ପ୍ରକାଶଯେ ଆଜି ମଧ୍ୟାହ୍ନରେ ଜଣେ ଯୁବକ ଗୁରୁତର ଆହତ ହୋଇ ରାସ୍ତା କଡରେ ପଡିଥିବା ଦେଖିବାକୁ ମିଳିଥିଲା। ଆହତର କାରଣ କିଛି ଜଣାପଡିନଥିବା ବେଳେ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଭାପତି ଅଶୋକ କୁମାର ଦାସ ଓ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ସେଠାରେ ପହଞ୍ଚି ଗୁରୁତର ଆହତ ଯୁବକକୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଆହତ ଯୁବକର ମୋବାଇଲ ରେ ଯୋଗାଯୋଗ କରିବାରୁ କୁଆଖିଆ ଥାନା ଅର୍ନ୍ତଗତ ଗୋପାଳପୁର କଙ୍ଗଜଗା ଗ୍ରାମର ନୃସିଂହ ବିଶ୍ୱାଳଙ୍କ ପୁଅ ନାରାୟଣ ବିଶ୍ୱାଳ ବୋଲି ଜଣାପଡିଛି। ରକ୍ତାତ ଓ କ୍ଷତାକ୍ତ ଥିବା ନାରାୟଣ ଦୁର୍ଘଟଣାର ଶିକାର ହୋଇଛନ୍ତି କି ତାଙ୍କୁ କିଏ ମାଡମାରି ପକାଇଦେଇଛି ତାହା ଜଣାପଡିନାହିଁ। ପୁଲିସ ମାମଲାର ତଦନ୍ତ ଜାରି ରଖିଛି।

### ସରିଲା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

# ବାଦ ପଡିଲେ ୧ .୬୩ ଲକ୍ଷ ଭୋଟର



ଯାଜପୁର,୨୧।୯ (ସମିସ):

ଗଣତନ୍ତ୍ରର ମହାପର୍ବରେ ପ୍ରତ୍ୟେକ ଭୋଟରଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଯାଜପୁର ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟା ପରେ ଚୂଡ଼ାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ବର କୁମାର କର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ସମୟରେ ଯାଜପୁର ଜିଲ୍ଲାରେ ମୋଟ ୧୫,୩୭,୨୦୧ ଜଣ ଭୋଟର ଥିଲେ। ସଂଶୋଧନ ପ୍ରକ୍ରିୟା ସମୟରେ ୧୨,୮୫୭ ଜଣ ନୂତନ ଭୋଟରଙ୍କ ନାମ ତାଲିକାରେ ସାମିଲ ହୋଇଥିବା ବେଳେ ୧,୦୬,୩୧୩ ଜଣଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଏହା ପରେ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ସଂଖ୍ୟା ୧୪,୪୩,୬୪୫ ଜଣ ହୋଇଛି।

ତନ୍ମଧ୍ୟରୁ ୪୮ - ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ମୋଟ ୨,୧୪,୫୨୯ ଜଣ, ୪୯-ବରୀ ନିର୍ବାଚନମଣ୍ଡଳୀରେ ମୋଟ ୨,୧୩,୭୪୨ ଜଣ, ୫୦-ବଡ଼ଚଣା ନିର୍ବାଚନମଣ୍ଡଳୀରେ ମୋଟ ୧,୭୬,୨୯୦ ଜଣ, ୫୧-ଧର୍ମଶାଳା ନିର୍ବାଚନମଣ୍ଡଳୀରେ ମୋଟ ୨,୧୯,୫୭୦ ଜଣ, ୫୨-ଯାଜପୁର ନିର୍ବାଚନମଣ୍ଡଳୀରେ ମୋଟ ୨,୩୦,୧୬୩ ଜଣ, ୫୩-କୋରେଇ ନିର୍ବାଚନମଣ୍ଡଳୀରେ ମୋଟ ୧,୯୫,୪୧୧ ଜଣ ଏବଂ ୫୪-ସୁକିନ୍ଦା ନିର୍ବାଚନମଣ୍ଡଳୀରେ ମୋଟ ୧,୯୩,୯୪୦ ଜଣ ଭୋଟରଙ୍କ ନାମ ଚୂଡ଼ାନ୍ତ ତାଲିକାରେ ପ୍ରକାଶ ପାଇଛି।

ଚୂଡ଼ାନ୍ତ ଭୋଟର ତାଲିକା ଅନୁସାରେ ଜିଲ୍ଲାରେ ୭,୫୧,୩୯୩ ଜଣ ପୁରୁଷ, ୬,୯୨,୧୯୪ ଜଣ ମହିଳା ଏବଂ ୫୮ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ବୟସ ବର୍ଗ ଅନୁସାରେ, ଜିଲ୍ଲାରେ ୧୮ରୁ ୨୯ ବର୍ଷ ବୟସର ୨,୯୦,୬୧୮ ଜଣ, ୩୦ରୁ ୫୯ ବର୍ଷ ବୟସର ୮,୮୦,୮୪୭ ଜଣ, ୬୦ରୁ ୯୯ ବର୍ଷ ବୟସର ୨,୭୨,୦୪୦ ଜଣ ଏବଂ ୧୪୦ ଜଣ ଶତାୟୁ ଭୋଟର ଚୂଡ଼ାନ୍ତ ତାଲିକାରେ ସାମିଲ ଅଛନ୍ତି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଜଣେ ମାତ୍ର ଭୋଟର ଅଛନ୍ତି; ଯାହାଙ୍କ ବୟସ ୧୨୦ରୁ ଉର୍ଦ୍ଧ୍ୱ ହେବ। ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ବିଞ୍ଝାରପୁର (ଏସ୍‌ସି) ପାଇଁ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆ, ବରୀ

■ ସମୁଦାୟ ୧୪ଲକ୍ଷ ୪୩ ହଜାର ୬୪୫ ଜଣ ଭୋଟର

■ ୧୪୦ ଶତାୟୁ ଭୋଟର, ଜଣେ ୧୨୦ ବର୍ଷରୁ ଉର୍ଦ୍ଧ୍ୱରେ

ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀରାଣୀ ରାଜ, ବଡ଼ଚଣା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଧର୍ମଶାଳା ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାୟକ, ଯାଜପୁର ପାଇଁ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, କୋରେଇ ପାଇଁ ମୁଖ୍ୟ ଉନ୍ନୟନ ତଥା ନର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ସୁକିନ୍ଦା ପାଇଁ ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ଡେପୁଟି କଲେକ୍ଟର ଅଶୋକ କୁମାର ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ଭୋଟରଙ୍କୁ ଚୂଡ଼ାନ୍ତ ଭୋଟର ତାଲିକାରେ ନିଜର ନାମ ଓ ଭୋଟର ବିବରଣୀ ଯାଞ୍ଚ କରିନେବାକୁ ଅନୁରୋଧ କରାଯାଇଛି। ଭୋଟର ତାଲିକାରେ କୌଣସି ତ୍ରୁଟି କିମ୍ବା ସଂଶୋଧନର ଆବଶ୍ୟକତା ଥିଲେ, ନିର୍ବାଚନ ଆୟୋଗଙ୍କ ନିର୍ଦ୍ଧାରିତ ନିୟମ ଓ ପ୍ରକ୍ରିୟା ଅନୁସାରେ ଆବେଦନ କରାଯାଇପାରିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକା ସମ୍ପର୍କରେ ସଚେତନ ରହିବା ସହ ନିଜର ଭୋଟର ବିବରଣୀ ଯାଞ୍ଚ କରିନେବାକୁ ଆହ୍ୱାନ କରାଯାଇଛି।

## ତାମିଲନାଡୁରୁ ନାବାଳିକା ଉଦ୍ଧାର

ବର୍ୟାଁଗୋଲା,୨୧।୯ (ସମିସ): ଜୁନ୍ ମାସରେ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ଦୀର୍ଘଦିନର ତଦନ୍ତ ପରେ ତାମିଲନାଡୁର କୋଏମ୍ବାଟୁରରୁ ଉଦ୍ଧାର କରିଛି ମଙ୍ଗଳପୁର ପୁଲିସ। ମାମଲା ରୁଜୁ ହେବା ପରଠାରୁ ନାବାଳିକାଙ୍କ ସନ୍ଧାନରେ ଚାଲିଥିବା ତଦନ୍ତରେ ଜିଲ୍ଲା ସାଇବର ସେଲର ସହଯୋଗ ନିଆଯାଇଥିଲା। ସାଇବର ସେଲ ପକ୍ଷରୁ ଫୋନ୍ ଟ୍ରାକ୍ କରାଯାଇ ସଂଗ୍ରହ କରାଯାଇଥିବା ତଥ୍ୟକୁ ଆଧାର କରି ପୁଲିସ ନାବାଳିକାଙ୍କ ଅବସ୍ଥିତି ସମ୍ପର୍କରେ ସୂଚନା ପାଇଥିଲା। ଏହି ଘଟଣାକୁ ନେଇ ମଙ୍ଗଳପୁର ଥାନାରେ କେସ୍ ନମ୍ବର ୧୪୭/୨୬ରେ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତ ଦାୟିତ୍ୱ ଏଏସ୍‌ଆଇ ଅନିତା ପ୍ରଧାନଙ୍କୁ ଦିଆଯାଇଥିଲା। ମାମଲା ରୁଜୁ ହେବା ପରଠାରୁ ନାବାଳିକାଙ୍କ ସନ୍ଧାନ ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଅଞ୍ଚଳରୁ ଆରମ୍ଭ ହୋଇଥିବା ଏହି ତଦନ୍ତ ଶେଷରେ ରାଜ୍ୟ ସୀମା ଡେଇଁ ତାମିଲନାଡୁର କୋଏମ୍ବାଟୁରରେ ପହଞ୍ଚିଥିଲା। ତଦନ୍ତ ସମୟରେ ନାବାଳିକାଙ୍କ ସହ ଜଡ଼ିତ ଫୋନ୍ ନମ୍ବର ଓ ଅନ୍ୟାନ୍ୟ ତଥ୍ୟକୁ

### କୋଏମ୍ବାଟୁରରୁ ଉଦ୍ଧାର କଲା ମଙ୍ଗଳପୁର ପୁଲିସ

ନେଇ ଜିଲ୍ଲା ସାଇବର ସେଲର ସହାୟତା ନିଆଯାଇଥିଲା। ଏହି ସୂଚନା ଆଧାରରେ ନାବାଳିକାଙ୍କ ଅବସ୍ଥିତି କୋଏମ୍ବାଟୁରରେ ଥିବା ଜଣାପଡ଼ିଥିଲା। ପରେ ମଙ୍ଗଳପୁର ପୁଲିସ ତାମିଲନାଡୁ ଯାଇ କୋଏମ୍ବାଟୁରରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଦୀର୍ଘଦିନ ଧରି ଚାଲିଥିବା ତଦନ୍ତ ପରେ ଅନ୍ୟ ଏକ ରାଜ୍ୟରୁ ନାବାଳିକାଙ୍କୁ ଉଦ୍ଧାର କରାଯିବା ପୁଲିସ ପାଇଁ ଏକ ଉଲ୍ଲେଖନୀୟ ସଫଳତା ବୋଲି କୁହାଯାଉଛି। ତେବେ ନାବାଳିକାଙ୍କ ପରିଚୟ ଓ ଘଟଣାର ସମ୍ବେଦନଶୀଳ ବିବରଣୀ ପୁଲିସ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଏନେଇ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀ ସୂଚନା ଦେଇ କହିଛନ୍ତି ଯେ, ଜୁନ୍ ମାସରେ ମାମଲା ରୁଜୁ ହେବା ପରଠାରୁ ପୁଲିସ ନାବାଳିକାଙ୍କ ସନ୍ଧାନରେ ତଦନ୍ତ ଜାରି ରଖିଥିଲା। ଜିଲ୍ଲା ସାଇବର ସେଲ୍‌ର ସହଯୋଗରେ ଫୋନ୍ ଟ୍ରାକ୍ କରି ମିଳିଥିବା ତଥ୍ୟ ଆଧାରରେ ତାମିଲନାଡୁର କୋଏମ୍ବାଟୁରରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ନାବାଳିକାଙ୍କୁ ଆଇନ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟାରେ ଉପସ୍ଥାପନ କରାଯାଇଥିବା ଜଣାପଡ଼ିଛି। ଏହି ମାମଲାର ଅନ୍ୟାନ୍ୟ ଦିଗ ନେଇ ମଙ୍ଗଳପୁର ପୁଲିସର ତଦନ୍ତ ଜାରି ରହିଛି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନା ଚକ୍ର

ଧର୍ମଶାଳା,୨୧।୯ (ସମିସ): ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୈତିକ ଶିକ୍ଷା ବାବଦରେ ଏକ ଆଲୋଚନା ଚକ୍ର ଗତକାଲି ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ତଥା ଓଡିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ମଞ୍ଚର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ସାମଲ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା କ୍ୟାପ୍‌ଟେନ୍ ତ୍ରିଲୋଚନ ବିଶ୍ୱାଳ, ବୈକୁଣ୍ଠନାଥ ପାଣି, ଯୁଧିଷ୍ଠିର ସ୍ୱାଇଁ, ବ୍ରଜକିଶୋର ଦାଶ, ଆଦିକନ୍ଦ ସ୍ୱାଇଁ, ବଟକୃଷ୍ଣ ସାହୁ,



ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜୟ କୁମାର ମହାପାତ୍ର ସଂଯୋଜନା କରିଥିବା ବେଳେ ଶିକ୍ଷକ ଦେବାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

ବଡଚଣା,୨୧।୯ (ସମିସ): ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଭୁଷଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଆ ବନ୍ଧି ଗ୍ରାମରେ ନିର୍ମାଣଧୀନ ଜଗନ୍ନାଥ ମନ୍ଦିର ପରିସରରେ ଜଗନ୍ନାଥ ସେବା ଟ୍ରଷ୍ଟର ୧୮ ତମ ପ୍ରସ୍ତୁତି ବୈଠକ ବରିଷ୍ଠ ସଭ୍ୟ ଚନ୍ଦନ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମନ୍ଦିରର କାର୍ଯ୍ୟ ସମ୍ପୂର୍ଣ୍ଣ କରଣ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସିପି ଅମିତାଭ ମହାପାତ୍ର, ଜଗନ୍ନାଥ ସେବା ଟ୍ରଷ୍ଟର ମୁଖ୍ୟ ସେବକ ପ୍ରକାଶ କୁମାର ସାହୁ, ଡ.ବିଜୟ ଶତପଥି, ଦେବେନ୍ଦ୍ର ମହାନ୍ତି, ପଣ୍ଡିତ ବିଜୟ କର, ଆଇଆଇସି ଅସିତ୍ ବଳବନ୍ତରାୟ, ସମାଜସେବୀ ମାଧୁରୀ ଶତପଥି, ଅନନ୍ତ ଦାସ, ଅଭୟ ସାମଲ, ପରିବେଶବିତ୍ ଶ୍ରୀନିବାସ ଜେନା, ସମାଜସେବୀ ମନୋରଞ୍ଜନ ସାହୁ, ଶିକ୍ଷାବିତ୍ ବଳରାମ ନାୟକ, ଚିତ୍ତ ମହାନ୍ତି, ଧନେଶ୍ୱର ସ୍ୱାଇଁ, ବିନାୟକ ପଣ୍ଡା, ଗଜେନ୍ଦ୍ର ବେହେରା, ପ୍ରକାଶ ପୃଷ୍ଟି, ମୁସୁଦା ହାଁଶା ସମେତ ବହୁ ଜଗନ୍ନାଥପ୍ରେମୀ ଓ ଭକ୍ତମାନେ ଯୋଗଦେଇ ଏହି ମହତ କାର୍ଯ୍ୟ ମନ୍ଦିରର ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରିବାକୁଁ ପ୍ରତିଶ୍ରୁତି ଦେଇଥିଲେ। ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ସୁଭଦ୍ରାପୁର ଛକ ହନୁମାନ ମନ୍ଦିର ପରିସରକୁ କରିବା ପାଇଁ ଆଲୋଚନା କରାଯାଇଥିଲା।

## ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ




ଯାଜପୁର,୨୧।୯ (ସମିସ): ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ ନୃସିଂହ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ସଂଘର କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରାଗଲା। ସଂଘର ନୂତନ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରାଯାଇ ଆଗାମୀ ତିନିବର୍ଷ ପାଇଁ ସଂଘକୁ ଆଗେଇ ନେବାକୁ ଆଶାପୋଷଣ କରିଥିଲେ। ପ୍ରତିବର୍ଷପରି ସଂଘ ଦ୍ୱାରା ଗରିବ ମେଧାବୀ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଗଠନ ନିମନ୍ତେ ଉପାଦେୟ ପୁସ୍ତକ ବଣ୍ଟନ କରାଯାଇ ଉକ୍ତ ବିଦ୍ୟାଳୟରେ ବୃକ୍ଷରୋପଣ ସହିତ ପିଲାମାନଙ୍କର ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତାବ ଗୃହିତ ହେଲା। ସେଥିନିମନ୍ତେ ଚିତାଳୋ ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ ସର୍ବସମ୍ମତିକ୍ରମେ ସ୍ଥିରକରାଗଲା। ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ନୂଆ ଗୃହ ନିର୍ମାଣ କରାଯାଇ ଡେ-କେୟାର-କମ୍-ରିକ୍ରିଏସନ୍ ସେଣ୍ଟର କରାଯିବାକୁ ପୂର୍ବତନ ଜିଲ୍ଲାପାଳ ଆର.ଏଣ୍ଡ.ବି ବିଭାଗକୁ ଚିଠି କରାଯାଇଥିଲା। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନାହିଁ। ତେଣୁ ପୁନର୍ବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରାଯାଇ କାର୍ଯ୍ୟର ଅଗ୍ରଗତି ନିମନ୍ତେ ଏହି ବିଷୟରେ ଆଲୋଚନା କରାଯିବାକୁ ସ୍ଥିର କରାଗଲା। ଉକ୍ତ ବୈଠକକୁ ସମ୍ପାଦକ ପ୍ରବୋଧ କୁମାର ନାୟକ ପରିଚାଳନା କରିଥିଲେ ଏବଂ ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ, ସହସମ୍ପାଦକ ବୃନ୍ଦାବନ ମିଶ୍ର, କୋଷାଧ୍ୟକ୍ଷ ମିହିର ରଞ୍ଜନ ନାୟକ, କ୍ଷୀରୋଦ ଚନ୍ଦ୍ର ପାଠୀ, ବରିଷ୍ଠ ସଦସ୍ୟ ମଧୁସୂଦନ ମହାନ୍ତି, ନୃସିଂହ ଚରଣ ଜେନା, ଭରତ କୁମାର ସାହୁ, ଚନ୍ଦ୍ରଶେଖର ପାଣି, ଭରତ ଚନ୍ଦ୍ର ନାୟକ, ନାରାୟଣ ସେଠୀ, ଗୋପୀନାଥ ସେଠୀ, ବିଷ୍ଣୁ ଚରଣ ଲେଙ୍କା, ପଦୀପ କୁମାର ସାହୁ, ଅବସରପ୍ରାପ୍ତ ସଂଘର ସମ୍ପାଦକ ପ୍ରଦୀପ କୁମାର ଦାସ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପ-ସଭାପତି ଧନଞ୍ଜୟ କେଶରୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

ପାଣିକୋଇଲି,୨୧।୯ (ସମିସ): ସମାଜର ପ୍ରତ୍ୟେକ ବର୍ଗକୁ ସାକ୍ଷର କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଉଲ୍ଲାସ ନବ ଭାରତ ସାକ୍ଷରାତା କାର୍ଯ୍ୟକ୍ରମ ଅଧିନରେ କୋରେଇ ଶିକ୍ଷା ମଣ୍ଡଳ ମୂଲ୍ୟାୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି ଏହି ଯୋଜନା ମାଧ୍ୟମରେ ୧୫ବର୍ଷରୁ ଉର୍ଦ୍ଧ୍ୱ ଅଣ ସ୍ୱାକ୍ଷର ବ୍ୟକ୍ତି ବିଶେଷଙ୍କୁ ମୌଳିକ ସାକ୍ଷରତା ତଥା ସଂଖ୍ୟା ଜ୍ଞାନ ପ୍ରଦାନ କରାଯାଇଛି। କୋରେଇ ଶିକ୍ଷା ମଣ୍ଡଳ ଅଧୀନସ୍ଥ ୧୭ଟି କ୍ଲଷ୍ଟର ସାଧନକେନ୍ଦ୍ରର (ସିଆର୍‌ସିସି) ଅନ୍ତର୍ଗତ ୪୨ଟି ପରୀକ୍ଷା କେନ୍ଦ୍ରରେ ଆୟୋଜିତ ଏହି ପରୀକ୍ଷାରେ ୩୬୦୮ ପରୀକ୍ଷାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରୀକ୍ଷାତ୍ରୀଙ୍କ ମୌଳିକ ପଠନ, ଲିଖନ ଓ ସାଧାରଣ ଗାଣିତିକ ଜ୍ଞାନକୁ ନେଇ ମୋଟ ଶହେ ନମ୍ବର ବିଶିଷ୍ଟ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥିଲା। ବିଗତ ଦୁଇ ବର୍ଷ ଧରି ପ୍ରଚଳିତ ଏହି ବ୍ୟବସ୍ଥାରେ ଉତୀର୍ଣ୍ଣ ହେବା ପାଇଁ ସର୍ବନିମ୍ନ ୫୦ ନମ୍ବର ରଖିବା ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ପରିଚାଳନାରେ ବିଇଓ ନାରାୟଣ ଦାସ, ଏବିଇଓ ଅଦିତ କୁମାର ଜେନା, ବିଜୟ କୁମାର ମଲ୍ଲିକ, କଳ୍ପନା ମହାନ୍ତିଙ୍କ ସମେତ ୧୭ ଜଣ ସିଆରସିସି ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ସାକ୍ଷରତା ହାର ବୃଦ୍ଧି ରେ ବିଶେଷ ସାହାଯକ ହେବ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି।

## ପୁରାତନ ଛାତ୍ରସଂସଦ ଦ୍ୱାରା ସଂସ୍କୃତ ମହୋତ୍ସବ



ଯାଜପୁର,୨୧।୯ (ସମିସ): ଯାଜପୁର ପୌରପାଳିକା ଅନ୍ତର୍ଗତ ବିରଜା ସଂସ୍କୃତ ଟୋଲ୍ ଓ ମହାବିଦ୍ୟାଳୟର ପୁରାତନ ଛାତ୍ରସଂସଦ ଦ୍ୱାରା ସଂସ୍କୃତ ମହୋତ୍ସବ ପାଳିତ ହୋଇଯାଇଛି। ପଣ୍ଡିତ ଭୁପତିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଭଗ୍ନ ଅବସ୍ଥାରେ ଟୋଲ୍‌ର କଳେବର ଦେଖି ଦୁଃଖପ୍ରକାଶ କରିଥିଲେ। ସମ୍ପାଦକୀୟ ବିବରଣୀ ପାଠ ପୂର୍ବକ ଡ. ଜ୍ଞାନରଞ୍ଜନ ପତି କ୍ଷୋଭ ପ୍ରକାଶ କରି କହିଲେ ଯେ ଏହି ଶିକ୍ଷାନୁଷ୍ଠାନ ୧୧୮ ବର୍ଷର ପ୍ରାଚୀନ ହୋଇଥିବାରୁ ଉକ୍ତ ଶିକ୍ଷାନୁଷ୍ଠାନ ବହୁ କୃତୀ ଛାତ୍ରଙ୍କୁ ସୃଷ୍ଟିକରିଛି। ଏହା ଯାଜପୁରର ଐତିହ୍ୟ ସଂସ୍କୃତିର ମୁକ୍ତ ସାକ୍ଷୀ ଅଟେ। ଏହିପରି ଏକ ପବିତ୍ର ଅନୁଷ୍ଠାନକୁ ସ୍ଥାନାନ୍ତର ନକରି ଘରକୁ ଭାଙ୍ଗିଦେବା ଠିକ୍ ହୋଇନାହିଁ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଉଚିତ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ କୁମାର ମହାମାନସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଟୋଲ୍‌ର ପ୍ରଧାନ ପଣ୍ଡିତ ସରସ୍ୱତୀ ବେହେରା ସଂସ୍କୃତ ଭାଷା ମହତ୍ୱ ଉପରେ ଆଲୋକପାତ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦ୍‌ଘାଟକ ପଣ୍ଡିତ ବସନ୍ତ କୁମାର ପତି କ୍ଷୋଭପ୍ରକାଶ କରି କହିଥିଲେ ଯାଜପୁରର ସର୍ବପୁରାତନ ସଂସ୍କୃତ ଶିକ୍ଷା ଅନୁଷ୍ଠାନ ବିରଜା ଟୋଲ୍‌କୁ ସରକାର ଭାଙ୍ଗିଦେଇ ଅନ୍ୟ କୌଣସି ସ୍ଥାନରେ ଥଇଥାନ କରିବାର ବ୍ୟବସ୍ଥା କରିନାହାନ୍ତି; ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ସଂସଦର ସଭ୍ୟମାନେ ଯଥାକ୍ରମେ ପଣ୍ଡିତ ଗଣେଶ ଚନ୍ଦ୍ର ପତି, ଶିକ୍ଷକ ଦାମୋଦର ନନ୍ଦ, ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, ପଣ୍ଡିତ ବାସୁଦେବ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶିକ୍ଷକ ନରହରି ଦାସ ପ୍ରଭୃତି ସରକାରଙ୍କ ଦ୍ୱାରା ଅନୁଷ୍ଠାନଟିକୁ ଭାଙ୍ଗିଦେଇଥିବା ହେତୁ ଦୁଃଖପ୍ରକାଶ କରିଥିଲେ। ସରକାର ଏହି ଅନୁଷ୍ଠାନଟିକୁ ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର କରିବାର ସୁବନ୍ଦୋବସ୍ତ କରିବା ଉଚିତ ବୋଲି କହିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ବିଜୟ କୁମାର ନନ୍ଦ ବେଦପାଠ କରିଥିଲେ। ପଣ୍ଡିତ ସୂର୍ଯ୍ୟମଣି ବେଦୀ, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ପଣ୍ଡିତ ଅଜିତ୍ କୁମାର ଦାସ, ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରଭୃତି ବହୁ ସଂସ୍କୃତ ବିଦ୍ୱାନ ଓ ବୁଦ୍ଧିଜୀବୀ ଯୋଗଦାନକରି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

### ଉଦୀୟମାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

# ୫ଟି ଜିଲ୍ଲାର ଛାତ୍ରଛାତ୍ରୀ ସାମିଲ

ବଡଚଣା,୨୧।୯ (ସମିସ):

ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦୀୟମାନ ପକ୍ଷରୁ ୨୫ ତମ ରାଜ୍ୟସ୍ତରୀୟ ସାଧାରଣଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ଆଦି ପ୍ରତିଯୋଗିତା ଚଣ୍ଡିଖୋଲଠାରେ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୋଟ୍ ୫ ଗୋଟି ଜିଲ୍ଲାର ୨ ଶହ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ମୋଟ୍ ୨୨ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ସକାଳ ୧୦ ଘ. ରୁ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକାରେ ଶେଷ ହେଇଥିଲା। ଏହାକୁ ଆନୁଷ୍ଠାନିକ ଭାବେ ଅଧ୍ୟାପକ ବିଶ୍ୱଜିତ୍ ମହାପାତ୍ର, ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ରାମଚନ୍ଦ୍ର ଶୁକ୍ଳ, ସମାଜସେବୀ ଚନ୍ଦନ ନାୟକ ଶୁଭାରମ୍ଭ କରିବା ପରେ ଛାତ୍ରଛାତ୍ରୀ ଗଣ ପରୀକ୍ଷା ହଲ ଭିତରକୁ ପ୍ରବେଶ କରିଥିଲେ। ପରୀକ୍ଷା ସୁପର ଭାଇଜର ଭାବରେ ଶିକ୍ଷାବିତ ପ୍ରମୋଦ କୁମାର ଦାସ, କାହ୍ନୁଚରଣ ସାହୁ, ପ୍ରକାଶ କୁମାର ନାୟକ, ଅନୁଷ୍ଠାନର ସଭାପତି ଅବିନାଶ ଜେନା, ସଂପାଦିକା ଅରୁଣୀ ନନ୍ଦ, ମୁଖ୍ୟ ସଂପାଦକ କାର୍ତ୍ତିକ ଚନ୍ଦ୍ର ଜେନା, ଯୁଗ୍ମ ସଂପାଦକ ରଶ୍ମିରଂଜନ ଦାସ, ଡା. କୈବଲ୍ୟ ମହାପାତ୍ର ସୁପରିଚାଳନା କରିଥିଲା ବେଳେ ବିଚାରକ ଭାବରେ ଡ. ସୁଧୀର ଚନ୍ଦ୍ର ସାମଲ, ଡ. ତୁହିଂନାଶୁ ରଥ, ଡ. ଦିଲ୍ଲୀପ କୁମାର ନାୟକ, ଡ.



ନଟବର ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ, ମନୋରଞ୍ଜନ କର, ଅର୍ଜୁନ ଚରଣ ସାହୁ, ଜୟନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ପରିଚାଳନା କରିଥିଲେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଗାୟତ୍ରୀ ରାଉତ, ସହ ସଂପାଦିକା ସୁଜାତା ସାମଲ, ଶିକ୍ଷୟତ୍ରୀ ରଶ୍ମିତା ସେଠୀ ପରିଚାଳନା ସଂପାଦିକା ରଶ୍ମିତା ଓଝା, ଇତିଶ୍ରୀ ପରିଡା, ଶର୍ମିଷ୍ଠା ଜେନା, ସ୍ୱେଚ୍ଛାସେବୀ ଶେଷାବ୍ଠଧ ସାମନ୍ତରାୟ, ପ୍ରଭାତୀ ବରାଳ, ରାଧାରାଣୀ ରଥ, ସରସ୍ୱତୀ ସିଂ, ସୋନାଲି ନାୟକ, ଯସ୍ମିତା ରାଉତ, ପ୍ରତାପ ଚନ୍ଦ୍ର ଦାସ, ଅନିଲ କୁମାର ପାତ୍ର, ଡମ୍ବରୁ ଧର ଜେନା, ସଂଜୀବ ସାମଲ, ଶ୍ରୀକାନ୍ତ ସିଂ, ସୁକାନ୍ତ ମହାପାତ୍ର, ବିପନ ବେହେରା, ପ୍ରଦୀପ ଜେନା, ସୁଶାନ୍ତ ଜେନା, ମଦନ ପରମାଣିକ, ସୁବାଷ ବେହେରା, ଅଜିତ ନାୟକ, ସାଗର ନାୟକ, ବିଜୟ ଜେନା ଆଇନଜୀବୀ ଦିବ୍ୟାସିଂ ପ୍ରମୁଖ। ଦ୍ୱିତୀୟ ପ୍ରଯ୍ୟାୟ ପ୍ରତିଯୋଗିତା ଅକ୍ଟୋବର ଦୁଇ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ଦିନ ସକାଳୁ ସଂଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା କରାଯିବା ପରେ ସମସ୍ତ ବିଦ୍ୟାଳୟକୁ ଏହାର ଫଳାଫଳ ଜଣାଇଦିଆଯିବ। ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠାନର ୨୫ତମ ବାର୍ଷିକ ଉତ୍ସବ ରୌପ୍ୟ ଜୟନ୍ତୀ ଉତ୍ସବରେ ବିଜୟୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ରୌପ୍ୟଜୟନ୍ତୀ ଆବାହକ ଅନିଲ କୁମାର ଦାସ ସୂଚନା ଦେଇଛନ୍ତି।

# ସମ୍ପାଦକୀୟ



ମାନବାଧିକାର ସୁରକ୍ଷା ସଭ୍ୟତାର ସବୁଠାରୁ ବଡ଼ ଆହ୍ୱାନ।
-ନେଲସନ୍ ମାଣ୍ଡେଲା

ସକାଳ
THE SAKALA

## ମୂଷିକର ମଧୁଚନ୍ଦ୍ରିକା

ଯଦି ଯନ୍ତା ସହିତ ମୂଷାର ମଧୁଚନ୍ଦ୍ରିକା ଭଳି ଅଭାବନୀୟ ଘଟଣାଟିଏ ଘଟେ ବା ମୂଷା ସହିତ ଯନ୍ତା ସାଲିସ୍ କରିବାକୁ ରାଜି ହୋଇଯାଏ ତେବେ ପରିଣାମ ବିଷୟରେ ବିଶଦ୍ ବର୍ଣ୍ଣନାର ଆବଶ୍ୟକତା ହିଁ ନାହିଁ। ଯଦି ଏଭଳି ଘଟଣାର ପୁନରାବୃତ୍ତିରେ ବିରାମ ଚିହ୍ନ ନ ଲାଗେ ତେବେ ତାହାକୁ ବ୍ୟବସ୍ଥାର ବିଡ଼ମ୍ବନା କହିଲେ ବୋଧହୁଏ ଭୁଲ୍ ହେବ ନାହିଁ। ନିକଟରେ ଓଡ଼ିଶାରେ ଘଟିଥିବା ସେଭଳି ଏକ ଘଟଣା ମୂଷିକ-ଯନ୍ତା ମଧୁଚନ୍ଦ୍ରିକାକୁ ପୁଣି ଥରେ ପ୍ରମାଣ କରିଛି। ଗତ ବର୍ଷ ଅକ୍ଟୋବର ମାସରେ ବିହାରର ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଚୌଦ୍ୱାରା ଜେଲ୍‌ରୁ ଫେରାର ହୋଇଯିବା ପରେ ତତ୍କାଳୀନ ଜେଲ୍ ଅଧୀକ୍ଷକ ସୁଜିତ ରାଉଳଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିଲା। ତାଙ୍କ ବିରୋଧରେ ଜେଲ୍ ରେକର୍ଡରେ ଜାଲିଆତି ଏବଂ ସରକାରୀ ଦସ୍ତାବେଜ୍ ହେରଫେର କରିଥିବା ଆଦି ଗୁରୁତର ଅଭିଯୋଗ ଆସିଥିଲା। ଆଗୁଆ ଜାମିନ୍ ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଯିବା ପରେ ତାଙ୍କୁ ଗିରଫ କରାଯାଇଛି। ସମୟର ବିଡ଼ମ୍ବନା ହେଉଛି ଯିଏ ଏକଦା ଜେଲ୍‌ର ଅଧୀକ୍ଷକ ଥିଲେ ଏବେ ସେ ଜେଲ୍‌ର ଚାରିକାନ୍ଥ ଭିତରେ ଜୀବନର କିଛିବର୍ଷ ବିତାଇବାକୁ ଯାଉଛନ୍ତି। ମାମଲା, ତଦନ୍ତ, ଚାର୍ଜସିଟ୍, ତାରିଖ, ସାକ୍ଷ୍ୟ, ପ୍ରମାଣ ଆଦିର କାନୁନଗତ ପେଞ୍ଚରେ ସେ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି କିମ୍ବା ନିର୍ଦ୍ଦୋଷ ଘୋଷିତ ହୋଇପାରନ୍ତି। କିନ୍ତୁ ସେ ଯେ ବାଡ଼ର ଭୂମିକାରେ କ୍ଷେତ ଜଗିବାରେ ଅବହେଳା କରିଥିଲେ ଏହା ଅସ୍ୱୀକାର କରାଯାଇପାରିବ ନାହିଁ।

କାରାଗାର ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ/କର୍ମଚାରୀ କିମ୍ବା ଖୋଦ୍ ଅଧୀକ୍ଷକଙ୍କ ବିରୋଧରେ କଏଦୀଙ୍କୁ ଚମ୍ପଟ ମାରିବାରେ ସହାୟତା ଅଭିଯୋଗ ନୂଆ ନୁହେଁ। ବିଧାନସଭାରେ ସରକାର ଦେଇଥିବା ସୂଚନା ଅନୁଯାୟୀ ଗତ ୫ ବର୍ଷ ଭିତରେ ୪୪ ଜଣ କଏଦୀ ଜେଲ୍‌ରୁ ଫେରାର ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୩୩ ଜଣ ବିଚାରାଧୀନ ଏବଂ ୧୧ ଜଣ ଦୋଷୀସାବ୍ୟସ୍ତ କଏଦୀ ରହିଛନ୍ତି। ଫେରାର କଏଦୀଙ୍କ ମଧ୍ୟରୁ ୨୭ଜଣଙ୍କୁ ପୁନଃଗିରଫ କରାଯାଇଥିବା ବେଳେ ଆହୁରି ୧୭ ଜଣ ଫେରାର ଅଛନ୍ତି। ତେଣୁ ସଦ୍ୟତମ ଖବର ଏହିଭଳି ଘଟଣାମାନଙ୍କର ପୁନରାବୃତ୍ତି ସହିତ ଜଡ଼ିତ ମାତ୍ର। ଅନେକ ଘଟଣାରେ ଦୃଢ଼ ପ୍ରମାଣ ଅଭାବରୁ ସମ୍ପୃକ୍ତ ଅଭିଯୁକ୍ତ ଅଧିକାରୀମାନେ ଖସି ଯାଉଛନ୍ତି। କିଛିବର୍ଷ ପୂର୍ବେ ସେହି ଚୌଦ୍ୱାର ଜେଲ୍‌ରୁ କେତେକ ଆନ୍ତଃରାଜ୍ୟ ଅପରାଧୀଙ୍କୁ ଖସିଯିବାରେ ସହାୟତା କରିଥିବା ଅଭିଯୋଗରେ ଜନୈକ ବରିଷ୍ଠ ଆଇପିଏସ୍ ଅଧିକାରୀ ନିଲମ୍ବିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରମାଣ ଅଭାବରୁ ସେ ଡିଜିପି ପାହ୍ୟାକୁ ପଦୋନ୍ନତି ପାଇଥିଲେ।

ଅଭିଯୋଗ ଅନୁଯାୟୀ ଆବଶ୍ୟକତାଠାରୁ ବହୁ କମ୍‌ସଂଖ୍ୟକ ମାନବ ସମ୍ବଳରେ ଆମ ରାଜ୍ୟର କାରାଗାର ବ୍ୟବସ୍ଥା ପରିଚାଳିତ ହେଉଛି। ତେଣୁ ଏଭଳି ଘଟଣାମାନ ଘଟୁଛି। କିନ୍ତୁ ଏହି ଆଳ ପଛର ସତ୍ୟତା ବହୁଦୂରରେ। ଏଠାରେ ପରିସଂଖ୍ୟାନ ବିଶେଷ ପ୍ରାସଙ୍ଗିକ ନୁହେଁ, ବରଂ ପୁଲିସ୍ ଓ ଜେଲ୍ ପ୍ରଶାସନର ଅପରାଧୀମାନଙ୍କ ସହିତ ସମ୍ପର୍କ ହିଁ ଅଧିକ ଚିନ୍ତାର ବିଷୟ। ତେଣୁ କାରାଗାରରୁ ଫେରାର ଘଟଣା ଅଭିଯୋଗଗୁଡ଼ିକର ଯଥାଯଥ ପ୍ରକ୍ରିୟା ମାଧ୍ୟମରେ ଯାଞ୍ଚ ହେବା ଆବଶ୍ୟକ। କିନ୍ତୁ ଏଭଳି ଅଭିଯୋଗ, ଘଟଣା ଓ ଉଦାହରଣ ଆଦୌ ସ୍ପୃହଣୀୟ ନୁହେଁ।

ଦୃଢ଼ ପ୍ରଶାସନିକ ଶୃଙ୍ଖଳା, ଅନୁଶାସନ ଦ୍ୱାରା କଏଦୀମାନଙ୍କ ଆଚରଣରେ ସୁଧାର ଓ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ କାରାଗାର ଉଦ୍ଦିଷ୍ଟ। ଏହି ଲକ୍ଷ୍ୟ ପୂରଣ କରିବାର ଦାୟିତ୍ୱ କାରାଗାରର ବରିଷ୍ଠ ଅଧିକାରୀମାନଙ୍କର। କିନ୍ତୁ ସେମାନେ ଯଦି କଏଦୀଙ୍କୁ ସୁଧାରିବା ପରିବର୍ତ୍ତେ ସେମାନଙ୍କ ଅସାମାଜିକ ଓ ଅନୈତିକ କାର୍ଯ୍ୟକଳାପକୁ ସମର୍ଥନ ଓ ସହଯୋଗ କରନ୍ତି ତେବେ ସମଗ୍ର ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟୟ ହୋଇପଡ଼ିବା ସ୍ୱାଭାବିକ। ପୁଣି ଯେତେବେଳେ କାରାଗାର ଅଧିକାରୀ ଏବଂ କଏଦୀଙ୍କ ମଧ୍ୟରେ ଅନୁଚିତ ସମ୍ପର୍କ କିମ୍ବା ଗୁପ୍ତ ସମ୍ପୃକ୍ତିର ଅଭିଯୋଗ ଉଠେ, ସେତେବେଳେ ତାହା ସମଗ୍ର ବ୍ୟବସ୍ଥାର ସାଧୁତା, ନିରପେକ୍ଷତା, ସଚ୍ଚୋଟତା, ନିଷ୍ଠା ଓ ନୈତିକତା ସହିତ ଜଡ଼ିତ ହୋଇଯାଏ।

ଗତ ଜୁଲାଇ ମାସରେ ରେଢ଼ାଖୋଲ ଉପ-କାରାଗାରର ମୁଖ୍ୟ ୱାର୍ଡର ଜାମିନରେ ମୁକ୍ତ ହୋଇଥିବା ଦୁଇଜଣ ପୂର୍ବତନ କଏଦୀଙ୍କ ସହ ମିଳାମିଶା କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିବା ପରେ କର୍ତ୍ତୃପକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଉପକଣ୍ଠ ଜାମୁଝୋରି ମୁକ୍ତାକାଶ କାରାଗାରରୁ ୩୨ ଜଣ କଏଦୀ ଫେରାର ହୋଇଯିବା ପରେ ଓଡ଼ିଶାର ଉଚ୍ଚନ୍ୟାୟାଳୟ ବିରକ୍ତି ପ୍ରକାଶ କରି ଏହାପଛରେ କାରାଗାରର ଅଧିକାରୀ କିମ୍ବା କର୍ମଚାରୀମାନଙ୍କର ଭୂମିକା ରହିଛି କି ନାହିଁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ କାରାଗାର ଅଧିକାରୀ/କର୍ମଚାରୀଙ୍କୁ ବିରୋଧରେ ଆସୁଥିବା ଅଭିଯୋଗଗୁଡ଼ିକୁ କେବଳ ବ୍ୟକ୍ତିଗତ ସମସ୍ୟା ବା ଘଟଣା ଭାବେ ଅଭିହିତ କରି ହାଲ୍‌କା ଭାବେ ନିଆଯାଇପାରିବ ନାହିଁ। କାରାଗାର ଅଧିକାର ଓ କଏଦୀଙ୍କ ମଧ୍ୟରେ ଏଭଳି ଅନୁଚିତ ସମ୍ପର୍କ ନୈତିକତା ଭଳି ପ୍ରଶ୍ନ ସହିତ ଜଡ଼ିତ ଥିବାରୁ ଅଭିଯୋଗଗୁଡ଼ିକ ମଧ୍ୟ ସମ୍ବେଦନଶୀଳ। ଏହା ସାମଗ୍ରିକ ଭାବେ କାରାଗାର ବ୍ୟବସ୍ଥା ଓ ଭରସାକୁ କ୍ଷୁଣ୍ଣ କରୁଥିବାରୁ ସେଗୁଡ଼ିକର ତ୍ୱରିତ ଓ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ।

ଜନପଦର ଅତ୍ୟାବଶ୍ୟକ ସାମଗ୍ରୀ ନଷ୍ଟ କରୁଥିବା ମୂଷାମାନଙ୍କୁ ଜବତ କରିବା ପାଇଁ ବିରାଡ଼ିଙ୍କୁ ନିଯୁକ୍ତ କରିବା ପାଇଁ ଆବହମାନ କାଳରୁ ପ୍ରଚଳିତ ଧାରାରେ କ୍ରମଶଃ ବିରାଡ଼ିମାନେ ପୋଷ୍ୟଜନ୍ତୁର ମାନ୍ୟତା ପାଇଗଲେ। କିନ୍ତୁ ବିଡ଼ମ୍ବନା ହେଉଛି ଏବେ ବିରାଡ଼ିମାନେ ମୁନିବଙ୍କ ଖାଦ୍ୟରେ ପରିପୁଷ୍ଟ ହେଉଥିଲେ ହେଁ ମୂଷାମାନଙ୍କୁ ଜବତ କରିବାରେ ସେଭଳି ଆଗ୍ରହ ପ୍ରଦର୍ଶନ କରୁଥିବା ଦୃଷ୍ଟିଗୋଚର ହେଉନାହିଁ। ବିରାଡ଼ିମାନଙ୍କର ଏଭଳି ଅଳସୁଆମି ବା ଉଦାସୀନ ଆଚରଣ ମୂଷାମାନଙ୍କୁ ଉତ୍ସାହିତ କରିଛି ଏବଂ ସେମାନଙ୍କ ଉତ୍ପାତ ବଢ଼ିଚାଲିଛି। ଏହି ପୃଷ୍ଠଭୂମିରେ ମୂଷାମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ଯନ୍ତା ହିଁ ଏକମାତ୍ର ଭରସା ଓ ବିକଳ୍ପ। କିନ୍ତୁ ଯଦି ଚୌଦ୍ୱାର ଜେଲ୍ ଭଳି ଯନ୍ତାଗୁଡ଼ିକ ମଧ୍ୟ ମୂଷାମାନଙ୍କ ସହିତ ସାଲିସ୍ କରିବାର ଉପକ୍ରମ ଆରମ୍ଭ କରିଦିଅନ୍ତି ତେବେ ମଣିଷ ଜୀବନ ବିପର୍ଯ୍ୟସ୍ତ ଓ ଦୁର୍ବିସହ ହୋଇପଡ଼ିବା ନିଶ୍ଚିତ। ଏଠାରେ ମୂଷା କିଏ, ବିରାଡ଼ି କିଏ ତାହା ବୋଧହୁଏ ସୁଧୀ ପାଠକଙ୍କୁ ଅଧିକ ବୁଝାଇ କହିବା ଆବଶ୍ୟକ ନାହିଁ।

# ଜନଗଣନା ତଥ୍ୟ କେତେ ସ୍ୱଚ୍ଛ?

ସୌଭାଗ୍ୟ ସୁନ୍ଦରରାୟ

ସ୍ୱାଧୀନ ଭାରତବର୍ଷର ୧୬ତମ ଜନଗଣନା କାର୍ଯ୍ୟ ପ୍ରାୟ ୫ ବର୍ଷ ବିଳମ୍ବରେ ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ଏହି ଜନଗଣନାରେ ଡିଜିଟାଲ ପ୍ରଯୁକ୍ତି ଉପଯୋଗ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ଗୃହଗଣନା କାର୍ଯ୍ୟ ଆସନ୍ତା ୩୦ ତାରିଖରେ ଶେଷ ହେବ। ଆସନ୍ତା ବର୍ଷ ଜନଗଣନା ହେବ। ଗୃହଗଣନା ସମୟରେ ଗଣନାକାରୀ ୩୩ଟି ପ୍ରଶ୍ନର ଉତ୍ତର ସଂଗ୍ରହ କରିଛନ୍ତି। ମୁଖ୍ୟତଃ ପରିବାରର ସାମାଜିକ ଓ ଆର୍ଥିକ ବିବରଣୀ ସଂଗ୍ରହ ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ। ଅର୍ଥାତ ଘରେ କାଠ, କୋଇଲା, ଘଷି, ନଡ଼ାକୁଟା, ଏଲପିଜି ମଧ୍ୟରୁ କେଉଁଟି ଇନ୍ଧନ ଭାବେ ବ୍ୟବହାର କରାଯାଉଛି? ଶୌଚାଳୟ ଅଛି କି ନାହିଁ? ପାନୀୟ ଜଳର ଉତ୍ସ କ'ଣ? ନଈ, ନାଳ, ପୋଖରୀ, ଝରଣା ବା ଟ୍ୟାପ ଯୋଗେ ଯୋଗାଇ ଦିଆଯାଉଥିବା ବିଶୁଦ୍ଧ ପାନୀୟ ଜଳ। ଏସବୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ପରିସରଭୁକ୍ତ। ତେବେ ଏହି ତଥ୍ୟ ସଂଗ୍ରହରେ ଏକ ବିଭ୍ରାଟକର ପରିସ୍ଥିତି ସାମ୍ନାକୁ ଆସିଛି। ସରକାରୀ ପରିସଂଖ୍ୟାନ ସହ ଗୃହ ଗଣନା ତଥ୍ୟ ମେଳ ଖାଉନାହିଁ। ଫଳରେ ସରକାରୀ ତଥ୍ୟ ସହ ମେଳ ଖାଇବା ପରି ତଥ୍ୟ ସଂଗ୍ରହ କରିବାକୁ ରାଜସ୍ଥାନରେ ଗଣନାକାରୀଙ୍କ ଉପରେ ଉପରିସ୍ଥ ଅଧିକାରୀ ଚାପ ପକାଉଥିବା ଅଭିଯୋଗ ହୋଇଛି। ଏହାର ଅର୍ଥ ହେଲା ସରକାରୀ ତଥ୍ୟ ସହ ଗୃହଗଣନାରୁ ସଂଗୃହୀତ ତଥ୍ୟ ସମାନ ରହିବା ଆବଶ୍ୟକ। ଯଦି ପ୍ରଶାସନର ଆଭିମୁଖ୍ୟ ଏହା, ଗୃହଗଣନାର ଆବଶ୍ୟକତା କାହିଁକି? ଏପରି ହେଲେ ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ବିଭ୍ରାନ୍ତ ହେବାର ଆଶଙ୍କା ରହିଛି।

ରାଜସ୍ଥାନର ଜନଗଣନାକାରୀଙ୍କ ଅଭିଯୋଗ ଅନୁଯାୟୀ ଯଦି ଜଣଙ୍କର ଟିଣ ଛପର ଘର ଅଛି ବୋଲି ମୋବାଇଲ ଆପରେ ଦର୍ଶାଯାଇଛି ତାହାକୁ କଂକ୍ରିଟ ଦର୍ଶାଇବାକୁ ଉପରିସ୍ଥ ଅଧିକାରୀ କହୁଛନ୍ତି। ଯଦି କୌଣସି ପରିବାରର ଶୌଚାଳୟ ନାହିଁ, ସର୍ବସାଧାରଣ ଶୌଚାଳୟ ବା ଆଖପାଖର ଅନ୍ୟ କାହା ଘରେ ଥିବା ଶୌଚାଳୟକୁ ସଂପୃକ୍ତ ପରିବାର ବ୍ୟବହାର କରୁଥିବା ଦର୍ଶାଇ ଏଥିରେ ପରିବର୍ତ୍ତନ ପାଇଁ କୁହାଯାଉଛି। ୨୦୨୫ ଅଗଷ୍ଟ ସୁଦ୍ଧା ଦେଶର ୫, ୮୬, ୯୪୪ ଗ୍ରାମ ମଧ୍ୟରୁ ୫, ୬୬, ୦୬୮ ଗ୍ରାମକୁ ଖୋଲା-ମଳତ୍ୟାଗ-ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହା ବାସ୍ତବ ନୁହେଁ। ଜନସାଧାରଣ ଅନ୍ୟର ଶୌଚାଳୟରେ ନୂଆ ରଙ୍ଗ ଲଗାଇ ସେଥିରେ ହିତାଧିକାରୀ ଭାବେ ନିଜ ନାମ ଲେଖି ସରକାରୀ ଅର୍ଥ ପାଇଛନ୍ତି। ତେଣୁ ଏହି ତଥ୍ୟଟି ଗୃହଗଣନା ସମୟରେ ମେଳ ଖାଉନାହିଁ।

ଦେଶ ସ୍ୱାଧୀନ ହେବା ପରେ ଭାରତବର୍ଷରେ ଏକ ବିଶ୍ୱସନୀୟ ଜନସଂଖ୍ୟା ପରିସଂଖ୍ୟାନର ଜରୁରୀ ଆବଶ୍ୟକତା ପଡ଼ିଥିଲା। ଏହି ପରିସଂଖ୍ୟାନ ଭିତ୍ତିରେ ଦେଶ ପାଇଁ ଯୋଜନାବଦ୍ଧ ଅର୍ଥନୈତିକ ଚିଠା ପ୍ରସ୍ତୁତ କରାଯିବ ଏବଂ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବାର ପରିକଳ୍ପନା କରାଯାଇଥିଲା। ଏହି ତତ୍କାଳ ଆବଶ୍ୟକତା କାରଣରୁ ସମ୍ବିଧାନ ପ୍ରସ୍ତୁତ ହେବା ପୂର୍ବରୁ ସମ୍ବିଧାନ ସଭା 'ଜନସଂଖ୍ୟା ଆଇନ ୧୯୪୮' ଗୃହୀତ କରାଇଥିଲେ। ଏହି ଆଇନ ଅନୁଯାୟୀ ପ୍ରଥମ ଜନଗଣନା ୧୯୫୧ ମସିହା ଫେବୃୟାରୀରେ ହୋଇଥିଲା। ପ୍ରଥମ ଜନଗଣନାର ସ୍ଲୋଗାନ ଥିଲା 'ଭାରତୀୟ ଜନଗଣନା, ଫେବୃୟାରୀ ୧୯୫୧'। ଦେଶ ସ୍ୱାଧୀନ ହେବା ପୂର୍ବରୁ ମଧ୍ୟ ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ଜନଗଣନା ପାଇଁ ୧୮୮୧ ମସିହାରେ ପଦକ୍ଷେପ ନିଆଯାଇଥିଲା। ୧୯୩୧ ମସିହା ଜନଗଣନାକୁ ସାଧାରଣ ଜନତା ବର୍ଜନ କରିଥିଲେ। ୧୯୪୧ ମସିହାର ପଞ୍ଜାବ ଓ ବଙ୍ଗରେ ସାଂପ୍ରଦାୟିକତା ବିଭେଦ ଯୋଗୁଁ ଜନଗଣନା ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସ୍ୱାଧୀନୋତ୍ତର ଭାରତୀୟଙ୍କୁ ଜନଗଣନାରେ ସାମିଲ ପାଇଁ କିପରି ବୁଝାଯାଇପାରିବ, ଗଣନାକାରୀ ଓ ଅଧିକାରୀଙ୍କ ମଧ୍ୟରେ କିପରି ଯୋଗସୂତ୍ର ରକ୍ଷା କରାଯାଇପାରିବ ସେ ସଂପର୍କରେ ଚିନ୍ତା କରାଯାଇ ପ୍ରଚାର ଓ ପ୍ରସାର ନିମନ୍ତେ ଡାକ ବିଭାଗର ସହାୟତା ନିଆଗଲା। ପୋଷ୍ଟକାର୍ଡ, ମନିଅର୍ଡର ଫର୍ମ, ଇନଲାଣ୍ଡ ଲେଟର ଓ ଲଫାପାରେ ଜନସାଧାରଣଙ୍କୁ ଆକୃଷ୍ଟ କଲା ଭଳି ସ୍ଲୋଗାନ ଓ ଛବି ରଖା ଯାଇଥିଲା। ୧୯୭୧ ମସିହା ଜନଗଣନାର ସ୍ଲୋଗାନ ଥିଲା - 'ନିଜ ପରିବାରକୁ ଗଣାନ୍ତୁ ଏବଂ ଏହା କରିବାକୁ ବନ୍ଧୁବାନ୍ଧବଙ୍କୁ କୁହନ୍ତୁ'। ୨୦୦୧ ଜନଗଣନାର ସ୍ଲୋଗାନ ଥିଲା - 'ଅକୁଣ୍ଠିତ ଭାବେ ପରିବାରର ତଥ୍ୟ ପ୍ରଦାନ କରନ୍ତୁ, ଏହାର ବିକାଶର ମାଇଲ ଖୁଣ୍ଟ'।

ଆରମ୍ଭରୁ ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଯେ, ଦେଶର ସଠିକ୍ ଜନସଂଖ୍ୟା ଓ ସାମାଜିକ-ଆର୍ଥିକ ମାନଦଣ୍ଡ କ'ଣ ରହିଛି ସେ ସଂପର୍କରେ ସରକାର ଓ ପ୍ରଶାସନ ଅବଗତ ହେବା। ଜନଗଣନା ତଥ୍ୟ ସରକାରଙ୍କର ହସ୍ତଗତ ହେଲେ ସେହି ଭିତ୍ତିରେ ଭବିଷ୍ୟତ ଯୋଜନା ପ୍ରସ୍ତୁତ କରାଯାଇପାରିବ। ଆର୍ଥିକ ସମ୍ବଳ ବଣ୍ଟନ ହୋଇପାରିବ। ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିବ। ଭିନ୍ନଭିନ୍ନ ବର୍ଗ ପାଇଁ ବିକାଶ କାର୍ଯ୍ୟ ହାତକୁ ନିଆଯାଇପାରିବ। ଦେଶରେ ସନ୍ତୁଳିତ ଆର୍ଥିକ ପ୍ରଗତି ଘଟିପାରିବ। ଜନତାଙ୍କ ଆଶା ଆକାଂକ୍ଷା ପୂରଣ ହୋଇପାରିବ।

ଜନଗଣନା ଦ୍ୱାରା ଦେଶରେ ପୁରୁଷ ଓ ମହିଳାଙ୍କ ଅନୁପାତ, ଜନସଂଖ୍ୟା ସାନ୍ଦ୍ରତା, ସାକ୍ଷରତା ହାର, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜନସଂଖ୍ୟା ସଂପର୍କରେ ତଥ୍ୟ ମିଳିଥାଏ। ଦେଶରେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ତଥ୍ୟ ସଂଗ୍ରହ କରିଥାଏ। ବିଭିନ୍ନ ବିଭାଗ ମଧ୍ୟ ନିଜ ପରିସରଭୁକ୍ତ ତଥ୍ୟ ସର୍ବେକ୍ଷଣ ଜରିଆରେ ସଂଗ୍ରହ କରିଥା'ନ୍ତି। ତେବେ ଦଶବର୍ଷିଆ ଜନଗଣନା ବ୍ୟାପକ ଓ ଏହାର ତଥ୍ୟ ସର୍ବସ୍ୱୀକୃତ। କିନ୍ତୁ ରାଜସ୍ଥାନ ଘଟଣାକୁ ଯଦି ତର୍ଜମା କରିବା ଏହି ଲକ୍ଷ୍ୟ ବିଫଳ କରିବା ପାଇଁ ଚେଷ୍ଟା କରାଯାଉଥିବା ହୃଦବୋଧ ହେଉଛି। ଜନଗଣନାରେ ସରକାରୀ ତ୍ରୁଟି, ବିଚ୍ୟୁତି ଓ ଦୁର୍ବଳତା ଯେପରି ପଦାକୁ ନଆସିବ ସେଥିପାଇଁ ଦୃଷ୍ଟି ଦିଆଯାଉଥିବା ପରି ମନେ ହେଉଛି। ବାସ୍ତବରେ ଜନସାଧାରଣଙ୍କ ନିକଟରେ ପହଞ୍ଚି ନ ଥିବା ସରକାରୀ କଲ୍ୟାଣକାରୀ ଯୋଜନାକୁ ସରକାରୀ ପରିସଂଖ୍ୟାନଭୁକ୍ତ କରାଯାଇଛି। ରାଜନୈତିକ ଲୋକପ୍ରିୟତା ପାଇଁ ଏହା କରାଯାଉଛି। ଏହି ପରିସଂଖ୍ୟାନକୁ ପ୍ରଚାର କରି ସରକାର ବାହାବାହା ନେବାକୁ ଚାହୁଁଛନ୍ତି, ଯାହା ରାଜନୈତିକ ଦଳ ପାଇଁ ନିର୍ବାଚନରେ ସହାୟକ ହେଉଛି। ଏବେ ଘରଗଣନା କାର୍ଯ୍ୟ ସମୟରେ ଏସବୁ ତ୍ରୁଟି ଧରାପଡୁଛି।

ଚଳିତ ଜନଗଣନା ପୂର୍ବ ଜନଗଣନାଠାରୁ ସଂପୂର୍ଣ୍ଣ ଭାବେ ଭିନ୍ନ। ଡିଜିଟାଲ ମୋଡ୍‌ରେ ଏକ ସ୍ୱତନ୍ତ୍ର ଆପ୍ ଜରିଆରେ ତଥ୍ୟ ସଂଗ୍ରହ କରାଯାଉଛି। ଏହି ତଥ୍ୟ ସଂପର୍କରେ ଉପରିସ୍ଥ ଅଧିକାରୀ ତତ୍କାଳ ଅବଗତ ହେଉଛନ୍ତି ଏବଂ ସରକାରୀ ନଥି ସହ ମେଳ କରି ତତ୍କାଳ ସଂଶୋଧନ ପାଇଁ ତାଗିଦ୍ କରୁଛନ୍ତି, ଯାହା ରାଜସ୍ଥାନରେ ଘଟିଛି। ତେଣୁ ଡିଜିଟାଲ ଜନଗଣନାର ସଫଳତା ନେଇ ଏବେ ଆଶଙ୍କା ଉପୁଜିଛି। ବହୁ ସ୍ଥାନରେ ଇଣ୍ଟରନେଟ ସେବା ନାହିଁ। ପ୍ରଥମଥର ପାଇଁ ଜନଗଣନା କାର୍ଯ୍ୟରେ ତଥ୍ୟ ପ୍ରକ୍ରିୟାକରଣ ଲାଗି ଘରୋଇ ସଂସ୍ଥାକୁ ସାମିଲ କରାଯାଇଛି। ତେଣୁ ଜନଗଣନାର ବିଶ୍ୱସନୀୟତା ପ୍ରତି ପ୍ରଶ୍ନ ଉଠୁଛି। ଗୁଗୁଲ ମ୍ୟାପରୁ ଗଣନାକାରୀଙ୍କୁ ଗୃହ ଅଞ୍ଚଳ ଦେଖାଇ ଦିଆଯାଉଛି। ଗଣନାକାରୀ ସେଠାରେ ପହଞ୍ଚିବା ପରେ ସଂପୃକ୍ତ ଅଞ୍ଚଳ ଘାସବୁଦାରେ ପରିପୂର୍ଣ୍ଣ ବୋଲି ଦେଖିବାକୁ ପାଉଛନ୍ତି। ୨୦୨୭ ଜନଗଣନାର ଶୀର୍ଷକ ରହିଛି 'ଜନଗଣନା, ଜନ କଲ୍ୟାଣ'। ଏ ସ୍ଲୋଗାନଟି ଜନସାଧାରଣଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚିପାରିଥିବା ପରି ଲାଗୁନାହିଁ। ଜନଗଣନାର ଡିଜିଟାଲକରଣ ସଂପର୍କରେ ଯେଭଳି ଭାବେ ପ୍ରଚାର କରାଯାଉଛି ଏହାର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସେଭଳି ଭାବେ ପ୍ରଚାରିତ ହୋଇପାରି ନାହିଁ। ଫଳରେ କେତେକ ସ୍ଥାନରେ ଜନସାଧାରଣ ଗଣନାକାରୀଙ୍କୁ ତଥ୍ୟ ଦେବାରେ ଅସହଯୋଗ କରୁଛନ୍ତି। ଓଡ଼ିଶାର କମାକ୍ଷାନଗରଠାରେ ଗଣନାକାରୀ ଆକ୍ରମଣର ଶିକାର ହୋଇଛନ୍ତି। ସେନ୍ସସ ମ୍ୟାନେଜମେଣ୍ଟ ଆଣ୍ଡ ମନିଟରିଂ ସିଷ୍ଟମ ପୋର୍ଟାଲ ସେନ୍ସସ କମିଶନର ଖୋଲିଛନ୍ତି। ଏ ପୋର୍ଟାଲରେ ତଥ୍ୟ ପ୍ରଘଟ, ହେରଫେର ବା ହ୍ୟାକିଂ ନହେବାର କିଛି ନିଶ୍ଚିତତା ଅଛି କି? ଅନ୍-ସ୍କ୍ରିନ ମୂଲ୍ୟାୟନ ନିମନ୍ତେ ସିବିଏସ୍‌ଇ ବେସରକାରୀ ସଂସ୍ଥାର ସହାୟତା ନେଇ ଯେଉଁ କଳଙ୍କ ମୁଣ୍ଡାଇଛି ତାହା ଜନଗଣନା ତଥ୍ୟ କ୍ଷେତ୍ରରେ ନହେବ ବୋଲି ଗ୍ୟାରେଣ୍ଟି ଦିଆଯିବା ଆବଶ୍ୟକ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଗୋଟେ ଚେରୀ, ଗୋଟେ ଜୀବନ

ବିଶ୍ୱନାଥ ପାଢ଼ୀ

ଇରାନୀୟ ନିର୍ଦ୍ଦେଶକ ଅବ୍ବାସ କିଆରୋସ୍ତାମୀଙ୍କ କାଳଜୟୀ ଫିଲ୍ମ 'ଟେଷ୍ଟ ଅଫ୍ ଚେରୀ'ରେ ଗୋଟିଏ ହୃଦୟସ୍ପର୍ଶୀ ଦୃଶ୍ୟରୁ ଜୀବନ ସଂଘର୍ଷର କାହାଣୀ ଆରମ୍ଭ ହୁଏ। ସେଥିରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଚାହୁଁଛନ୍ତି ଏବଂ ଏପରି ଜଣେ ସାହାଯ୍ୟକାରୀ ଖୋଜୁଛନ୍ତି, ଯିଏ ଶେଷ ସମୟରେ ତାଙ୍କ ଉପରେ ତିନି ମୁଠା ମାଟି ଢାଳିଦେବ। ବାସ୍, ପୋତିବା ପୂର୍ବରୁ ଥରେ ଢେଲା ମାରି ନିଶ୍ଚିତ କରିନେବ ଯେ ସେ ଜୀବିତ ଅଛନ୍ତି ନା ନାହିଁ। ପରିଣାମ ଯାହା ବି ହେଉ, ଆତ୍ମହତ୍ୟା ଉଦ୍ୟମ ପରେ ସେ ଜୀବିତ ମିଳନ୍ତୁ କି ମୃତ, ତାଙ୍କ ହାତରେ ଥିବା ଟଙ୍କା ଭର୍ତ୍ତି ବ୍ୟାଗ୍ ସେହି ସାହାଯ୍ୟକାରୀଙ୍କର ହେବ। ଆରମ୍ଭରୁ କଥାଟି ସହଜ ଲାଗେ। ତିନି ମୁଠା ମାଟି ଢାଳିବା ବଦଳରେ ଟଙ୍କା ଭର୍ତ୍ତି ବ୍ୟାଗ୍। ଯେକୌଣସି ଲୋକ ରାଜି ହୋଇଯିବ, ଯେମିତି କିସା ଗୌତମୀଙ୍କୁ ଲାଗିଥିଲା ଯେ ସୋରିଷ ଦାନାଟିଏ ମିଳିବାରେ କ'ଣ ଅସୁବିଧା ଅଛି? ସାରା ଦିନରେ ସେହି ବ୍ୟକ୍ତିଜଣକ ତିନିଜଣ ଲୋକଙ୍କୁ ଭେଟନ୍ତି। କିନ୍ତୁ ସହଜ କଥାଟିଏ ହୋଇଥିଲେ ବି କେହି ରାଜି ହୁଅନ୍ତି ନାହିଁ। ସମସ୍ତେ କିଛି ନା କିଛି ବାହାନା କରି ସେଠାରୁ ଖସିଯାଆନ୍ତି। ଶେଷରେ ଜଣେ ବୃଦ୍ଧ ଲ୍ୟାବ୍ ଆସିଷ୍ଟାଣ୍ଟ ତାଙ୍କ ଉପରେ ତିନି ମୁଠା ମାଟି ଢାଳିବାକୁ ରାଜି ହୁଅନ୍ତି। କାରଣ ତାଙ୍କୁ ତାଙ୍କ ଅସୁସ୍ଥ ପୁଅର ଚିକିତ୍ସା ପାଇଁ ଟଙ୍କା ଅତ୍ୟନ୍ତ ଆବଶ୍ୟକ ଥାଏ। ଏବେ ମୁଖ୍ୟ ଚରିତ୍ର ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଏବଂ ପଚାରନ୍ତି, 'ମାଟି ଢାଳିବା ପୂର୍ବରୁ ତୁମେ ମୋତେ ଢେଲା ମାରି ଦେଖିନେବ ତ ଯେ ମୁଁ ମରିଛି କି ନାହିଁ?' ଜୀବିତ ଥାଉ ଥାଉ କବର ନେବା କେତେ ଭୟାନକ, ସେକଥା ଏବେ ତାଙ୍କୁ ବୁଝାପଡୁଥାଏ। ବୃଦ୍ଧଜଣକ କହନ୍ତି, 'ଈଶ୍ୱରଙ୍କ ଶପଥ, ଗୋଟିଏ ନୁହେଁ ତିନି ଥର ଢେଲା ମାରି ଦେଖିବି। ଯଦି ତୁମେ ଉଠିବ ନାହିଁ, ତେବେ ଯାଇ ମାଟି ଢାଳିବି।' ଏହା ପରେ ଫିଲ୍ମରେ ଜୀବନ ଓ ମୃତ୍ୟୁ ମଧ୍ୟରେ ଟଣାଓଟରା ଆରମ୍ଭ ହୁଏ। ଦୁହେଁ କଥା ହୋଇ ହୋଇ ସେହି ଖାଲ ଆଡ଼କୁ ଆଗେଇ ଚାଲନ୍ତି, ଯେଉଁଠି ଓହ୍ଲାଇ ଏହି ଚରିତ୍ରକୁ ଆତ୍ମହତ୍ୟା କରିବାର ଅଛି। ବାଟରେ ବୃଦ୍ଧଜଣକ ତାଙ୍କୁ କହନ୍ତି ଯେ ଅନେକ ବର୍ଷ ପୂର୍ବେ ଦିନେ ସକାଳେ ସେ ବି ନିଜ ଘରୁ ଦଉଡ଼ି ନେଇ ଫାଶୀ ଲଗାଇବାକୁ ଯାଇଥିଲେ। ସେ ଗୋଟିଏ ଚେରୀ ଗଛରେ ଫାଶୀ ଲଗାଇ ବି ଦେଇଥିଲେ, କିନ୍ତୁ ସେତିକି ବେଳେ ତାଙ୍କ ପାଟିରେ ଚେରୀର ରସ ଠୋପାଟେ ପଡ଼ିଲା। ସେହି ରସ ଏତେ ସୁସ୍ୱାଦୁ ଥିଲା ଯେ ଫାଶୀରେ ଝୁଲିଥିବା ଅବସ୍ଥାରୁ ସେ ଓହ୍ଲାଇ ଆସିଲେ। ଦଉଡ଼ି ଗୋଟାଇ ଘରକୁ ଫେରିଆସିଲେ ଏବଂ ନୀରବରେ ଯାଇ ନିଜ ସ୍ତ୍ରୀ ପାଖରେ ଶୋଇପଡ଼ିଲେ। ତାଙ୍କ ସ୍ତ୍ରୀ ଜାଣି ବି ପାରିଲେ ନାହିଁ ଯେ ସେ ମରିବାକୁ ଯାଇଥିଲେ! ସେହି ଚେରୀର ମିଠା ରସ ବୃଦ୍ଧଙ୍କୁ ଜୀବନର ସୌନ୍ଦର୍ଯ୍ୟ ଓ ମହତ୍ତ୍ୱ ବୁଝାଇ ଦେଇଥିଲା।

ନିକଟରେ(ସେପ୍ଟେମ୍ବର ୧୦ ତାରିଖରେ) ପାଳିତ ହୋଇଯାଇଥିବା 'ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ' ଅବସରରେ ଏହି ସିନେମାଟି ଆମ ସମାଜକୁ ଏକ ବଡ଼ ପ୍ରଶ୍ନ ପଚାରେ - ଆମେ ଜୀବନର ସେହି ମିଠା 'ଚେରୀ ରସ'କୁ ଅନୁଭବ କରିପାରୁଛେ ତ? ସାମ୍ପ୍ରତିକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ସାରା ବିଶ୍ୱରେ ପ୍ରାୟ ୭,୨୦,୦୦୦ ରୁ ଅଧିକ ଲୋକ ଆତ୍ମହତ୍ୟା କରୁଛନ୍ତି। ଏହାର ଅର୍ଥ ପ୍ରତି ୪୦ ସେକେଣ୍ଡରେ ଗୋଟିଏ ଅମୂଲ୍ୟ ଜୀବନ ନିଶ୍ଚିହ୍ନ ହୋଇଯାଉଛି। ବିଶେଷକରି ୧୫ ରୁ ୨୯ ବର୍ଷ ବୟସ୍କ ଯୁବବର୍ଗଙ୍କ ମଧ୍ୟରେ ମୃତ୍ୟୁର ତୃତୀୟ ପ୍ରମୁଖ କାରଣ ସାଜିଛି ଆତ୍ମହତ୍ୟା। ଭାରତରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଆକଳନ ଅନୁସାରେ, ବାର୍ଷିକ ପ୍ରାୟ ୧.୭ ଲକ୍ଷରୁ ଅଧିକ ଲୋକ ନିଜ ଜୀବନ ଜାଣିଶୁଣି ଶେଷ କରିଦେଉଛନ୍ତି। ଦେଶରେ ଦୈନିକ ମଜୁରିଆ, ଛାତ୍ରଛାତ୍ରୀ ଓ ପାରିବାରିକ ଅଶାନ୍ତିରେ ପୀଡ଼ିତ ବ୍ୟକ୍ତିମାନେ ଏହାର ଶିକାର ହେଉଛନ୍ତି। ଆମ ଓଡ଼ିଶାର ସ୍ଥିତି ବି ଅତି ଚିନ୍ତାଜନକ, ଯେଉଁଠି ବାର୍ଷିକ ପ୍ରାୟ ୫,୭୦୦ ରୁ ୬,୦୦୦ ଲୋକ ଆତ୍ମହତ୍ୟା କରୁଛନ୍ତି। ଆର୍ଥିକ ଅନଟନ, ପରୀକ୍ଷା ଚାପ ଓ ମାନସିକ ଅବସାଦ ଓଡ଼ିଶାର ଯୁବପିଢ଼ିକୁ ଗ୍ରାସ କରୁଛି।

ଆତ୍ମହତ୍ୟା କେବଳ ଗୋଟିଏ ମୁହୂର୍ତ୍ତର ନିଷ୍ପତ୍ତି ନୁହେଁ, ଏହା ଦୀର୍ଘଦିନର ମାନସିକ ସଂଘର୍ଷ, ଗଭୀର ମାନସିକ ଅବସାଦ, ଆର୍ଥିକ ସଙ୍କଟ, ପ୍ରତିଯୋଗିତା ଜନିତ ଅତ୍ୟଧିକ ଚାପ ଏବଂ ସାମାଜିକ ଗଣମାଧ୍ୟମ ଯୁଗର ଡିଜିଟାଲ ଏକାକୀପଣର ପରିଣାମ। ନିଜ ମନର ବ୍ୟଥା କାହା ଆଗରେ ପ୍ରକାଶ ନ କରିପାରିବା ଏବଂ ମାନସିକ ସ୍ୱାସ୍ଥ୍ୟକୁ ସମାଜରେ ଏକ 'କଳଙ୍କ' ବୋଲି ଭାବିବା କାରଣରୁ ଲୋକେ ଚୁପଚାପ୍ କଷ୍ଟ ସହନ୍ତି। କିନ୍ତୁ ମୃତ୍ୟୁ କୌଣସି ସମସ୍ୟାର ସମାଧାନ ନୁହେଁ। ଜୀବନ ପ୍ରତି ଦୃଷ୍ଟିକୋଣ ବଦଳାଇଲେ ପ୍ରତ୍ୟେକ ବିପଦରୁ ବାହାରିବାର ବାଟ ମିଳିଥାଏ। ଏହାର ଶ୍ରେଷ୍ଠ ଓ ବାସ୍ତବ ଉଦାହରଣ ହେଉଛନ୍ତି ବିଶ୍ୱପ୍ରସିଦ୍ଧ ଲେଖିକା ଜେ. କେ. ରୋଲିଂ। 'ହ୍ୟାରୀ ପୋଟର' ରଚନା କରିବା ପୂର୍ବରୁ ରୋଲିଂଙ୍କ ଜୀବନ ଅତ୍ୟନ୍ତ ନିରାଶାଜନକ ଥିଲା। ସ୍ୱାମୀଙ୍କ ସହ ବିଚ୍ଛେଦ, ଅଭାବ, ଛୋଟ ଝିଅର ଦାୟିତ୍ୱ ଏବଂ ଗଭୀର ମାନସିକ ଅବସାଦ ଯୋଗୁଁ ସେ ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ। କିନ୍ତୁ ସେ ହାର୍ ନମାନି ନିଜର ମାନସିକ ଚିକିତ୍ସା କରାଇଲେ, ନିଜ ଦୁଃଖକୁ ଲେଖନୀର ରୂପ ଦେଲେ। ଆଜି ସେ ବିଶ୍ୱର ସଫଳତମ ଲେଖିକାମାନଙ୍କ ମଧ୍ୟରୁ ଜଣେ। ଯଦି ସେଦିନ ସେ ନିଜ ଜୀବନ ଶେଷ କରିଦେଇଥା'ନ୍ତେ, ତେବେ ବିଶ୍ୱ ଏକ ମହାନ ସୃଷ୍ଟିରୁ ବଞ୍ଚିତ ହୋଇଥା'ନ୍ତା।

ଆତ୍ମହତ୍ୟା ରୋକିବା ପାଇଁ ଆମ ସମାଜକୁ ଅଧିକ ସମ୍ବେଦନଶୀଳ ହେବାକୁ ପଡ଼ିବ, ଯେଉଁଥିରେ ଅନ୍ୟମାନଙ୍କ କଥା ଶୁଣିବାର ଧୈର୍ଯ୍ୟ ରଖିବା ଏବଂ ମାନସିକ ସ୍ୱାସ୍ଥ୍ୟକୁ ଶାରୀରିକ ସ୍ୱାସ୍ଥ୍ୟ ପରି ଗୁରୁତ୍ୱ ଦେବା ଜରୁରୀ। ଆବଶ୍ୟକ ସମୟରେ ଭାରତ ସରକାରଙ୍କ 'ଟେଲି-ମାନସ' (ହେଲ୍ପ ଲାଇନ:୧୪୪୧୬) ପରି ମାଗଣା ପରାମର୍ଶ ସେବାର ସାହାଯ୍ୟ ନିଆଯାଇପାରିବ।

ଅନ୍ଧକାର ଯେତେ ଗହନ ହେଲେ ବି ପ୍ରଭାତର ଆଗମନ ନିଶ୍ଚିତ। 'ଟେଷ୍ଟ ଅଫ୍ ଚେରୀ' ଫିଲ୍ମର ସେହି ବୃଦ୍ଧଙ୍କ ପରି ଆମକୁ ମନେରଖିବାକୁ ହେବ ଯେ ସଙ୍କଟ ସମୟରେ ଜୀବନର ସାନ ସାନ ସୁନ୍ଦର ଅନୁଭୂତି ବି ଆମକୁ ବଞ୍ଚିବାର ନୂଆ ବାଟ ଦେଖାଇପାରେ। ସମସ୍ୟା ସ୍ଥାୟୀ ନୁହେଁ, କିନ୍ତୁ ଜୀବନ ଅମୂଲ୍ୟ। ଆସନ୍ତୁ! ପରସ୍ପରର ହାତ ଧରିବା, କଥା ହେବା ଏବଂ କୌଣସି ଜୀବନକୁ ଅସମୟରେ ଝଡ଼ିଯିବାକୁ ନଦେଇ ପ୍ରତ୍ୟେକ ପରିସ୍ଥିତିରେ ଜୀବନକୁ 'ହଁ' କହିବା ଶିଖିବା।

ସତ୍ୟବାଦୀ(ପୁରୀ)
ମୋ: ୯୨୩୮୮୩୧୬୫୮

# ଅନ୍ତଃନଳୀର ଜୀବାଣୁ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଜୀବାଣୁ କହିଲେ ପ୍ରଥମେ ମନକୁ ଆସେ ରୋଗ ସୃଷ୍ଟିକାରୀ ସୂକ୍ଷ୍ମଜୀବ। ତେବେ ଏହା ସବୁବେଳେ ସତ୍ୟ ନୁହେଁ। ଆମ ଶରୀରରେ ଏପରି ଜୀବାଣୁ ସ୍ଥାୟୀଭାବେ ବାସ କରନ୍ତି, ଯାହାକି ସୁସ୍ୱାସ୍ଥ୍ୟ ଓ ଜୀବନପ୍ରକ୍ରିୟା ଲାଗି ଏକାନ୍ତ ପ୍ରୟୋଜନ। ଅନ୍ତଃନଳୀରେ ଥିବା ପ୍ରାୟ ୧୦୦ଟ୍ରିଲିୟନ ସଂଖ୍ୟକ ଜୀବାଣୁ ଏହି ଶ୍ରେଣୀର। ଏଗୁଡ଼ିକର ଓଜନ ପ୍ରାୟ ୨ କିଲୋଗ୍ରାମ ଏବଂ ବୃହତ୍ ଅନ୍ତ ତଥା କୋଲେନ୍ ମଧ୍ୟରେ ଏମାନଙ୍କ ସଂଖ୍ୟା ଅଧିକ। ତାଙ୍କ ସହିତ କେତେକ ଭୂତାଣୁ ଓ କବକ ବି ସେଠାରେ ଥା'ନ୍ତି। ଏଗୁଡ଼ିକର ପ୍ରଜାତି ସଂଖ୍ୟା ୧୦୦୦ରୁ ୫୦୦୦। ସେମାନେ ନାନାଦି ଶାରୀରିକ କ୍ରିୟା ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି।

ଅନ୍ତଃନଳୀ ଜୀବାଣୁମାନଙ୍କ ଅନ୍ୟତମ ପ୍ରଧାନ କାର୍ଯ୍ୟ ହେଲା ହଜମ ପ୍ରକ୍ରିୟାରେ ସହାୟତା କରିବା। ଆମ ଖାଦ୍ୟରେ ଥାଏ ଜଟିଳ ତନ୍ତୁ ସେଲୁଲୋଜି ଏବଂ ଅନ୍ୟାନ୍ୟ ଶ୍ୱେତସାର, ସ୍ନେହସାର ଇତ୍ୟାଦି ଜାତୀୟ ପଦାର୍ଥ। ସେମାନେ ସେଗୁଡ଼ିକୁ ଭାଙ୍ଗି ସରଳ ତଥା ସହଜରେ ହଜମ ଉପଯୋଗୀ ପଦାର୍ଥମାନଙ୍କୁ ରୂପାନ୍ତରିତ କରନ୍ତି; ଭିଟାମିନ୍ କେ ଏବଂ ବିଭିନ୍ନ ଭିଟାମିନ୍ ବି ଜାତୀୟ ଅତ୍ୟାବଶ୍ୟକ ଭିଟାମିନ୍ ତଥା କ୍ଷୁଦ୍ରାକାର ମେଦାମ୍ଳ ଭଳି ପଦାର୍ଥମାନ ପ୍ରସ୍ତୁତ କରନ୍ତି; ଆମ ରୋଗ ପ୍ରତିରୋଧକାରୀ ବ୍ୟବସ୍ଥାକୁ ସକ୍ରିୟ କରନ୍ତି ଏବଂ ଜଟିଳ ରାସାୟନିକ ସୂଚନା ମାଧ୍ୟମରେ ଆମ ସ୍ନାୟୁବ୍ୟବସ୍ଥା ଏବଂ ମସ୍ତିଷ୍କ ସହିତ ଯୋଗାଯୋଗ ରକ୍ଷା କରି ତାହାକୁ ସୁସ୍ଥ ଓ ସକ୍ରିୟ ରଖନ୍ତି।

ଦୀର୍ଘଦିନ ଧରି ବିଶ୍ୱାସ କରାଯାଉଥିଲା ଯେ ମଣିଷ ପରେ ସେଲୁଲୋଜ ହଜମକାରୀ ଅନ୍ତଃନଳୀ ଜୀବାଣୁ ନାହାନ୍ତି। କିନ୍ତୁ ୨୦୦୩ ମସିହାରେ ଗବେଷକମାନେ ଏହି ଜଟିଳ ଶର୍କରା ଅଣୁକୁ ହଜମକ୍ଷମ ଏହି ଜୀବାଣୁ ଅନ୍ତଃନଳୀରେ ଆବିଷ୍କାର କଲେ। ସେମାନେ ଚିହ୍ନଟ କରିଥିବା ଏହି ପ୍ରଜାତିଟି ହେଲା 'ରୁମିନୋକୋକସ୍ ଚଂପାନେଲେନ୍ସିସ୍'। ସେମାନେ ଦେଖିଲେ ଯେ ମଣିଷର ଅନ୍ତଃନଳୀରେ ଏହା ଆଶାଜନକ ଭାବେ ନାହିଁ। ତେଣୁ ସେମାନେ ଉଭୟ ଜଙ୍ଗଲୀ ଓ ଗୃହପାଳିତ ୭୫ଟି ସ୍ତନ୍ୟପାୟୀଙ୍କ ଉପରେ ଅଧ୍ୟୟନ କଲେ। ସେଗୁଡ଼ିକରେ ଅର୍ନ୍ତଭୁକ୍ତ ଥିଲେ କିଛି ମାଙ୍କଡ଼ ଜାତୀୟ ଏବଂ କିଛି ରୋମନ୍ଥନକାରୀ। ମଣିଷଠାରେ ଥିବା 'ରୁମିନୋକୋକସ୍ ଚଂପାନେଲେନସିସ' ଏବଂ ରୋମନ୍ଥନକାରୀଙ୍କଠାରେ ଥିବା 'ରୁମିନୋକୋକସ୍ ଫ୍ଲାଭେଫାସିଏନ୍ସ'ଙ୍କୁ ସୂଚନା ରୂପେ ଗ୍ରହଣ କରି ସେଥିସହିତ ସଂପୃକ୍ତ ପ୍ରଜାତିଗୁଡ଼ିକୁ ଚିହ୍ନଟ କଲେ। ରୋମନ୍ଥନକାରୀଙ୍କ ଠାରେ ୨୫ଟି ଏବଂ ମଣିଷ ସମେତ ମାଙ୍କଡ଼ ଜାତୀୟ ପଶୁମାନଙ୍କ ଠାରେ ୨୨ଟି ଏପ୍ରକାର ଜୀବାଣୁ ଆବିଷ୍କୃତ ହେଲା। ଏହାପରେ ଗବେଷକମାନେ ବିଭିନ୍ନ ଦେଶର ଲୋକଙ୍କଠାରେ ଥିବା ସେଲୁଲୋଜ ହଜମକାରୀ ଜୀବାଣୁମାନଙ୍କ ବ୍ୟାପକତା ଏବଂ ତାରତମ୍ୟ ଅଧ୍ୟୟନ କଲେ। ଦେଖାଗଲା ଯେ ଡେନମାର୍କ, ଫ୍ରାନସ, ଚାଇନା, ସ୍ୱିଡେନ ଓ ଆମେରିକା ଭଳି ଶିଳ୍ପୋନ୍ନତ ଦେଶର ଲୋକମାନଙ୍କଠାରେ ଏହାର ବ୍ୟାପକତା ମାତ୍ର ୪.୬ ଶତାଂଶ ହେଲା ବେଳେ ଆଫ୍ରିକା ଓ ଏସିଆର ଅନେକ ଦେଶର ଗ୍ରାମାଞ୍ଚଳମାନଙ୍କରେ ତାହା ୨୦ ରୁ ୨୧ ଶତାଂଶ। ଅନୁମାନ କରାଯାଏ ଯେ ଆଜକୁ ପ୍ରାୟ ୧୦୦୦-୨୦୦୦ ବର୍ଷ ପୂର୍ବେ ତାହା ପ୍ରାୟ ୪୩ ଶତାଂଶ ଥିଲା।

ଅନ୍ତଃନଳୀରେ ଏହି ଜୀବାଣୁଙ୍କ ସଂଖ୍ୟା କମିଯିବାର ପ୍ରଥମ କାରଣ ହେଲା ଖାଦ୍ୟାଭାସରେ ପରିବର୍ତ୍ତନ। ଶିଳ୍ପସମୃଦ୍ଧ ଦେଶଗୁଡ଼ିକରେ ପ୍ରକ୍ରିୟାକରଣ ହୋଇଥିବା ଫାଷ୍ଟଫୁଡର ଚାହିଦା ଅଧିକ। ତେଣୁ ସେଠାରେ ଲୋକଙ୍କଠାରେ ଏହା କମ୍। ଅନ୍ୟପକ୍ଷରେ ଚାଉଳ, ଗହମ, ମାଣ୍ଡିଆ, ସୋୟା ଇତ୍ୟାଦି ତନ୍ତୁଯୁକ୍ତ ପଦାର୍ଥ ମୁଖ୍ୟ ଖାଦ୍ୟ ହୋଇଥିବା ଦେଶର ଲୋକଙ୍କଠାରେ ଏହା ଅଧିକ। ପ୍ରାୟ ୧୦୦୦ ବର୍ଷ ପୂର୍ବେ ଏପରି ଖାଦ୍ୟର ପ୍ରଚଳନ ବେଶି ଥିଲା। ତେଣୁ ସେମାନଙ୍କ ଅନ୍ତଃନଳୀରେ ବାସ କରୁଥିଲେ ଅଧିକ ସେଲୁଲୋସ୍ ହଜମକାରୀ ଜୀବାଣୁ। ମାଙ୍କଡ଼ ଜାତୀୟ ପ୍ରାଣୀମାନଙ୍କ ଠାରେ ଏହା ଅଧିକ ହେବାର କାରଣ ହେଲା ସେମାନେ ଖାଉଥିବା ତନ୍ତୁବହୁଳ ଖାଦ୍ୟ। ପୁନଶ୍ଚ ଆଣ୍ଟିବାଇଓଟିକସ ଔଷଧ ସେବନ, ଅନିଦ୍ରା, ମଦ୍ୟପାନ, ଅତ୍ୟଧିକ ସୁମିଷ୍ଟ ଖାଦ୍ୟ ଭୋଜନ ଇତ୍ୟାଦି ଏ ଜୀବାଣୁମାନଙ୍କର ଆମଠାରେ ସଂଖ୍ୟାହାନିର କାରଣ ହୋଇପାରନ୍ତି ବୋଲି ଗବେଷକମାନଙ୍କ ମତ।

ବିଜ୍ଞାନ ପତ୍ରିକା 'ସାଇନସ' (ମାର୍ଚ୍ଚ ୨୦୨୪) ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଏଥିଯୋଗୁଁ ଶରୀରରେ ଶକ୍ତିର ସମତୁଲ୍ୟତାର ହାନି ଘଟୁଛି ଏବଂ ବିବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହେଉଛି। ଅନ୍ତଃନଳୀର ଜୀବାଣୁ ବ୍ୟବସ୍ଥାକୁ ସୁସ୍ଥ ଓ ସକ୍ରିୟ ରଖିବାକୁ ହେଲେ ଆମକୁ ପନିପରିବା, ଫଳମୂଳ, ସଂପୂର୍ଣ୍ଣ ଶସ୍ୟ ଏବଂ ବିନ୍ ଭଳି ସେଲୁଲୋଜ ଯୁକ୍ତ ଖାଦ୍ୟ ସହିତ ଦହି ଭଳି କିଣ୍ୱନ ହୋଇଥିବା ଆମ୍ବିଳା ପଦାର୍ଥ ଯଥେଷ୍ଟ ପରିମାଣରେ ଖାଇବା ଦରକାର।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବର୍ଷା ସ୍ଥିତି ଉପରେ ନଜର ରଖି ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୯(ସମିସ): ଆଗାମୀ ୨-୩ ଦିନ ରାଜ୍ୟର ବିଶେଷ କରି ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡ଼ିକରେ ବର୍ଷା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଏହି ବର୍ଷା ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ଭାବ୍ୟ ବର୍ଷା ସ୍ଥିତିର ମୁକାବିଲା ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକ ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନଙ୍କରେ ଲଘୁଚାପଜନିତ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ଦକ୍ଷିଣ ଓଡ଼ିଶାରେ ସମ୍ଭାବ୍ୟ ପ୍ରବଳ ବର୍ଷା ଉପରେ ନଜର ରଖାଯାଇଛି। ଏହି ଦୃଷ୍ଟିରୁ ଶତ ପ୍ରତିଶତ ପ୍ରସ୍ତୁତି ଓ ସଜାଗ ରହିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଜିଲ୍ଲାପାଳଙ୍କୁ ନିଜ ନିଜ ଜିଲ୍ଲାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ସୁନିଶ୍ଚିତ କରିବାକୁ କୁହାଯାଇଛି।

ଆଭାସୀ ମାଧ୍ୟମରେ ଯୋଗଦେଇ ଥିବା ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଜିଲ୍ଲାରେ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପଚାରି ବୁଝିଥିଲେ। ଗଞ୍ଜାମ, ଗଜପତି ଓ ମାଲକାନଗିରି ପ୍ରଭୃତି ଜିଲ୍ଲାପାଳ ତଥା ଏଡିଏମ୍‌ମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ବର୍ଷାର ପରିମାଣ ବୃଦ୍ଧି ପାଇଲେ ତଳିଆ ଅଞ୍ଚଳ, ଜଳ ନିଷ୍କାସନ ବ୍ୟବସ୍ଥା ଓ ନଦୀ ଅବବାହିକାରେ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବ ପ୍ରସ୍ତୁତି ପୂର୍ବରୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ପ୍ରଭାବିତ ହେବାକୁ ଥିବା ଜିଲ୍ଲାରେ ସଂପୃକ୍ତ ଅଧିକାରୀମାନଙ୍କ ଛୁଟି ବାତିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ନପ୍ରସବା ମହିଳାଙ୍କ କ୍ଷେତ୍ରରେ ଆଗୁଆ ପଦକ୍ଷେପ ସ୍ୱରୂପ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ଜଳଭଣ୍ଡାରର ଜଳସ୍ତର ଓ ଜଳ ପରିଚାଳନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବାଲିମେଳା ଓ କୋଲାବ ଜଳଭଣ୍ଡାରରେ ଜଳସ୍ତର ସ୍ୱାଭାବିକ ରହିଥିବାରୁ ଆଗାମୀ ବର୍ଷାଜଳ ଧାରଣ ପାଇଁ ସେଠାରେ ଯଥେଷ୍ଟ କ୍ଷମତା ରହିଛି। ତେବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଜଳଭଣ୍ଡାର କ୍ଷମତାର ପ୍ରାୟ ୮୪ ପ୍ରତିଶତ ଜଳ ଥିବାରୁ ଆବଶ୍ୟକତା ଅନୁଯାୟୀ ଜଳସ୍ତର କମାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତେଲେଙ୍ଗିରି ଜଳସେଚନ ପ୍ରକଳ୍ପର ସ୍ଥିତି ସମୀକ୍ଷା କରାଯାଇ ଅଧିକ ବର୍ଷାଜଳକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରସ୍ତୁତି ସହ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି।

ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଯେଉଁ ସ୍ଥାନରେ ଜଳ ନିଷ୍କାସନ, ଡ୍ରେନେଜ୍ କିମ୍ବା ଅନ୍ୟାନ୍ୟ ସମସ୍ୟା ହେବାର ଆଶଙ୍କା ରହିଛି, ସେଠାରେ ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଦକ୍ଷିଣ ଓଡ଼ିଶାର ସମସ୍ତ ନଦୀ ଜଳ ଭଣ୍ଡାରଗୁଡ଼ିକରେ ଜଳସ୍ତର ପ୍ରତି ନଜର ରଖାଯିବା ସହ ଅଧିକ ଜଳ ସମ୍ଭାବନା କ୍ଷେତ୍ରରେ ଜଳ ନିଷ୍କାସନ ପରିଚାଳନା କରାଯିବ ବୋଲି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବୈଠକରେ ସୂଚନା ଦେଇଥିଲେ। ଏସଆରସିଙ୍କ ପକ୍ଷରୁ କୁହାଯାଇଛି ଯେ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବନ୍ୟା-ବାତ୍ୟା ଆଶ୍ରୟ ସ୍ଥଳୀଗୁଡ଼ିକରେ ବିଦ୍ୟୁତ୍ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ୍ରାଫ୍ ଏବଂ ଏନଡିଆରଏଫ ଟିମ୍ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆବଶ୍ୟକ ସତର୍କତା ଓ ପ୍ରସ୍ତୁତି ନିଶ୍ଚିତ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବୈଠକରେ ଅଗ୍ନିଶମ ସେବା ନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ଏସ୍‌ଆରସି ରାଜେଶ ପ୍ରଭାକର ପାଟିଲଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ଅନ୍ୟ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ସମ୍ଭାବ୍ୟ ଲଘୁଚାପଜନିତ ଲଗାଣ ବର୍ଷାରେ ପ୍ରଭାବିତ ହେବାକୁ ଥିବା ୧୧ଟି ଜିଲ୍ଲାର ଜିଲ୍ଲାପାଳମାନେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।

# ବନ୍ଦୀ ଅଧୀକ୍ଷକଙ୍କୁ ଭେଟିଲେ ଜେଲ୍ ଡିଜି

ଭୁବନେଶ୍ୱର, ୨୧।୯(ସମିସ): ଯେଉଁ ଚୌଦ୍ୱାର ସର୍କଲ୍ ଜେଲ୍‌ର ଦାୟିତ୍ୱରେ ଥିଲେ, ଏବେ ସେହି ଜେଲ୍‌ରେ ବନ୍ଦୀ ବରିଷ୍ଠ ଜେଲ୍ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ଆଜି ଭେଟିଛନ୍ତି ଜେଲ୍ ଡିଜି ସୁଶାନ୍ତ କୁମାର ନାଥ। ଦୀର୍ଘ ୩ ଘଣ୍ଟାକାଳ ଜେଲ୍ ଡିଜି ଜେଲ୍‌ରେ ଶ୍ରୀ ରାଉଳଙ୍କ ସହ ଆଲୋଚନା କରିଛନ୍ତି। ଅପରପକ୍ଷରେ ଗତକାଲି ରାତି ପ୍ରାୟ ୩ଟା ସମୟରେ ଗୋଟିଏ ବଡ଼ ଗାଡ଼ି ଜେଲ ନିକଟରେ ପହଞ୍ଚିଥିବା ଓ ପ୍ରାୟ ଘଣ୍ଟାଏ ଯାଏ ଜେଲ୍ ସମ୍ମୁଖରେ ରହିବା ଘଟଣା ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି।



ଗତବର୍ଷ ଚୌଦ୍ୱାର ଜେଲ୍‌ରୁ ଦୁଇ ବିଚାରାଧୀନ କଏଦୀ ଫେରାର ହେବା ଘଟଣା ପରେ ଜେଲ୍ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ଶ୍ରୀ ରାଉଳ ଜେଲ୍‌ର ମିନିଟ୍ ବୁକ୍ ଓ ଅନ୍ୟ ସରକାରୀ ରେକର୍ଡରେ ହେରଫେର ଓ ସନ୍ତୋଷିନୀ ଦାଶଙ୍କ ଦସ୍ତଖତ ଜାଲିଆତି କରିଥିଲେ। ଏହାକୁ ନେଇ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ଅଭିଯୋଗ ଆଧାରରେ ଚୌଦ୍ୱାର ଥାନାରେ ମାମଲା ରୁଜୁ ହୋଇଥିଲା। ଶ୍ରୀ ରାଉଳ ଆଗୁଆ ଜାମିନ ଆବେଦନ କରିଥିଲେ ମଧ୍ୟ ହାଇକୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ଏହାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତାହା ଏବେ ବିଚାରାଧୀନ ରହିଛି। ଗତକାଲି ରାତି ପ୍ରାୟ ସାଢେ ୧୨ଟାରେ ଚୌଦ୍ୱାର ଥାନା ପୁଲିସ ସୁଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରେ ସୁଜିତଙ୍କୁ ଚୌଦ୍ୱାର ଜେଲ୍‌ରେ ହିଁ ନ୍ୟାୟିକ ହାଜତରେ ରଖାଯାଇଛି। ଅର୍ଥାତ୍ ଯେଉଁ ଜେଲରେ ସେ ଅଧୀକ୍ଷକ ଥିଲେ, ଏବେ ସେ ସେହି ଜେଲ୍‌ର ହାଜତରେ ବନ୍ଦୀ। ମାତ୍ର ଜେଲ୍ ଡ଼ିଜି ଅଧୀକ୍ଷକଙ୍କୁ ଭେଟିବାକୁ ଜେଲ୍‌ରେ ପହଞ୍ଚିବା ଘଟଣା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୋମବାର ଡିଜି ଶ୍ରୀ ନାଥ ଦିନ ଗୋଟାଏରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚୌଦ୍ୱାର ଜେଲରେ ରହିଥିଲେ। ଗିରଫ ହୋଇ ଜେଲ୍ ମେଡିକାଲରେ ଥିବା ସୁଜିତଙ୍କୁ ଅଫିସକୁ ଡ଼କାଇ କୌଣସି ପ୍ରସଙ୍ଗରେ ଦୀର୍ଘ ସମୟ ଆଲୋଚନା କରିଥିଲେ। କେଉଁ ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା, ତାହା ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ଏହାକୁ ନେଇ ଜେଲ ବିଭାଗରେ ଫୁସୁରୁଫାସର ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଗତକାଲି ରାତି ପ୍ରାୟ ୩ଟା ବେଳକୁ ଗୋଟାଏ ବଡ଼ ଗାଡ଼ି ଚୌଦ୍ୱାର ଜେଲ୍ ନିକଟରେ ପହଞ୍ଚିବା ଓ ୨ ଜଣ ଗାଡ଼ି ଭିତରୁ ବାହାରି ଜେଲ୍ ଭିତରକୁ ଯିବା ନେଇ କିଛି ସ୍ଥାନୀୟ ଲୋକଙ୍କ ସୂଚନା ଅନେକ ସନ୍ଦେହ ସୃଷ୍ଟି କରିଛି। ଏହି ଗାଡ଼ିରେ କିଏ ଓ କାହିଁକି ଆସିଥିଲେ; ଏତେ ରାତିରେ ଜେଲ୍ ଭିତରକୁ ସେମାନଙ୍କୁ କାହିଁକି ଛଡ଼ାଗଲା, କାହା ନିର୍ଦ୍ଦେଶରେ ଯିବାକୁ ଦିଆଗଲା ତାହାର ଅନୁସନ୍ଧାନ ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

■ ବିଳମ୍ବିତ ରାତିରେ ଜେଲ୍‌କୁ ଆସିଥିବା ଲୋକମାନେ କିଏ?
■ ଜେଲ୍ ଭିତରକୁ ଯାଇଥିବା ୨ ଜଣ ବ୍ୟକ୍ତିଙ୍କ ପରିଚୟ କଣ?

# ଶିବାଙ୍ଗୀଙ୍କୁ ମିଳିଲା ତ୍ୱରିତ ସହାୟତା

## ଏମ୍ସ ଭୁବନେଶ୍ୱରରେ ହେଲା ହାତର ଅସ୍ତ୍ରୋପଚାର



ଭୁବନେଶ୍ୱର,୨୧।୯(ସମିସ): ଦିବ୍ୟାଙ୍ଗ ଶିଶୁ ଶିବାଙ୍ଗୀ ବୈଷ୍ଣବୀ ନାୟକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ଅସୁବିଧା କଥା ଜାଣି ଶିବାଙ୍ଗୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଶିବାଙ୍ଗୀଙ୍କ ଆବଶ୍ୟକ ଚିକିତ୍ସା ସୁନିଶ୍ଚିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରରେ ତାଙ୍କ ହାତର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ତାଙ୍କର ଚିକିତ୍ସା ଓ ଅସ୍ତ୍ରୋପଚାର ବ୍ୟବସ୍ଥା କରାଯାଇଥିବା ସହ ହସ୍ପିଟାଲରେ ତାଙ୍କ ଚିକିତ୍ସା ସୁଚାରୁ ଭାବେ ଚାଲିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି। ସୂଚନା ଅନୁସାରେ, ମାଇକ୍ରୋବ୍ଲୋଗିଙ୍ଗ୍ ସାଇଟ 'ଏକ୍ସ'ରେ ଦେବୀପ୍ରସାଦ ନାମକ ଜଣେ ୟୁଜର ଏ ବାବଦରେ ଜଣାଇବା ପରେ ମନ୍ତ୍ରୀ ଅସ୍ତ୍ରୋପଚାର ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ୨୦୨୫ ମସିହାରେ ମଧ୍ୟ ତାଙ୍କ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେବା ସହ ଶିବାଙ୍ଗୀଙ୍କୁ ଏକ ଶ୍ରବଣଯନ୍ତ୍ର ପ୍ରଦାନ କରାଯିବାରେ ସହଯୋଗ କରାଯାଇଥିଲା। ଶିବାଙ୍ଗୀଙ୍କ ଚିକିତ୍ସା ଓ ଆବଶ୍ୟକ ସହାୟତା ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଶିବାଙ୍ଗୀଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧ ଜିଲ୍ଲାରେ ୨ ଦିନ...

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶା ଦିଗକୁ ସ୍ଥାନାନ୍ତରିତ ହୋଇପାରେ। ୨୬-୨୭ରେ ବର୍ଷାର ତୀବ୍ରତା ଧୀରେ ଧୀରେ କମିବ। ଯଦିଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଅଞ୍ଚଳରେ ବିଚ୍ଛିନ୍ନ ଭାବେ ପ୍ରବଳ ବର୍ଷା ଜାରି ରହିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଦେଶରୁ ମୌସୁମୀ ଅପସାରଣ ପ୍ରକ୍ରିୟା ଜାରି ରହିଛି। ରାଜସ୍ଥାନର ଆହୁରି କିଛି ଅଞ୍ଚଳ ତଥା ହରିୟାଣା ଏବଂ ପଞ୍ଜାବର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସରି ଯାଇଛି। ଆଗାମୀ ୨-୩ ଦିନ ମଧ୍ୟରେ ପଞ୍ଜାବ, ହରିୟାଣା-ଚଣ୍ଡୀଗଡ଼-ଦିଲ୍ଲୀର ଅବଶିଷ୍ଟ ଅଂଶ, ରାଜସ୍ଥାନର ଆଉ କିଛି ଅଂଶ ତଥା ସୌରାଷ୍ଟ୍ର ଓ କଚ୍ଛ, ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଶ୍ଚିମ ଉତ୍ତର ପ୍ରଦେଶର କିଛି ଅଂଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଅପସାରଣ ପାଇଁ ପରିସ୍ଥିତି ଅନୁକୂଳ ରହିଛି।

### ସିସିଟିଭିରେ...

ସାମଗ୍ରୀ ଜମା ଓ ସଂରକ୍ଷଣ ବ୍ୟବସ୍ଥାର ମଧ୍ୟ ବିବରଣୀ ରହିଛି। ସଫ୍ଟୱେର ମାଧ୍ୟମରେ ମୂଲ୍ୟବାନ ସାମଗ୍ରୀ ପାଇଁ ରସିଦ ପ୍ରସ୍ତୁତ ହେଉଥିବା ଏବଂ ସେଗୁଡ଼ିକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଲକରରେ ରଖାଯାଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଦାନ ଚୋରି ଘଟଣାକୁ ନେଇ ବିବାଦ ତୀବ୍ର ହେବା ପରେ ରାମମନ୍ଦିର ଟ୍ରଷ୍ଟର ଦୁଇ ପ୍ରମୁଖ ଅଧିକାରୀ ଚମ୍ପତ ରାୟ ଓ ଅନିଲ ମିଶ୍ରଙ୍କୁ ପଦରୁ ହଟାଯାଇଥିବା ରିପୋର୍ଟରେ କୁହାଯାଇଛି। ଏହାପରେ ଟ୍ରଷ୍ଟର ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ କରାଯାଇ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଜିତେନ୍ଦ୍ର ମିଶ୍ରଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଜୁନ୍ ୧୩ରେ ଲକ୍ଷ୍ନୌ ଡିଭିଜନାଲ କମିସନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ତିନିଜଣିଆ ଏସ୍‌ଆଇଟି ଗଠନ କରାଯାଇଥିଲା। ଜୁନ୍ ୨୩ରେ ଦଳ ପ୍ରାଥମିକ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେଇଥିଲା ଏବଂ ଏଥିରେ ଅନେକ କଠୋର ସୁପାରିସ କରାଯାଇଥିଲା। ମାମଲାରେ ଅବିନାଶ ଶୁକ୍ଲା, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଓ ରାମଶଙ୍କର ଯାଦବ ଓରଫ ଟିନ୍ନୁଙ୍କ ସମେତ ଅନ୍ୟ କେତେକ ଅଜଣା ବ୍ୟକ୍ତିଙ୍କ ନାମ ଏତଲାରେ ରହିଛି। ଏହି ୮ ଜଣଙ୍କୁ ଗିରଫ କରାଯାଇଥିବା ଏବଂ ଭାରତୀୟ ନ୍ୟାୟ ସଂହିତା ସହ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୧)(ଏ) ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ଆଜିଠାରୁ...

ବିରୋଧୀଙ୍କୁ କିପରି ସାମ୍ନା କରାଯିବ ସେନେଇ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଛି। ସରକାର ସବୁ ଆଲୋଚନାକୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି କହୁଥିଲେ ହେଁ ବିଧାନସଭାରେ ଏହା କିପରି ପ୍ରତିଫଳିତ ହେଉଛି, ତାହା ଉପରେ ନଜର ରଖିଛନ୍ତି ବୁଦ୍ଧିଜୀବି ମହଲ।

### ବିଫଳତା ରାଜ୍ୟ ବିଜେପି...

ଅଧିକାର ଫେରାଇ ଆଣିବା ପାଇଁ ଲଢ଼େଇ କରିବ।

ସେ ପୁଣି କହିଛନ୍ତି ଯେ ଯଦି ଶିକ୍ଷା ବ୍ୟବସ୍ଥା ନଷ୍ଟ ହୋଇଯାଏ ତେବେ ଦେଶର ଭବିଷ୍ୟତ ନଷ୍ଟ ହୋଇଯାଏ। ପାଠ୍ୟ ପୁସ୍ତକରେ ତ୍ରୁଟି ଏକ ବିରାଟ ଭୁଲ ଓ ଏକ ଅପରାଧିକ ତ୍ରୁଟି। ତେଣୁ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟୀତ୍ୱ ନେବାକୁ ପଡ଼ିବ ଏବଂ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ପଡିବ। ବିଜେପି ସରକାର ଅମଳରେ ରାଜ୍ୟର ଚାଷୀମାନେ ସବୁଠାରୁ ଅଧିକ ନିଷ୍ପେସିତ ହୋଇଛନ୍ତି। ଠିକ୍ ସମୟରେ ସାର ମିଳୁନି, ବିହନ ମିଳୁନି, ଧାନ ଉଠୁନି। ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଏଫ୍‌ସିଆଇ ଧାନ ନେଉନାହିଁ। ଏଭଳି ଅବ୍ୟବସ୍ଥାକୁ ଆମେ ନୀରବରେ ସହ୍ୟ କରିପାରିବୁ ନାହିଁ। ଦରବୃଦ୍ଧି ପ୍ରସଙ୍ଗରେ ସରକାରଙ୍କ ବିଫଳତାରେ ଶ୍ରୀ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ନିକଟରେ ୟୁପିଆଇ ପେମେଣ୍ଟ ଉପରେ ଏମଡିଆର ଲାଗୁ କରାଯିବା ଦ୍ୱାରା ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀମାନେ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ମତବ୍ୟକ୍ତ କରି ଏଥିପାଇଁ ଅଧିକ ସୁରକ୍ଷା ବ୍ୟବସ୍ଥା ଏବଂ ଏମ୍‌ଡ଼ିଆର୍ ଉପରେ ସ୍ୱଚ୍ଛତା ଆସିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)ରେ ବହୁ ସଂଖ୍ୟକ ଯୋଗ୍ୟ ଭୋଟରଙ୍କ ନାମ କଟିଯିବା ଏକ ଗୁରୁତର ବିଷୟ ଏବଂ ବିଜୁ ଜନତା ଦଳ ଭୋଟରଙ୍କୁ ନ୍ୟାୟ ଦେବା ପାଇଁ ତାର ଲଢେଇ ଜାରି ରଖିବ ବୋଲି ନବୀନ କହିଛନ୍ତି।

ଏହି ଅବସରରେ ନବୀନ ବିଧାନସଭାରେ ରାଜ୍ୟ ସ୍ୱାର୍ଥ, ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗକୁ ଅତ୍ୟନ୍ତ ଶାଣିତ ଶବ୍ଦରେ ଉପସ୍ଥାପନ କରିବାକୁ ଦଳୀୟ ବିଧାୟକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବାର ଇତି ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ବିତି ଗଲାଣି। କିନ୍ତୁ ଯେଉଁ ପରିବର୍ତ୍ତନର ନାରା ଦେଇ ସେମାନେ କ୍ଷମତାକୁ ଆସିଥିଲେ, ତାହା କେହି ଅନୁଭବ କରିପାରୁଛନ୍ତି ବୋଲି ସେ ଦଳୀୟ ବିଧାୟକମାନଙ୍କୁ ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି। ତେଣୁ ବିରୋଧୀ ଦଳ ଭାବରେ ଡବଲ ଇଞ୍ଜିନ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ସଚେତନ କରିବା ସହ ଉଭୟ ଗୃହ ଭିତରେ ଓ ଗୃହ ବାହାରେ ପାଠ୍ୟ ପୁସ୍ତକରେ ତ୍ରୁଟି, ଏମଏମଡିଆର ସଂଶୋଧନ, ଦରବୃଦ୍ଧି ଓ ଚାଷୀଙ୍କ ସମସ୍ୟା ଉପସ୍ଥାପନ କରିବାକୁ ଦଳୀୟ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କଟିଲେ ୨୦.୫୭...

ଜାରି କରାଯାଇଥିଲା। ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ଶୁଣାଣି କରିବା ସହ ଦସ୍ତାବିଜ୍ ଯାଞ୍ଚ କରିଥିଲେ। ଦାବି ଓ ଆପତ୍ତି ଅଭିଯୋଗ ଅବଧି ମଧ୍ୟରେ ୨ ଲକ୍ଷ ୫୫ ହଜାର ୯୯୬ଟି ଆବେଦନ ଆସିଥିବାବେଳେ ଶୁଣାଣି ପରେ ୨୪୦୭୦ ଜଣ ଅଯୋଗ୍ୟ ପ୍ରମାଣିତ ହୋଇଥିଲେ ଏବଂ ଫର୍ମ-୭ ଜରିଆରେ ୨୦୭୦୭ ଜଣଙ୍କୁ ମିଶାଇ ମୋଟ ୪୪୭୭୭ ଜଣଙ୍କ ନାମ ବାଦ୍ ପଡ଼ିଥିଲା। ସେହିପରି ନୂତନ ଭାବେ ଫର୍ମ-୬, ୬ଏ ଓ ୮ ମାଧ୍ୟମରେ ୨ ଲକ୍ଷ ୯୦ ହଜାର ୪୯୭ ଜଣଙ୍କ ନାମ ଯୋଡ଼ା ଯାଇଥିଲା। ଏହି ଚୂଡ଼ାନ୍ତ ଭୋଟର ତାଲିକା ସମସ୍ତ ବୁଥ୍, ସରକାରୀ ନିର୍ବାଚନ କାର୍ଯ୍ୟାଳୟ ତଥା ନିର୍ବାଚନ କମିଶନ ଓ ସିଇଓଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଯାଇଛି ବୋଲି ସିଇଓ କହିଛନ୍ତି। ନାଗରିକମାନେ ସେଠାରେ ନିଜ ନାମ ଯାଞ୍ଚ କରି ଆବଶ୍ୟକସ୍ଥଳେ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୋଧରେ ଆଇନ ଅନୁଯାୟୀ ଜିଲ୍ଲାପାଳ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

### ସର୍ବଦଳୀୟ ବୈଠକରେ...

କହିଛନ୍ତି। ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଆଜି ବାଚସ୍ପତିଙ୍କ ଅଧକ୍ଷତାରେ ଆଜି ଚିରାଚରିତ ଢଙ୍ଗରେ ସର୍ବଦଳୀୟ ବୈଠକ ହୋଇଛି। ବିଧାନସଭା କେମିତି ଚାଲିବ ସେନେଇ ଆଲୋଚନା କଲେ। ଆମେ କିନ୍ତୁ ରାଜ୍ୟସ୍ୱାର୍ଥ ସହ ସର୍ବାଧିକ ଜଡ଼ିତ ଏମଏମଡିଆର ସଂଶୋଧନ ଆଇନକୁ ନେଇ ଏକ ପ୍ରମୁଖ ଦାବି ରଖିଛୁ। ଏମଏମଡିଆର ଉପରେ ମୋସନ ଆଲୋଚନା ପାଇଁ ଆମେ ନୋଟିସ ଦେଇଛୁ, ସେନେଇ ଗୃହରେ ଆଲୋଚନା ହେଉ। ନଚେତ୍ ସରକାର ଧନ୍ୟବାଦ ପ୍ରସ୍ତାବ ଆଣି ଏନେଇ ଆଲୋଚନା କରନ୍ତୁ। ବାଚସ୍ପତିଙ୍କ ନିଷ୍ପତ୍ତିକୁ ଆମେ ଅପେକ୍ଷା ବି କରିଛୁ। ନ ହେଲେ ତାପରେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁଯାୟୀ ଆମେ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସର୍ବଦଳୀୟ ବୈଠକ ଚିରାଚରିତ କଥା। ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତି କହିଛନ୍ତି। ଆମେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଯେଉଁ ପ୍ରସ୍ତାବ ଦେଉଛୁ ତାକୁ ଆଲୋଚନା ପାଇଁ କହିଛୁ। ଏମଏମଡିଆର ଆଇନ ,ପାଠ୍ୟପୁସ୍ତକ ତ୍ରୁଟିକୁ ଆଲୋଚନା ପାଇଁ ଆମେ ଦାବି କରିଥିବା ବେଳେ ଏହି ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବୁ। ଏହାକୁ ଆଲୋଚନାକୁ ଯିବାକୁ ଦାବି କରିବୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ଆହୂତ ଏହି ବୈଠକରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଉପସ୍ଥିତ ଥିଲେ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
13001/1900/2627
ପତ୍ର ସଂଖ୍ୟା ୧୯୭୯୫/ ଭୁ.ଉ.କ., ଭୁବନେଶ୍ୱର
KNH-1354/3
**ସୂଚନା**
ତା.୧୮.୦୯.୨୦୨୬ରିଖ
ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ଼ ଡେଭେଲପ୍‌ମେଣ୍ଟ ସ୍କିମ୍, ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. କେ. ୮/୧୨୧୦ କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୪୯୭/AL ତା-୨୧.୦୨.୧୯୯୭ ରିଖ ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ସାହୁ, ପିତା - ସ୍ୱର୍ଗତ ସହଦେବ ସାହୁ, ଦୁଦୁର କୋଟ, ଥାନା-ବାଲିମି, ଜିଲ୍ଲା-ଢେଙ୍କାନାଳ ଙ୍କ ନାମରେ ଆବଣ୍ଟନ କରାଯାଇଥିଲା।
ଆବଣ୍ଟନଗ୍ରାହୀ ପୂର୍ଣ୍ଣଚନ୍ଦ୍ର ସାହୁ ଗତ ତା- ୧୨.୧୧.୨୦୨୦ ରିଖ ରେ ମୃତ୍ୟୁବରଣ କରିଅଛନ୍ତି ( Death certificate No-9417/2020, Dated.23.11.2020).
Legal heir certificate No- E-LHC/2020/88482) ବର୍ତ୍ତମାନ (1) ବାସନ୍ତୀ ସାହୁ (ସ୍ତ୍ରୀ), (2) ଦେବାଶିଷ ସାହୁ(ପୁତ୍ର), (3) ପ୍ରିୟବ୍ରତ ସାହୁ(ପୁତ୍ର), (4) ସୁବ୍ରତ ସାହୁ(ପୁତ୍ର) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର (୧୫) ଦିନ ମଧ୍ୟ ରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟ ର ମାଲିକାନାସତ୍ୱ (1) ବାସନ୍ତୀ ସାହୁ (ସ୍ତ୍ରୀ) (2) ଦେବାଶିଷ ସାହୁ (ପୁତ୍ର) (3) ପ୍ରିୟବ୍ରତ ସାହୁ (ପୁତ୍ର) (4) ସୁବ୍ରତ ସାହୁ (ପୁତ୍ର) ଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟ ସ୍ୱୀସଂପାଦନ କରାଯିବ।
ସା/- ଆବଣ୍ଟନ ଅଧିକାରୀ-୧
OIPR-13001/13033/1/26-27/0141
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

34001/830/2627
GOVERNMENT OF ODISHA
ID: ee.randbjyp@gmail.com
OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR
e-Procurement Notice
Bid Identification No. S.E (R&B)-18/2026-27/JYP(K)
No. 5176
Date. 11.09.2026
Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.
1. Name of the Work : E.I Works as mentioned in DTCN.
2. No. of Works : 4 Nos.
3. Estimated Cost : Rs. 9.97 Lakhs to 27.89 lakhs
4. Period of completion : 1 (One) to 3 (Three) Months
5. Date & Time of Bidding : From 11.00 hours of 25.09.2026 Up-to 17.00 hours of 05.10.2026
6. Last date & time for receipt of bids in portal : 17.00 hours of 05.10.2026.
7. Bids received online shall be opened on : 11.00 hours of 06.10.2026.
8. Name and address of the officer inviting Bid : Superintending Engineer, Jayapur (R&B) Division, Jayapur
Further details can be seen from the www.tendersodisha.gov.in
Superintending Engineer
Jayapur (R&B) Division
OIPR-34001/34027/1/26-27/0019

Government Of Odisha
25001/1177/2627
Office of the Superintending Engineer, RWS&S Division, Nuapada
At/Po- Nuapada, Dist- Nuapada, Pin-766105
E-mail: eerwssnpd@rediffmail.com
e-Procurement Notice
Bid Identification No. RWS&S_14/2026-27
1. Name of work : Building works
2. Total no. of projects : 02(Two) No. of projects
3. Class of contractor:
a) Estimated cost above Rs. 20.00 Lakhs & up to Rs. 3.00 Crore: B Class (of Odisha PWD) or relevant class of other licensing authorities.
b) Estimated cost up to Rs. 40.00 Lakhs: C Class (of Odisha PWD) or relevant class of other licensing authorities..
4. Estimated Cost put to Tender : Rs 47.61 lakhs and Rs 36.42 lakhs
5. Time for completion : 06 months
6. Other details

| Procurement officer | Bid Identification No. | Availability of Tender online for bidding | | Date and Time of opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, RWS&S, Division, Nuapada | No. RWS&S_14/2026-27 | 23.09.2026 at 10.00 hours | 05.10.2026 at 17.00 hours | 06.10.2026 at 11.00 hours at Office of Superintending Engineer, RWS&S, Division, Nuapada |

Further details can be seen from the website www.tendersorissa.gov.in
OIPR-25001/25043/1/26-27/0007
Superintending Engineer,
RWSS Division, Nuapada

AFFIDAVIT
I, M. PRAVALLIKA, W/O ALLA DINAKARA SRI HARSHA resident of At- SANO TELLI STREET, PO/PS - Jeypore, Dt - Koraput Pin - 764001, Odisha declare by this Affidavit No. 4156, Dated - 21/09/2026, that now onwards I shall be known as **MAREDLA PRAVALLIKA** for all future purposes.

AFFIDAVIT
I, GOKULANANDA DAS, aged about 75 years S/O- BAIRAGI Das, AT-Chhatrakana, PO-Khumbiragadia, Chhatra Kana, DIST-Jajpur-755026, ODISHA, declared by this Affidavit No. No.1018/2026, Dated 21.09.2026, That now onwards I shall Be Known as **GOKULI DAS** for all future Purposes.

AFFIDAVIT
I, LINGRAJ MALI, S/O KUNU MALI, resident of At - Mali Sahi, PO/PS - Kotpad, Dt - Koraput, Pin - 764058, Odisha declare by this Affidavit No.4157, Dated - 21/09/2026, that now onwards I shall be known as **LINGARAJ MALI** for all future purposes.

AFFIDAVIT
I, SUKUTI DAS, aged about 69 years W/O- Gokuli Das, AT-Chhatrakana, PO-Khumbiragadia, Chhatra Kana, DIST-Jajpur-755026, ODISHA, declared by this Affidavit No.1017/2026, Dated 21.09.2026, That now onwards I shall Be Known as **SANTILATA DAS** for all future Purposes.

AFFIDAVIT
By virtue of an affidavit sworn before Executive Magistrate, Darpan, on Date 11/08/2026 I, Rajesh Kumar Nayak, S/o-Dhirendra Nayak, At/Po-Banamalipur, Ps-Balichandrapur, Dist-Jajpur, Pin-755008, Block - Badchana, Odisha declare that I have changed my name from Rajendra Sahoo to Rajesh Kumar Nayak . Henceforth ,I shall be known as **Rajesh Kumar Nayak** for all purposes .

AFFIDAVIT
By virtue of an affidavit no. 2685 before the Executive Magistrate, Phulbani, Kandhamal, dtd.21.09.2026, I, Prafulla Kanhar, At-Dindiragaon, P.O.-Phiringia, P.S.-Phiringia, Dist.-Kandhamal,PIN-762011 hereby declare that my minor son's name has been changed from BHESHAJ KANHAR to BHENKATRAMAN KANHAR. Henceforth, my minor son shall be known as **BHENKATRAMAN KANHAR** for all purposes.
**Sd/- Prafulla Kanhar**

T&M SERVICES CONSULTING PRIVATE LIMITED
Requires Manpower to work in various Government Health Institutes, Kendrapara District on a Contractual Basis
For various positions related to Paramedics, Nursing, and other Techno-Managerial Services in the Health Institutes.
**Job Location: Kendrapara, Odisha.**
For future vacancies and regular updates: Visit our website regularly for vacancies across multiple Health Institutes in Kendrapara District.
To view available vacancies and apply for vacancies online, please check our website - **www.tnmhr.com** under Current Openings.
**For any queries: jobs.hr@tnmhr.com**

AFFIDAVIT
I, AFRIZA KHATUN, W/O SK MANAN, RESIDENT AT-RAJA KOTHA LANE, SUELPUR, PO- MOTIGANJ, PS- TOWN P.S. PIN-756003, DIST- BALASORE, ODISHA, Declare by this Affidavit No- 6667, dt 28.08.2026. That now on wards I shall be known as **AFRIZA BIBI** for all future purposes.

AFFIDAVIT
By virtue of an affidavit sworn before the Executive Magistrate, Banapur Vide No- 3446, Dated-28/08/2026, I, LAXMI DEI aged about 70 years, W/o- Kedarnath Jena, permanent resident of Village- Nuapatana Sahi, P.O.-Bhimpur, P.S.- Banapur, Pin-752031, Dist.-Khordha, Odisha do hereby declare that I have changed my name from LAXMI JENA to LAXMI DEI. Henceforth I shall be known as **LAXMI DEI** for all purposes.
**LAXMI DEI**

AFFIDAVIT
I NURINA KHURSHID D/O KHURSID MOHAMMAD , RESIDENT AT- TARIKUND, PO- ANAKHIA, PS/DIST-JAGATSINGHPUR- 754102, ODISHA DECLARE BY THIS AFFIDAVIT NO- 21847, DT - 19.09.2026. THAT NOW ON WARDS I SHALL BE KNOWN AS **NOORIEN AFROZ** FOR ALL FEATURES PURPOSES.

AFFIDAVIT
By virtue of an affidavit (Sl No.1, dtd- 18/09/2026) sworn before the Executive Magistrate, Kalampur, Kalahandi. I, Anupama Panda , W/o Manmatha Panda , resident of At/-Bhainri Po- Mingur , Ps-Kalampur, Dist- Kalahandi, Odisha declare that I have changed my name from Nirupama Panda (old name) to Anupama Panda (new name). Henceforth, I shall be known as **Anupama Panda** (new name) for all purpose.

AFFIDAVIT
I, Sraban Chandra Dalmia, S/o Prahallad Rai Dalmia, resident of Ward No.38, Sindurpank, PO/PS: Sindurpank Sadar, Dist: Sambalpur, PIN-768005, Odisha declare by this affidavit No.2061, dtd-22/04/2026 that now onwards I shall be known as **SARWAN KUMAR DALMIA** for all future purposes.

AFFIDAVIT
By virtue of an affidavit sworn before Executive Magistrate, Rourkela, dated 21.09.2026 I, **M.D Shahid**, Address Old Station Road Near Nataraj Hotel, VTC: Raurkela(M), PO: Raurkela-1, PS: Plant Site Sub District: Raurkela (m), District: Sundaragada, Odisha: Pin Code: 769001 declare that I have changed the name of my daughter from **Shiwana Naaz to Shifa Naaz**. Henceforth, she shall be known as **SHIFA NAAZ** for all purposes.
**M.D Shahid**

## ଭଦ୍ରକ ଜିଲ୍ଲାରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ଜିଲ୍ଲାରେ ମୋଟ୍ ଭୋଟର ସଂଖ୍ୟା ୧୨,୧୮,୩୦୭

ଭଦ୍ରକ,୨୧।୯ (ସମିସ)



ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ ସଘନ ସଂଶୋଧନ(ଏସ୍‌ଆଇଆର୍)-୨୦୨୬ ଅନ୍ତର୍ଗତ ଭଦ୍ରକ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ପ୍ରକାଶ ପାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ୨୦-୨୫ ବର୍ଷ ପରେ ଏଭଳି ଏକ ପ୍ରକ୍ରିୟାକୁ ସ୍ୱାଗତ କରିବା ସହ ସମସ୍ତ ଯୋଗ୍ୟ ଭୋଟର ନିଜର ନାମକୁ ଯୋଡ଼ିବାକୁ, ପରଖିବାକୁ ଏବଂ କୌଣସି ଯୋଗ୍ୟ ନାଗରିକ ଯେଭଳି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେଭଳି ତାଲିକାରେ ନ ରହେ, ତାହା ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ନିର୍ବାଚନ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ପ୍ରକାଶିତ ତଥ୍ୟ ଅନୁଯାୟୀ, ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀକୁ ମିଶାଇ ଚୂଡ଼ାନ୍ତ ଭୋଟରଙ୍କ ସଂଖ୍ୟା ୧୨ ଲକ୍ଷ ୧୮ ହଜାର ୩୦୭ ରହିଛି।

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଭଣ୍ଡାରିପୋଖରୀରେ ମୋଟ୍ ଭୋଟର ସଂଖ୍ୟା ୨ ଲକ୍ଷ ୪୦ ହଜାର ୧୧୭ ଥିଲା। ଫର୍ମ-୬ ଜରିଆରେ ୯୩୩ ଏବଂ ଫର୍ମ-୭ ଜରିଆରେ ୪୯ ଜଣ ଆବେଦନ କରିଛନ୍ତି ଏବଂ ଚୂଡ଼ାନ୍ତ ଭୋଟର ସଂଖ୍ୟା ୨ ଲକ୍ଷ ୨୭ ହଜାର ୮୪୭ ରହିଛି। ଏସ୍‌ଆଇଆର୍ ପୂର୍ବରୁ ଭଦ୍ରକରେ ମୋଟ୍ ଭୋଟର ୨ ଲକ୍ଷ ୭୦ ହଜାର ୬୧୩ ଜଣ ଥିବାବେଳେ ଫର୍ମ-୬ରେ ୧,୬୨୧, ଫର୍ମ-୭ରେ ୧,୫୬୮ ଏବଂ ଚୂଡ଼ାନ୍ତ ଭୋଟର ସଂଖ୍ୟା ୨ ଲକ୍ଷ ୫୭ ହଜାର ୬୭ ରହିଛି। ସେହିପରି ବାସୁଦେବପୁରରେ ମୋଟ ଭୋଟର ୨ ଲକ୍ଷ ୬୯ ହଜାର ୪୯୬ ଥିବାବେଳେ ଫର୍ମ-୬ ପାଇଁ ୧,୧୦୭, ଫର୍ମ-୭ ପାଇଁ ୫୨୭ ଏବଂ ଚୂଡ଼ାନ୍ତ ଭୋଟର ତାଲିକାରେ ୨ ଲକ୍ଷ ୫୮ ହଜାର ୩୦୮ ରହିଛନ୍ତି। ଏସ୍‌ଆଇଆର୍ ପୂର୍ବରୁ ଧାମନଗର ଭୋଟର ସଂଖ୍ୟା ୨ ଲକ୍ଷ ୪୯ ହଜାର ୬୮୧ ଥିବାବେଳେ ଫର୍ମ-୬ରେ ୭୪୨, ଫର୍ମ-୭ରେ ୭୯୧ ଆବେଦନ କରିବା ସହ ଚୂଡ଼ାନ୍ତ ଭୋଟର ସଂଖ୍ୟା ୨ ଲକ୍ଷ ୩୧ ହଜାର ୬୭୬ ରହିଛି। ସେହିପରି ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ମୋଟ୍ ଭୋଟର ୨ ଲକ୍ଷ ୫୪ ହଜାର ୭୧୧ ଥିବାବେଳେ ଫର୍ମ-୬ରେ ୮୬୨, ଫର୍ମ-୭ରେ ୩୦୪ ଆବେଦନ କରି ବର୍ତ୍ତମାନ ମୋଟ୍ ଚୂଡ଼ାନ୍ତ ଭୋଟର ସଂଖ୍ୟା ୨ ଲକ୍ଷ ୪୩ ହଜାର ୪୦୯ ରହିଛି। ଏହି ସମଗ୍ର ପ୍ରକ୍ରିୟାରେ ଜିଲ୍ଲାରେ ମୋଟ ୧,୭୦୩ ଜଣ ବିଏଲ୍‌ଓ ନିୟୋଜିତ ହୋଇଥିଲେ। ଏହି ତାଲିକାରେ ମୃତ ବ୍ୟକ୍ତି ୨୩ ହଜାର ୧୫୬, ଅନୁସନ୍ଧାନ ଅଯୋଗ୍ୟ/ଅନୁପସ୍ଥିତ ୭୭୩୩, ସ୍ଥାନାନ୍ତରିତ ୩୧ ହଜାର ୪୧ ଏବଂ ଅନ୍ୟାନ୍ୟ ସଂଶୋଧନଗୁଡ଼ିକୁ ହିସାବକୁ ନିଆଯାଇ ଚୂଡ଼ାନ୍ତ ଭୋଟର ଲିଷ୍ଟ ପ୍ରସ୍ତୁତ କରାଯାଇଛି। ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ୍ ୧୨ ଲକ୍ଷ ୧୮ ହଜାର ୩୦୭ ଜଣ ଭୋଟର ଅଛନ୍ତି। ଯେଉଁଥିରେ ୬ ଲକ୍ଷ ୩୬ ହଜାର ୨୧ ଜଣ ପୁରୁଷ, ୫ ଲକ୍ଷ ୮୨ ହଜାର ୧୮୭ ଜଣ ମହିଳା ଏବଂ ୯୯ ଜଣ ତୃତୀୟଲିଙ୍ଗୀ ଭୋଟର ଅଛନ୍ତି। ଚୂଡ଼ାନ୍ତ ତାଲିକାରେ ୧୦ ହଜାର ୬୦୩ ଜଣ ଯୁବ ଭୋଟର (୧୮-୧୯ ବର୍ଷ ବୟସ୍କ) ଏବଂ ୧୧ ହଜାର ୪୧ ଜଣ ବରିଷ୍ଠ ନାଗରିକ (୮୫ ବର୍ଷରୁ ଉର୍ଦ୍ଧ୍ୱ) ଭୋଟର ଅଛନ୍ତି। ଜିଲ୍ଲାରେ ମୋଟ ୨୨ ହଜାର ୬୬୧ ଜଣ ଦିବ୍ୟାଙ୍ଗ ଭୋଟର ଚିହ୍ନଟ ହୋଇଛନ୍ତି, ଯାହା ମୋଟ୍ ଭୋଟରଙ୍କ ୧.୮୬ ପ୍ରତିଶତ।

### ସମସ୍ତ ଯୋଗ୍ୟ ଭୋଟର ନିଜ ନାମ ତାଲିକାରେ ଯୋଡ଼ିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ଏସ୍‌ଆଇଆର୍ ପ୍ରକ୍ରିୟା ଅଧୀନରେ ଘରକୁ ଘର ଯାଇ ସର୍ଭେ, ଭୋଟରଙ୍କ ଦାବି ଓ ଆପତ୍ତିର ବିଚାର ଏବଂ ଆବଶ୍ୟକ ସଂଶୋଧନ ପରେ ଏହି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଛି। ଭୋଟରମାନେ ନିଜ ନାମ ଓ ଭୋଟର ବିବରଣୀ ଯାଞ୍ଚ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ଅଫିସିଆଲ୍ ୱେବ୍‌ସାଇଟ୍ କିମ୍ବା ଇସିଆଇଏନ୍‌ଇଓ ଆପ୍ ବ୍ୟବହାର କରିପାରିବେ। ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ଯଦି କୌଣସି ବ୍ୟକ୍ତି ଇଆର୍‌ଓ(ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ ଅଫିସର)ଙ୍କ ଆଦେଶରେ ଅସନ୍ତୁଷ୍ଟ ଥାଆନ୍ତି, ତେବେ ନିମ୍ନୋକ୍ତ ପ୍ରକ୍ରିୟାରେ ଅପିଲ୍ କରିପାରିବେ। ପ୍ରଥମ ଅପିଲ୍- ଇଆର୍‌ଓଙ୍କ ଆଦେଶ ବିରୋଧରେ ଜିଲ୍ଲା ମାଜିଷ୍ଟ୍ରେଟ୍/ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆଦେଶର ତାରିଖଠାରୁ ୧୫ ଦିନ ମଧ୍ୟରେ ଅପିଲ୍ ଦାଖଲ କରିପାରିବେ। ଦ୍ୱିତୀୟ ଅପିଲ୍- ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ଆଦେଶରେ ଅସନ୍ତୁଷ୍ଟ ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆଦେଶର ତାରିଖଠାରୁ ୩୦ ଦିନ ମଧ୍ୟରେ ଦ୍ୱିତୀୟ ଅପିଲ୍ କରାଯାଇପାରିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ନିଜର ନାମ ଓ ବିବରଣୀ ଯାଞ୍ଚ କରିବାକୁ ଏବଂ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସେବା ଓ ସୁବିଧାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସ୍ୱତନ୍ତ୍ର କାର୍ଯ୍ୟଭାର ଅଧିକାରୀ (ନିର୍ବାଚନ) ସାଗରିକା ସାହୁ, ଡେପୁଟି କଲେକ୍ଟର ପ୍ରତିମା ନାୟକ, ସହାୟକ ଜିଲ୍ଲାପାଳ ଶାଶ୍ୱତ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ୍ ପଲିଥିନ୍ ପରିଚାଳନା ସଚେତନତା



ବାରିକପୁର,୨୧।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗତ ୧୭ ତାରିଖଠାରୁ ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ଲକ୍ ସଂଯୋଜକ ଉଦୟନାଥ ବେଜଙ୍କ ସଂଯୋଜନାରେ ସଫେଇ ସହିତ ବିଭିନ୍ନ ସ୍ଥାନରେ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ନାଆମୀ ପଞ୍ଚାୟତଠାରେ ପ୍ଲାଷ୍ଟିକ୍ ପଲିଥିନ୍ ପରିଚାଳନା ପାଇଁ ପ୍ରସ୍ତୁତି ହୋଇଛି। ପଞ୍ଚାୟତ ଅନ୍ତର୍ଗତ ମଞ୍ଜୁରୀ ରୋଡ୍ ବଜାର ନିକଟରେ ପଡ଼ିଥିବା ଉକ୍ତ ପ୍ଲାଷ୍ଟିକ୍ ପଲିଥିନ୍‌କୁ ପରିଷ୍କାର କରାଯାଇଛି। ଏହାଛଡ଼ା ସଫେଇ ମଧ୍ୟ କରାଯାଇଛି। ଏଥିରେ ସରପଞ୍ଚଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଏହି ପଞ୍ଚାୟତରେ ସ୍ୱଚ୍ଛତା ପାଇଁ ପାଖାପାଖି ୧୦ କେଜି ପ୍ଲାଷ୍ଟିକ୍ ବୋତଲ ବିକ୍ରି ହୋଇଛି। ଏହାଛଡ଼ା ଦକ୍ଷିଣବାଡ଼, ଆଖୁଆପଦା, ବ୍ଲକ୍ ପରିସରରେ ମଧ୍ୟ ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ମା’ ସୁବର୍ଣ୍ଣମୁଖୀଙ୍କ ପୀଠରେ ଆଲୋକିତ ସ୍ୱାଗତ ତୋରଣ ଉଦ୍‌ଘାଟିତ



ଦୋବଲ,୨୧।୯ (ସମିସ): ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ସୋଧ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ସୁବର୍ଣ୍ଣମୁଖୀଙ୍କ ମହିମା ଏବଂ କୃପା ପାଇଁ ସମଗ୍ର ଅଞ୍ଚଳବାସୀ ସଦାସର୍ବଦା ଗର୍ବ ଅନୁଭବ କରିଥାଆନ୍ତି। ଗ୍ରାମର ପ୍ରତିଭାବାନ୍ ଯୁବ ସମାଜସେବୀ ସଞ୍ଜୟ ମହାକୁଡ଼ ମା’ଙ୍କ ପୀଠ ପାଇଁ ଏକ ସ୍ମରଣୀୟ କାର୍ଯ୍ୟ କରିଛନ୍ତି। ମା’ ସୁବର୍ଣ୍ଣମୁଖୀଙ୍କ ନାମରେ ଏକ ନୂତନ ଓ ମନୋରମ ଆଲୋକସଜ୍ଜିତ ସ୍ୱାଗତ ତୋରଣ ନିର୍ମାଣ କରାଯାଇଛି, ଯାହା ଅଞ୍ଚଳର ଶୋଭା ବୃଦ୍ଧି କରୁଛି। କେବଳ ଏତିକି ନୁହେଁ, ଆଗାମୀ ଦିନରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ମା’ଙ୍କ ପୀଠରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବାକୁ ସଞ୍ଜୟ ପ୍ରତିଶ୍ରୁତି ଦେଇଛନ୍ତି। ସଞ୍ଜୟଙ୍କ ଏହି ନିଃସ୍ୱାର୍ଥପର ସେବା ଓ ମା’ଙ୍କ ପ୍ରତି ଥିବା ଭକ୍ତିଭାବକୁ ସମସ୍ତେ ଆନ୍ତରିକ ପ୍ରଶଂସା କରିଛନ୍ତି। ଯୁବସମାଜ ଆଗେଇ ଆସିଲେ ହିଁ ଅଞ୍ଚଳ ଓ ଦେଶର ପ୍ରକୃତ ବିକାଶ ସମ୍ଭବ। ସଞ୍ଜୟଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟ ଅନ୍ୟ ଯୁବକମାନଙ୍କୁ ନିଜ ଅଞ୍ଚଳର ଉନ୍ନତି ପାଇଁ ଆଗେଇ ଆସିବାକୁ ପ୍ରେରଣା ଯୋଗାଇବ। ମା’ ସୁବର୍ଣ୍ଣମୁଖୀ ସଦାସର୍ବଦା ସମସ୍ତଙ୍କ ଉପରେ ଆଶୀର୍ବାଦ ଓ କରୁଣା ବଜାୟ ରଖନ୍ତୁ। ଏହି ଉଦ୍‌ଘାଟନ ଉତ୍ସବରେ ସୋଧ ସୁବର୍ଣ୍ଣମୁଖୀ ଗଣେଶ ପୂଜା କମିଟିର ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ବିଳମ୍ବିତ ରାସ୍ତା ନିର୍ମାଣକୁ ନେଇ ତୀବ୍ର ଜନ ଅସନ୍ତୋଷ



ବାରିକପୁର,୨୧।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଛତାବରଠାରୁ ବଳିଘାଇ ଯାଏଁ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ଦାନା ବାନ୍ଧୁଛି। ଏଠାରେ ସୂଚିତ ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ୪୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ କରିଥିଲେ। ଦୁଇବର୍ଷ ଭିତରେ ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ହୋଇଥିଲା। ରାସ୍ତାଟି ପୂର୍ବରୁ ଦୁଇ ଲାଇନ୍ ଥିବାବେଳେ ନୂତନ ଟେଣ୍ଡରରେ ଏହା ଚାରି ଲାଇନ୍ ଭାବେ ନିର୍ମିତ ହୋଇଥିଲା। ପରିତାପର ବିଷୟ ଚାରି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ୮ କି.ମି. ବିଶିଷ୍ଟ ରାସ୍ତା କାମ ଏଯାଏଁ ଶେଷ ହେଉନାହିଁ। ପଶ୍ଚିମବଙ୍ଗର ଏକ ଠିକା ସଂସ୍ଥା ଦ୍ୱାରା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବାବେଳେ ଏହା କାହିଁକି ଏଯାଏଁ ସମ୍ପୂର୍ଣ୍ଣ ହୋଇପାରୁନାହିଁ ତାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରିପକ୍ୱ ଠିକା ସଂସ୍ଥା ନା ବିଭାଗୀୟ ତ୍ରୁଟି କେଉଁ କାରଣରୁ କଚ୍ଛପ ଗତିରେ କାମ ଚାଲିଛି ତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ରାସ୍ତାର ଗୁରୁତ୍ୱପୂର୍ଣ୍ଣ ପାର୍ବତୀ ଘାଟ, ମଞ୍ଜୁରୀ ବଜାର, ଭୂତିଆ ଆଦିବାସୀ ସାହି, କୁମ୍ଭାରିଆ ଆଦି ସ୍ଥାନରେ ଏଯାଏଁ କାମ ହୋଇପାରିନାହିଁ। ଅସମ୍ପୂର୍ଣ୍ଣ ନିର୍ମାଣ ସ୍ଥାନରେ ପ୍ରଚୁର ପରିମାଣରେ ଧୂଳି ଉଡୁଥିବାବେଳେ ଏଥିରେ ପଥଚାରୀମାନେ ଅଣନିଃଶ୍ୱାସୀ ହେଉଛନ୍ତି। ପ୍ରଥମେ ରାସ୍ତାର ଯେଉଁ କେତେକ ସ୍ଥାନରେ କଂକ୍ରିଟ କାମ ହୋଇଥିଲା ତାହା ମଧ୍ୟ ଫାଟି ଆଁ କଲାଣି। ଯେଉଁ ଫାଟରେ କି ଠିକାସଂସ୍ଥା ଅତି ଚତୁରତାର ସହିତ ପିଚୁ ଲେପନ କରିଛି। ରାସ୍ତାର ନିର୍ମାଣ ମାନକୁ ନେଇ ସନ୍ଦେହ ଉପୁଜିଛି। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ଇତିମଧ୍ୟରେ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଧୀକ୍ଷଣ ଯନ୍ତ୍ରୀଙ୍କ ଯାଏଁ ୭/୮ ଜଣ ଅଧିକାରୀଙ୍କ ବଦଳି ହୋଇଥିବାବେଳେ ରାସ୍ତା କାମ ସରିବା କିନ୍ତୁ ନାଁ ଧରୁନାହିଁ। ଏପଟେ ଅସମ୍ପୂର୍ଣ୍ଣ ଓ ତ୍ରୁଟିଯୁକ୍ତ କାମ ଯୋଗୁଁ ଅଞ୍ଚଳର ଶହ ଶହ ଚାଷ ଜମି ଜଳମଗ୍ନ ହେଉଛି। ଏହାଛଡ଼ା ଅନେକ ସମୟରେ ରାସ୍ତା ଦୁର୍ଘଟଣା ମଧ୍ୟ ଘଟୁଛି। କହିବାକୁ ଗଲେ ନବନିର୍ମିତ ରାସ୍ତାର ଅସମ୍ପୂର୍ଣ୍ଣ ସ୍ଥାନଗୁଡ଼ିକ ଏଭଳି ହୋଇଛି ଯେ, ପଥଚାରୀମାନେ ଯାତାୟାତ ପାଇଁ ଆଉ ସୁରକ୍ଷିତ ମଣୁନାହାନ୍ତି। ସରକାର ଗମନାଗମନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଏଭଳି ଅବସ୍ଥା ଦେଖାଯାଉଛି। ଦୀର୍ଘଦିନ ହେବ ରାସ୍ତା କାମ ସରୁ ନ ଥିବାରୁ ଜନ ଅସନ୍ତୋଷ କୁହୁଳୁଥିବା ବେଳେ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବା ଅନିବାର୍ଯ୍ୟ ହୋଇପଡ଼ିଛି।

### ଲୁଣିଆ ଗୁଳିକାଣ୍ଡକୁ ପୂରିଲା ୮୪ ବର୍ଷ

## ‘ଗୌରବମୟ ସଂଗ୍ରାମର ସ୍ମୃତି ବଖାଣୁଛି ଲୁଣିଆ ସହିଦ ସ୍ମୃତିସ୍ଥଳ’



ସହିଦନଗର,୨୧।୯ (ସମିସ): ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକ ମାଟିର ଅବଦାନ ଅବିସ୍ମରଣୀୟ। ଇଂରେଜ ଶାସନ ବିରୋଧରେ ଲଢ଼େଇ କରି ଏହି ମାଟିର ଅନେକ ସଂଗ୍ରାମୀ ଜେଲ୍ ଯାଇଥିଲେ, ନିର୍ଯାତନା ସହିଥିଲେ ଏବଂ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିଲେ। ସେହି ରକ୍ତାକ୍ତ ଇତିହାସର ଅନ୍ୟତମ ଅଧ୍ୟାୟ ହେଉଛି ଲୁଣିଆ ଗୁଳିକାଣ୍ଡ। ଏହି ଐତିହାସିକ ଘଟଣାକୁ ୮୪ ବର୍ଷ ପୂରିଥିବାବେଳେ ଲୁଣିଆର ସହିଦ ସ୍ମୃତିସ୍ଥଳ ଆଜି ବି ବହନ କରୁଛି ସେହି ଗୌରବମୟ ସଂଗ୍ରାମର ସ୍ମୃତି।

୧୯୪୨ ମସିହାରେ ‘ଭାରତ ଛାଡ଼’ ଆନ୍ଦୋଳନ ଡକରେ ସାରା ଦେଶ ଉତାଳ ହୋଇଉଠିଥିଲା। ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମଧ୍ୟ ବ୍ରିଟିଶ୍ ଶାସନ ବିରୋଧୀ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। ଲୁଣିଆ ଅଞ୍ଚଳରେ ସ୍ୱାଧୀନତାକାମୀ ଜନତା ଏକତ୍ରିତ ହୋଇ ଇଂରେଜ ସରକାରର ଦମନ ନୀତିକୁ ପ୍ରତିରୋଧ କରିଥିଲେ। ସ୍ୱାଧୀନତା ଦାବିରେ ଏକତ୍ରିତ ହୋଇଥିବା ଆନ୍ଦୋଳନକାରୀଙ୍କ ଉପରେ ବ୍ରିଟିଶ୍ ପୁଲିସ ଗୁଳିଚାଳନା କରିଥିଲା। ନିରସ୍ତ୍ର ସତ୍ୟାଗ୍ରହୀଙ୍କ ଉପରେ ଚାଲିଥିବା ଗୁଳିରେ ଲୁଣିଆ ମାଟି ରକ୍ତରଞ୍ଜିତ ହୋଇଥିଲା। ଦେଶର ସ୍ୱାଧୀନତା ପାଇଁ ୯ ଜଣ ସଂଗ୍ରାମୀ ମଧ୍ୟରେ ନିଧି ମହାଳିକ, କୃଷ୍ଣ ମହାଳିକ, ଶ୍ୟାମ ମହାଳିକ, ଅଗଣି ସାହୁ, ଗୋପୀନାଥ ଜେନା, ନବକିଶୋର ନାୟକ, ଗୌରୀ ଜେନା, ଚିନ୍ତାମଣି ଦାସ ଓ ଶଙ୍କର ବେହେରାଙ୍କ ନାମ ଇତିହାସରେ ଚିରସ୍ମରଣୀୟ ହୋଇ ରହିଛି। ନିଜ ଜୀବନର ପରିଣତି ନେଇ ଚିନ୍ତା ନ କରି ଦେଶର ସ୍ୱାଧୀନତା ପାଇଁ ଆଗେଇ ଆସିଥିଲେ ଏହି ସଂଗ୍ରାମୀମାନେ। ବ୍ରିଟିଶ୍ ସରକାରର ଗୁଳି ସେମାନଙ୍କ ଜୀବନ ନେଇଥିଲେ ମଧ୍ୟ ସ୍ୱାଧୀନତା ପାଇଁ ସେମାନଙ୍କ ତ୍ୟାଗ ଓ ସାହସକୁ ଇତିହାସରୁ ଲିଭାଇ ପାରି ନ ଥିଲା। ଆଜି ଲୁଣିଆର ସହିଦ ସ୍ମୃତିସ୍ଥଳୀ ଓ ସ୍ମୃତିସ୍ତମ୍ଭ ସେହି ରକ୍ତାକ୍ତ ଅତୀତର ନିରବ ସାକ୍ଷୀ। ଏହି ସ୍ଥାନକୁ ଦେଖିଲେ ୧୯୪୨ର ସେହି ଦିନର ସଂଗ୍ରାମ, ସାହସ ଓ ବଳିଦାନର ସ୍ମୃତି ମନକୁ ଆନ୍ଦୋଳିତ କରେ। ସ୍ୱାଧୀନତା ଆଜି ଆମ ପାଇଁ ଏକ ସ୍ୱାଭାବିକ ଅଧିକାର। କିନ୍ତୁ ଏହି ସ୍ୱାଧୀନତା ପଛରେ ରହିଛି ଅସଂଖ୍ୟ ଜଣା-ଅଜଣା ସଂଗ୍ରାମୀଙ୍କ ତ୍ୟାଗ। ଲୁଣିଆର ୯ ସହିଦଙ୍କ ବଳିଦାନ ସେହି ମହାନ ସଂଘର୍ଷର ଏକ ଉଜ୍ଜ୍ୱଳ ଉଦାହରଣ। ପରବର୍ତ୍ତୀ ପିଢ଼ି ପାଇଁ ଇତିହାସ ସଂରକ୍ଷଣ ଜରୁରୀ ୮୪ ବର୍ଷ ପରେ ମଧ୍ୟ ଲୁଣିଆର ଏହି ଇତିହାସ ଲୋକଙ୍କୁ ଦେଶପ୍ରେମର ବାର୍ତ୍ତା ଦେଉଛି। ତେଣୁ ସହିଦ ସ୍ମୃତିସ୍ଥଳୀର ଉପଯୁକ୍ତ ସଂରକ୍ଷଣ ସହିତ ଏହି ଐତିହାସିକ ଘଟଣାକୁ ନୂଆ ପିଢ଼ି ନିକଟରେ ପହଞ୍ଚାଇବା ଆବଶ୍ୟକ। ଛାତ୍ରଛାତ୍ରୀ ଓ ଯୁବପିଢ଼ି ଲୁଣିଆର ଇତିହାସ ଜାଣିଲେ ସ୍ୱାଧୀନତାର ପ୍ରକୃତ ମୂଲ୍ୟ ବୁଝିପାରିବେ। ଲୁଣିଆ ମାଟିରେ ଝରିଥିବା ସେହି ରକ୍ତ ଆଜି ଶୁଖିଯାଇଛି, କିନ୍ତୁ ସହିଦଙ୍କ ତ୍ୟାଗର କାହାଣୀ ଆଜି ବି ଜୀବନ୍ତ।

### ଭଦ୍ରକ ସହିଦ ସ୍ମୃତିରେ ସ୍ୱାଧୀନତା ସଂଗ୍ରାମର ଅମର ଅଧ୍ୟାୟ

## ପୋଖରୀରେ ବୁଡ଼ି ଜଣେ ମୃତ



ବେତାଳିଗାଁ,୨୧।୯ (ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଅନ୍ତର୍ଗତ ସାନାଲପୁର ଯେନାସାହିରେ ସୋମବାର ଜଣେ ବ୍ୟକ୍ତିଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ୱର୍ଗତ ଅନୁଆ ସେନାଙ୍କ ପୁଅ ଚଗଲା ସେନା (୫୧)। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟାରେ ଏକ ପୋଖରୀରେ ମାଛ ଛାଡ଼ିବା ପାଇଁ ଦଳ ସଫା କରୁଥିବାବେଳେ ଚଗଲା ହଠାତ୍ ପାଣିରେ ବୁଡ଼ି ଯାଇଥିଲେ। ଉପସ୍ଥିତ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଚଗଲା ଜଣେ ଶ୍ରମଜୀବୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ଅକାଳ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାନାଲପୁର ଯେନାସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବନ୍ୟାର ୨ ମାସ ପରେ ବି ଜରିପାଲ ଦେବାକୁ ଦିନ ଗଡ଼ାଉଛି ପ୍ରଶାସନ

## ଡୁପ୍ଲିକେଟ୍ ଟୋକନ ଦେଇ ଶହଶହ ପାଲ ଲୁଟ୍ ଅଭିଯୋଗ



ତିହିଡ଼ି,୨୧।୯ (ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ ବୋଡ଼କ ପଞ୍ଚାୟତ ବନ୍ୟାରେ ମାସ ମାସ ଧରି ପାଣି ଘେରରେ ରହିଥିବାବେଳେ ଏଠାରେ ବ୍ୟାପକ କ୍ଷତି ହୋଇଥିଲା। ପ୍ରଶାସନ ପକ୍ଷରୁ ସବୁପ୍ରକାର ସହଯୋଗ ଓ ସହାୟତା ଦିଆଯାଉଥିବା କୁହାଯାଉଥିଲେ ହେଁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ଦେଖିବାକୁ ମିଳିଛି। ବୋଡ଼କ ପଞ୍ଚାୟତର ନୂଦର ଗାଁରେ ବନ୍ୟାରେ ଘରଦ୍ୱାର ଭାଙ୍ଗିଯିବା ଫଳରେ ବିଲଣା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିବା ସହ ତହସିଲ୍‌ରୁ ଜରିପାଲ ନେବା ପାଇଁ ଟୋକନ୍ ପ୍ରଦାନ କରିଥିଲେ। ମାତ୍ର ବର୍ତ୍ତମାନ ତହସିଲ୍ ଦୌଡ଼ି ଦୌଡ଼ି ନୂଦର ଗାଁ ଲୋକେ ନୟାନ୍ତ ହେଲେଣି। ଅନ୍ୟପଟେ ବିଲଣା ରାଜସ୍ୱ ନିରୀକ୍ଷକ ଧରାଛୁଆଁ ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଆହୁରି ସାଙ୍ଘାତିକ ଅଭିଯୋଗ ଆସିଛି ଯେ ପ୍ରଶାସନର ଟୋକନ୍‌କୁ ଜଣେ ବ୍ୟକ୍ତି ନକଲ କରି ଶହଶହ ପାଲ ହାତେଇ ନେଇଛନ୍ତି। ଯାହାଫଳରେ ପ୍ରକୃତ ହିତାଧିକାରୀମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଗକୁ ଲଘୁଚାପଜନିତ ବର୍ଷା ଆସୁଥିବାରୁ ତୁରନ୍ତ ଜରିପାଲ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାସହ ସରକାରୀ ଟୋକନ୍ କିଏ ଡୁପ୍ଲିକେଟ୍ କରିଛି, ତାହାର ତଦନ୍ତ କରି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ମତପ୍ରକାଶ ପାଇଛି। ଏହି ଅଭିଯୋଗ ସମ୍ପର୍କରେ ବିଲଣା ରାଜସ୍ୱ ନିରୀକ୍ଷକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ପରେ ତିହିଡ଼ି ତହସିଲ୍‌ଦାରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତେଣୁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଶୀଘ୍ର ପାଲ ଯୋଗାଇଦେବାକୁ ରମାକାନ୍ତ ଜେନା, ନିରାକାର ମିଶ୍ର, ଅକ୍ଷୟ ଜେନା, ଶରତ ଜେନା, ଅନନ୍ତ ଜେନା, ହରିହର ଜେନା, ଆନନ୍ଦ ଜେନା ଓ ଦେବାଶିଷ ଜେନା ପ୍ରମୁଖ ଦାବି କରିଛନ୍ତି।

### ଟୋକନ ନେଇ ଆସିଥିଲେ; ହତାଶ ହୋଇ ଫେରିଲେ ବୋଡ଼କବାସୀ

## ଅସୁରାଳିରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି




ଅସୁରାଳି,୨୧।୯ (ସମିସ): ଧାମନଗର ବ୍ଲକ୍ ଅସୁରାଳି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ୍ ୧୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୫୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୨ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ୍‌କ୍ରସ୍ ଅଧୀନସ୍ଥ ୨ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡ୍‌କ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୬ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଅରୁନ୍ଧତୀ ଜୁଏଲର୍ସର ଆଉ ଏକ ନୂଆ ଅଧ୍ୟାୟ

## ୨୩ରେ ଭଦ୍ରକରେ ଖୋଲିବ ୧୧ତମ ଅତ୍ୟାଧୁନିକ ଶୋ’ରୁମ୍

ଭଦ୍ରକ,୨୧।୯ (ସମିସ)




ଦୀର୍ଘ ୨୬ ବର୍ଷର ଅତୁଟ ଭରସା ଓ ବିଶ୍ୱାସକୁ ଆହୁରି ସୁଦୃଢ଼ କରି, ଭଦ୍ରକର ଇଷ୍ଟଦେବୀ ମା’ ଭଦ୍ରକାଳୀ ଏବଂ ବାବା ଆଖଣ୍ଡଳମଣିଙ୍କ ଅପାର କରୁଣା ଓ ପବିତ୍ର ଆଶୀର୍ବାଦକୁ ନେଇ ଭଦ୍ରକ ବାଇପାସ୍ ସ୍ଥିତ ଛପୁଲିଆଠାରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଖୋଲିବାକୁ ଯାଉଛି ଏହାର ୧୧ତମ ଅତ୍ୟାଧୁନିକ ଶୋ’ରୁମ୍। ଆସନ୍ତା ୨୩ ତାରିଖ ପୂର୍ବାହ୍ନରେ ୧୧ଟାରେ ଏହି ନୂଆ ଶୋ’ରୁମ୍ ଗ୍ରାହକଙ୍କ ସେବାରେ ସମର୍ପିତ ହେବ। ଭଦ୍ରକ ଏକ ସମୃଦ୍ଧ, ସାଂସ୍କୃତିକ ଓ ବାଣିଜ୍ୟିକ ପରମ୍ପରାର ସହର। ଏହି ସହରର ଗ୍ରାହକଙ୍କ ରୁଚି, ପରମ୍ପରା ଓ ଆଧୁନିକ ଚାହିଦାକୁ ଧ୍ୟାନରେ ରଖି ଅରୁନ୍ଧତୀ ଜୁଏଲର୍ସର ନୂଆ ଶୋ’ରୁମ୍‌କୁ ପ୍ରସ୍ତୁତ କରାଯାଇଛି, ଯାହାକି ୫୦୦୦ ବର୍ଗଫୁଟ୍ ଓ ଦୁଇ ମହଲା ବିଶିଷ୍ଟ। ଏହି ଷ୍ଟୋର୍‌ରେ ଭାରତର ବିଭିନ୍ନ ପ୍ରାନ୍ତରୁ କୁଶଳୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ୧୦ ହଜାରରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଡିଜାଇନ୍ ଉପଲବ୍ଧ ରହିବ। ଉଭୟ ପାରମ୍ପରିକ ଓ ଆଧୁନିକତାର ସମ୍ମିଶ୍ରଣରେ ଏଠାରେ ଥିବା ପ୍ରତିଟି ସୁନା ଓ ହୀରା ଅଳଙ୍କାର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ହେବା ସହ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଏବଂ ପ୍ରିମିୟମ୍ ହ୍ୟାଣ୍ଡଲୁମ୍ ସିଲ୍କ ଶାଢ଼ିର ଏକ ଅପୂର୍ବ ସମ୍ଭାର ମଧ୍ୟ ଉପଲବ୍ଧ ରହିବ। ଏହାସହ ଅରୁନ୍ଧତୀ ଜୁଏଲର୍ସ ତରଫରୁ ସମସ୍ତ ଭଦ୍ରକବାସୀଙ୍କୁ ରାଜ୍ୟର ସବୁଠୁ ବିଶ୍ୱସ୍ତ ଜୁଏଲାରୀ ବ୍ରାଣ୍ଡ ଭାବରେ ନିଜର ୫ ଷ୍ଟାର୍ ପ୍ରମିଜ୍‌ର ଭରସାଯୋଗ୍ୟ ସେବା ଯୋଗାଇ ଦିଆଯିବ। ଏଥିସହିତ ସମସ୍ତ ଭଦ୍ରକବାସୀ ଅରୁନ୍ଧତୀର ମାସିକ ‘ସ୍ୱର୍ଣ୍ଣ ସମୃଦ୍ଧି ସ୍ୱର୍ଣ୍ଣ କ୍ରୟ’ ଯୋଜନା ଅନ୍ତର୍ଗତ ଗୋଲ୍ଡ ମାଇନ୍ ଓ ଗୋଲ୍ଡ ପ୍ଲସ୍ ଭଳି ଦୁଇଟି ବିଶେଷ ଲାଭଦାୟକ ଯୋଜନାର ଲାଭ ମଧ୍ୟ ଉଠେଇପାରିବେ। ଏହି ଭବ୍ୟ ଉଦ୍‌ଘାଟନୀ ମହାସମାରୋହରେ ମୁଖ୍ୟ ଅତିଥି ଭାବେ ଓଲିଉଡ୍‌ର ଦୁଇ ଲୋକପ୍ରିୟ ନାୟିକା ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସଡର ଅର୍ଚ୍ଚିତା ସାହୁ ଓ ଶିବାନୀ ସଙ୍ଗୀତା ଏହି ଖୁସିର ଉତ୍ସବମୟ ପରିପ୍ରେକ୍ଷୀରେ ଯୋଗଦେବେ ବୋଲି ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ, ୨୬ ବର୍ଷର ଏହି ଯାତ୍ରା ଆମର ନୁହେଁ, ବରଂ ଏହା ଆମ ଗ୍ରାହକଙ୍କ ଭରସା ଓ ଭଲପାଇବାର ଯାତ୍ରା। ଭଦ୍ରକରେ ଆମର ନୂଆ ଷ୍ଟୋର୍ ଆରମ୍ଭ କରିବା ଆମ ପାଇଁ କେବଳ ବ୍ୟବସାୟ ବିସ୍ତାର ନୁହେଁ; ଏହା ଆମର ୨୬ ବର୍ଷର ଭରସାର ଯାତ୍ରାକୁ ଏକ ନୂଆ ସହରରେ ନେଇଯିବାର ଅବସର। ଆମେ ବିଶ୍ୱାସ କରୁ ଯେ ଅଳଙ୍କାର କେବଳ ଏକ ମୂଲ୍ୟବାନ ଧାତୁ ନୁହେଁ। ଏହା ସହିତ ଜଡ଼ିତ ଥାଏ ଭାବନା, ସମ୍ପର୍କ, ପରମ୍ପରା ଓ ସ୍ମୃତି। ସେଥିପାଇଁ ପ୍ରତ୍ୟେକ ଗ୍ରାହକଙ୍କ ଆବଶ୍ୟକତା ଓ ଭରସାକୁ ଆମେ ସର୍ବୋଚ୍ଚ ପ୍ରାଥମିକତା ଦେଉଛୁ। ଭଦ୍ରକବାସୀଙ୍କୁ ମଧ୍ୟ ଆମର ଏହି ୨୬ ବର୍ଷର ଅନୁଭବ, ସେବା ଓ ଭରସାର ପରମ୍ପରା ସହ ଯୋଡ଼ିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଭଦ୍ରକବାସୀଙ୍କ ପାଇଁ ଏହି ଶୁଭାରମ୍ଭକୁ ଏକ ସ୍ମରଣୀୟ ମୁହୂର୍ତ୍ତରେ ପରିଣତ କରିବା ପାଇଁ ଅରୁନ୍ଧତୀ ତରଫରୁ ଏକ ଗ୍ରାଣ୍ଡ ଉଦ୍‌ଘାଟନୀ ଅଫର ଘୋଷଣା କରାଯାଇଛି। ପ୍ରତ୍ୟେକ ସୁନା, ହୀରା ଏବଂ ରୁପା ଗହଣାର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦%ର ବିଶାଳ ରିଆତି, ମନପସନ୍ଦର ଅଳଙ୍କାର କ୍ରୟ ସହିତ ସମସ୍ତଙ୍କୁ ମିଳିବ ୮୦ ଜଣ ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ”ଲକ୍ଷପତି’ ହେବାର ଏକ ସୁବର୍ଣ୍ଣ ସୁଯୋଗ। ଏହା ସହିତ ପ୍ରତ୍ୟେକ ଅଳଙ୍କାର କ୍ରୟ ଉପରେ ସୁନିଶ୍ଚିତ ଆକର୍ଷଣୀୟ ଉଦ୍‌ଘାଟନୀ ଉପହାର ମଧ୍ୟ ମିଳିବ।

# ଚାଷ ଜମିରେ ଗୁଣ୍ଡି ପୋକ ଓ ବୋଡ଼ା ଆତଙ୍କ



ବାରିକପୁର,୨୧।୯ (ସମିସ): ଗତ ଜୁଲାଇ, ଅଗଷ୍ଟ ମାସରେ ଲଗାଣ ବର୍ଷା ଓ ବନ୍ୟା ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଖରିଫ୍ ଧାନ ଚାଷ ପାଇଁ ସପ୍ତାହେ ପୂର୍ବରୁ ରୁଆପୋତା କାର୍ଯ୍ୟ ଶେଷ ହୋଇଛି। ରୁଆପୋତା ପରେ ଜମିରେ ପ୍ରାଥମିକ ଭାବେ ରାସାୟନିକ ସାର ମଧ୍ୟ ପ୍ରୟୋଗ ହୋଇଛି। ଏବେ କୀଟ ପୋକ ଉପଦ୍ରବ ଚାଷୀଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବ୍ଲକ୍ ଅନ୍ତର୍ଗତ ୨୩ଟି ପଞ୍ଚାୟତ ଅଞ୍ଚଳର ବହୁ ଚାଷ ଜମିରେ ପୋକ ଲାଗିଥିବା ସୂଚନା ମିଳିଛି। ସଦ୍ୟ ରୁଆପୋତା ହୋଇଥିବା ଧାନ ଗଛଗୁଡ଼ିକରେ ମାଟିଆ ଗୁଣ୍ଡି, ବୋଡ଼ା ଓ କାଣ୍ଡବିନ୍ଧା ପୋକ ଲାଗିଛି। ପୋକ ଆତଙ୍କ ଏବେ ଚାଷୀମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ପୋକ ଲାଗିବାରୁ ଧାନ ଗଛଗୁଡ଼ିକ ଧଳା ପଡ଼ିଯିବା ସହିତ ଅଗପତ୍ର ଝଡ଼ିଯାଉଛି। ଗଛ ମୂଳରେ ପିଲ ଆସିବା ବିଳମ୍ବ ହେଉଛି। ଚାଷୀମାନେ ବଜାରରେ ମିଳୁଥିବା ବିଭିନ୍ନ କୀଟନାଶକ ଆଣି ଜମିରେ ପ୍ରୟୋଗ କରିଥିଲେ ମଧ୍ୟ ପୋକ ଉପଦ୍ରବ ହ୍ରାସ ହେଉନାହିଁ। ବ୍ଲକ୍‌ର ବିଷ୍ଣୁପୁରଠାରୁ ଆରମ୍ଭ କରି ମଣିନାଥପୁର ଓ ମଞ୍ଜୁରୀ ରୋଡ୍‌ଠାରୁ ଆରମ୍ଭ କରି ମାଳଦା ଯାଏଁ ସବୁଠି ପୋକ ଉପଦ୍ରବ ବୃଦ୍ଧି ପାଉଛି। ଏପରିସ୍ଥଳେ କୃଷି ବୈଜ୍ଞାନିକମାନେ କ୍ଷେତ୍ର ପରିଦର୍ଶନ କରି ଜମିରେ କୃଷକମାନେ କେଉଁ ଭଳି କୀଟନାଶକ ଔଷଧ ବ୍ୟବହାର କରିବେ ସେନେଇ ପରାମର୍ଶ ଦେବା ଜରୁରୀ ହୋଇଛି।

# ଚାନ୍ଦବାଲି ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର




ଚାନ୍ଦବାଲି,୨୧।୯ (ସମିସ): ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଚାନ୍ଦବାଲି ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର ସ୍ଥାନୀୟ ପିଏମ୍‌ଶ୍ରୀ ଦାଖା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସେମିନାରରେ ଚାନ୍ଦବାଲି ବିଡିଓ ସଞ୍ଜିବ କୁମାର ମହାପାତ୍ର ମୁଖ୍ୟ ଅତିଥି, ଜିଲ୍ଲା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ଅନୀଲ କୁମାର ମିଶ୍ର ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ ଓ ଚାନ୍ଦବାଲି ଏନ୍ଏସି ପାରିଷଦ ଚନ୍ଦନ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମିନାରର ମୁଖ୍ୟ ପ୍ରସଙ୍ଗ '୨୦୪୭ ମସିହା ସୁଦ୍ଧା ଭାରତୀୟ ଶକ୍ତି ବାସ୍କେଟର ସ୍ୱରୂପ-ସମ୍ଭାବନା ଓ ଆହ୍ୱାନ' ଉପରେ ଅତିଥିମାନେ ନିଜ ନିଜ ମତବ୍ୟକ୍ତ କରିଥିଲେ। ଭବିଷ୍ୟତରେ ଶକ୍ତି କ୍ଷେତ୍ରର ବିକାଶ, ନୂତନ ଶକ୍ତି ଉତ୍ସର ବ୍ୟବହାର ଓ ଏହା ସହ ଜଡ଼ିତ ବିଭିନ୍ନ ସମ୍ଭାବନା ଏବଂ ଆହ୍ୱାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ୍ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ସେମିନାରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବ୍ଲକ୍‌ର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ସହ ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ପ୍ରାଣୀ ଚିକିତ୍ସକ ନିରାକାର ଜେନାଙ୍କୁ ସମ୍ବର୍ଦ୍ଧନା



ଦୋଳସାହି,୨୧।୯ (ସମିସ): ତିହିଡ଼ି ବ୍ଲକ୍ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ନିରାକାର ଜେନାଙ୍କୁ ରାଜ୍ୟର ଶ୍ରେଷ୍ଠ ଅଧିକାରୀ ଭାବେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା, ପ୍ରଯୁକ୍ତି ଓ ବୈଷୟିକ ଜ୍ଞାନ ଦକ୍ଷତାକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ମେୟର ସୁଲୋଚନା ଦାସ ରାଜ୍ୟର ଶ୍ରେଷ୍ଠ ଅଧିକାରୀ ଭାବେ ଅନ୍ତର୍ଜାତୀୟ ପୁରସ୍କୃତ ଡ. ଜେନାଙ୍କୁ ସମ୍ମାନିତ କରିଥିବା ଜଣାଯାଇଛି। ସେହିପରି ଡ. ଜେନା ଏହି ବିଭାଗକୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ଯୋଜନାର ସଫଳ ରୂପାୟଣ କରୁଥିବା ନେଇ ଚାଷୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରୁଥିବା ନେଇ ସାଧାରଣରେ ଡାକ୍ତରଙ୍କ ଦାୟିତ୍ୱକୁ ପ୍ରଶଂସା କରାଯାଇଥିଲା।

# ଶିଶୁ ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ



ବନ୍ତ/ଆଗରପଡ଼ା,୨୧।୯ (ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶିଶୁ ସୁରକ୍ଷା ଆଇନ ଓ ହେଲ୍ପଲାଇନ ନମ୍ବର ୧୦୯୮ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ ଶିଶୁ ସୁରକ୍ଷା ୟୁନିଟ୍ ସେଲ ସଂଯୋଜକ ରମାକାନ୍ତ ଜେନା ଓ ଲକ୍ଷ୍ମଣ ଜେନା। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ତଥା ବିଇଓ ଇନ୍‌ଚାର୍ଜ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ, ଭୀମସେନ ପାଳ, କୈଳାସ ପଣ୍ଡା, ପ୍ରମୋଦିନୀ ସାହୁ, ସାଗରିକା ମହାନ୍ତି, ରଞ୍ଜିତା ଶିଅଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ସୁମିତ୍ରା ନାଇକ, ସାବିତ୍ରୀ ଦାଶ, ବିଦ୍ୟୁତ୍‌ଲତା ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ରିଲିଫ୍ ବଣ୍ଟନରେ ଶାସକ ଦଳର ମନମୁଖୀ କାର୍ଯ୍ୟ

# ଧାମନଗରରେ ବିଜେଡିର ବ୍ଲକ୍ ଘେରଉ ଚେତାବନୀ

ଦୋବଲ/ଅସୁରାଳି,୨୧।୯ (ସମିସ)

ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ମଧ୍ୟରେ ରିଲିଫ୍ ବଣ୍ଟନକୁ ନେଇ ପ୍ରଶାସନ ଓ ଶାସକ ଦଳର ମନମୁଖୀ କାର୍ଯ୍ୟ ଏବଂ ବ୍ୟାପକ ଅନିୟମିତତାକୁ ପ୍ରତିବାଦ କରି ଧାମନଗରରେ ବ୍ଲକ୍ ଘେରଉ ଚେତାବନୀ ଦିଆଯାଇଛି। ସୋମବାର ଅସୁରାଳିଠାରେ ଧାମନଗର ବ୍ଲକ୍ ବିଜେଡି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ ପ୍ରଶାସନର ପକ୍ଷପାତିତା ଏବଂ ଦଳୀୟ ପ୍ରୀତି ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଆହ୍ୱାନ ଦିଆଯାଇଛି।

ବୈଠକରେ ଅଭିଯୋଗ କରାଯାଇଛି ଯେ, ବନ୍ୟା ରିଲିଫ୍ ବଣ୍ଟନ ପ୍ରକ୍ରିୟାରେ ପ୍ରଶାସନ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଭୁଲିଯାଇଛି। ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ଦିଆଯାଇ ଶାସକ ଦଳର କର୍ମୀଙ୍କ ଇଙ୍ଗିତରେ ରିଲିଫ୍ ବଣ୍ଟାଯାଉଛି। ସରକାରୀସ୍ତରରୁ କେଉଁ କେଉଁ ସାମଗ୍ରୀ କେତେ ପରିମାଣରେ ଆସିଥିଲା ଏବଂ

### ବିରୋଧୀ ସମର୍ଥକଙ୍କ ନାଁ କାଟିବା ଅଭିଯୋଗ; ହିସାବ ସାର୍ବଜନୀନ ଦାବି

ପ୍ରକୃତରେ ବିପନ୍ନଙ୍କୁ କ'ଣ ସବୁ ବଣ୍ଟନ କରାଗଲା, ତାହାର କୌଣସି ତଥ୍ୟ ସାର୍ବଜନୀନ କରାଯାଉନାହିଁ। କେଉଁ ପଞ୍ଚାୟତକୁ କେତେ ରିଲିଫ୍ ଆସିଲା ଓ ପ୍ରକୃତରେ କେତେ ବଣ୍ଟନ ହେଲା, ସେ ନେଇ ସମ୍ପୂର୍ଣ୍ଣ ହିସାବ ସାର୍ବଜନୀନ କରିବାକୁ ଦଳ ଦାବି କରିଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ରିଲିଫ୍ ଚାଉଳ ବଣ୍ଟନ ପାଇଁ ଅଙ୍ଗନବାଡ଼ି ଦିଦିମାନେ ପ୍ରସ୍ତୁତ କରିଥିବା ପ୍ରକୃତ ବନ୍ୟା ପ୍ରଭାବିତଙ୍କ ତାଲିକାରେ ଶାସକ ଦଳର ଲୋକମାନେ ବେଆଇନ ଭାବେ ହସ୍ତକ୍ଷେପ କରିଛନ୍ତି। ବିରୋଧୀ ଦଳର ସମର୍ଥକ ହୋଇଥିବା କାରଣରୁ ଶହଶହ ବାସ୍ତବ ବିପନ୍ନଙ୍କ ନାମ ତାଲିକାରୁ କାଟି ଦିଆଯାଇଛି। ଗୋଟିଏ ଗୋଟିଏ ପଞ୍ଚାୟତରୁ ୧୫ରୁ ୨୦ଟି ଗରିବ ପରିବାର ଏବଂ ଅନେକ ପରିବାରର ୫ରୁ ୬ ଜଣ ସଦସ୍ୟଙ୍କ ନାଁ ତଞ୍ଚକତା କରି ବାଦ୍ ଦିଆଯାଇଛି, ଯାହାକି ବନ୍ୟା ବିପନ୍ନଙ୍କ ପ୍ରତି ପ୍ରଶାସନିକ କ୍ରୁରତା ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ନିନ୍ଦନୀୟ ଘଟଣା। ଗତ ଜୁଲାଇ ୨୮ ରୁ ସେପ୍ଟେମ୍ବର ୧ ତାରିଖ ମଧ୍ୟରେ ଧାମନଗର ଅଞ୍ଚଳ ଲଗାତାର ୭ରୁ ଅଧିକ ଥର ବନ୍ୟାର ସାମ୍ନା କରିଛି।

ବୈତରଣୀ ଏବଂ ଏହାର ଶାଖା ନଦୀ ଗେଙ୍ଗୁଟି ଓ କୋଚିଳାରେ କ୍ରମାଗତ ବନ୍ୟା ଜଳ ଆସିବା ଯୋଗୁଁ ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ପରିସ୍ଥିତିର ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବନ୍ୟାଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ।




ସେତେବେଳେ ସରକାରଙ୍କ ପକ୍ଷରୁ ୭ ଦିନ ପାଇଁ ମାଗଣା ରିଲିଫ୍ ଚାଉଳ ଦେବାକୁ ଘୋଷଣା କରାଯାଇଥିଲା। ଏହାପରେ ଧାମନଗର ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଓ ପଲିଥିନ୍ ଆସିଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ରିଲିଫ୍‌ରେ କାହାକୁ କ'ଣ ଦିଆଗଲା, ତା'ର କୌଣସି ସ୍ପଷ୍ଟ ସୂଚନା ଦିଆଗଲା ନାହିଁ। ବର୍ତ୍ତମାନ ମୁଣ୍ଡପିଛା ବୟସ୍କଙ୍କୁ ୭ କିଲୋ ଏବଂ ଛୋଟ ପିଲାଙ୍କୁ ୩.୫ କିଲୋ ହିସାବରେ ରିଲିଫ୍ ଚାଉଳ ବଣ୍ଟନ ଆରମ୍ଭ ହୋଇଥିବାବେଳେ, ସେଥିରେ ବି ଦଳୀୟ ପକ୍ଷପାତିତା କରାଯାଇ ପ୍ରକୃତ ବିପନ୍ନଙ୍କୁ ବଞ୍ଚିତ କରାଯାଉଛି। ପ୍ରଶାସନ ଯଦି ତୁରନ୍ତ ଏହି ଅନିୟମିତତାର ତଦନ୍ତ ନ କରେ ଏବଂ ପଞ୍ଚାୟତୱାରୀ ରିଲିଫ୍ ବଣ୍ଟନର ସମ୍ପୂର୍ଣ୍ଣ ସାର୍ବଜନୀନ ହିସାବ ନ ଦିଏ, ତେବେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ ଘେରଉ କରାଯିବା ସହ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ବ୍ଲକ୍ ସଭାପତି ପ୍ରତାପ ସାମଲ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ବନ୍ୟା ଦୁର୍ଦ୍ଦଶାରେ ପୀଡ଼ିତ ଜନସାଧାରଣଙ୍କ ହକ୍ ପାଇଁ ଏହି ଲଢ଼େଇ ଜାରି ରହିବ ବୋଲି ବୈଠକରେ ସଙ୍କଳ୍ପ ନିଆଯାଇଛି।

ଏହି ପ୍ରସ୍ତୁତି ବୈଠକରେ ବିଜେଡିର ବରିଷ୍ଠ ନେତୃବୃନ୍ଦ ତଥା ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଅସୁରାଳି ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ସାହୁ, ବ୍ଲକ୍ ବିଜେଡି ସଭାପତି ପ୍ରତାପ ସାମଲ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଖପରପଦା ସମିତିସଭ୍ୟ ଭାରତ ବିଜୟ ଦଲେଇ, ଅସୁରାଳି ଯୁବନେତା ଅଶୋକ ଦାସ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକ, ଗୋବିନ୍ଦପୁର ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ପତି, ବମକୁରା ସରପଞ୍ଚ ନରେନ୍ଦ୍ର ନାୟକ, ରାଧାବଲ୍ଲଭପୁର ସମିତିସଭ୍ୟ ସୂର୍ଯ୍ୟ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଆଦିବାସୀ ପରିବାରଙ୍କୁ ମିଳୁନି ରିଲିଫ୍



ବାରିକପୁର,୨୧।୯ (ସମିସ): ବୈତରଣୀ ବନ୍ୟାକୁ ପ୍ରାୟତଃ ମାସେ ବିତିଯାଇଥିବା ବେଳେ ଏବେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ରିଲିଫ୍ ଚାଉଳ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ଲକ୍‌ର ମୋଟ୍ ୨୩ଟି ପଞ୍ଚାୟତ ମଧ୍ୟରୁ ୧୭ଟି ପଞ୍ଚାୟତକୁ ରିଲିଫ୍ ଚାଉଳ ମିଳିଛି। ମାତ୍ରାଧିକ ବର୍ଷା କାରଣରୁ ଜଳବନ୍ଦି ହୋଇଥିବା ପଞ୍ଚାୟତ ଓ ବନ୍ୟା ପ୍ରଭାବିତ ପଞ୍ଚାୟତଗୁଡ଼ିକୁ ରିଲିଫ୍ ମିଳୁ ନ ଥିବା ଜଣାପଡ଼ିଛି। ରିଲିଫ୍ ଚାଉଳ ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗମାନ ଆସୁଛି। ଏହାରି ଭିତରେ ବନ୍ୟା ପାଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା କିଛି ପରିବାରଙ୍କୁ ରିଲିଫ୍ ମିଳୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଷୋଳମପୁର ପଞ୍ଚାୟତ ଅଞ୍ଚଳରେ ବସବାସ କରୁଥିବା ପାଖାପାଖି ୫୦ ଆଦିବାସୀ ପରିବାର ବର୍ଗଙ୍କ ପାଇଁ ସରକାରୀସ୍ତରରେ କିଛି ସୁବିଧା ମିଳିନାହିଁ। ଆଧାର କାର୍ଡ ନ ଥିବାରୁ ପ୍ରଶାସନ ପଲିଥିନ୍ ଓ ରିଲିଫ୍ ଚାଉଳରୁ ସେମାନଙ୍କୁ ବଞ୍ଚିତ କରିଛି। ଏନେଇ ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କିଛି ଶୁଣୁନାହାନ୍ତି। ଏହାଛଡ଼ା ପଞ୍ଚାୟତ ଅଞ୍ଚଳରେ ସରକାରଙ୍କ ଘୋଷଣାଠାରୁ ଅପେକ୍ଷାକୃତ କମ୍ ପରିମାଣରେ ମୁଣ୍ଡ ପିଛା ଚାଉଳ ବଣ୍ଟନ ହେଉଥିବା ଅଭିଯୋଗ ହେଉଛି। ତେଣୁ ଏହା ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ପରିବହନ ବିଭାଗର ଯାଞ୍ଚ

# ୬୭ ହଜାର ଟଙ୍କା ଜରିମାନା ଆଦାୟ




ବନ୍ତ/ଆଗରପଡ଼ା,୨୧।୯ (ସମିସ): ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ବନ୍ତ ଥାନା ଅଧୀନ ବରକୋଣା ଛକ ନିକଟରେ ଜିଲ୍ଲା କନିଷ୍ଠ ମୋଟର ଯାନ ନିରୀକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନଙ୍କ ନେତୃତ୍ୱରେ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ବିଭାଗ ପକ୍ଷରୁ ସମୁଦାୟ ୬୭ ହଜାର ଟଙ୍କାର ଚାଲାଣ କଟାଯାଇଥିବା ଜଣାପଡ଼ିଛି।

ରାସ୍ତା ସୁରକ୍ଷା ଓ ଟ୍ରାଫିକ୍ ନିୟମ କଡ଼ାକଡ଼ି ପାଳନ ପାଇଁ କନିଷ୍ଠ ଯାନ ନିରୀକ୍ଷକଙ୍କ ସମେତ ବିଭାଗୀୟ ଅଧିକାରୀ ବରକୋଣା ଛକ ନିକଟରେ ଗାଡ଼ିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ଜଣେ ନାବାଳକ ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିବାରୁ ତାଙ୍କ ଗାଡ଼ି ଉପରେ ୨୯ ହଜାର ଟଙ୍କାର ଜରିମାନା, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଅନ୍ୟ ଏକ ଗାଡ଼ିଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଶ୍ରମିକମାନଙ୍କୁ ବିପଜ୍ଜନକ ଓ ବେଆଇନ ଭାବେ ବୋହି ନେଉଥିବା ଦୁଇଟି ଗାଡ଼ିକୁ ମଧ୍ୟ ଅଧିକାରୀମାନେ ଅଟକାଇ ଚାଲାଣ କାଟିଥିବା ଜଣାପଡ଼ିଛି। ସେହିପରି ମୋଟର ସାଇକଲ ଚଲାଇବା ବେଳେ ନିୟମ ଉଲ୍ଲଂଘନ କରିଥିବା ଚାଳକମାନଙ୍କ ଉପରେ ମଧ୍ୟ ଜରିମାନା କରାଯାଇଛି। ଆଗାମୀ ଦିନରେ ଏହିପରି ଯାଞ୍ଚ ପ୍ରକ୍ରିୟା ଆହୁରି କଡ଼ାକଡ଼ି କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ରାଜପଥରେ ଯାତାୟାତ ସମୟରେ ସମସ୍ତ ଗାଡ଼ି ଚାଳକ ନିଜର ଓ ଅନ୍ୟମାନଙ୍କ ସୁରକ୍ଷା ପାଇଁ ଟ୍ରାଫିକ୍ ନିୟମ ମାନିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି।

# ହାଇୱା-ବସ୍ ଧକ୍କା; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଦୋଳସାହି,୨୧।୯ (ସମିସ): ତିହିଡ଼ି ଥାନା ଅଞ୍ଚଳରେ ଏକ ହାଇୱା ଯାତ୍ରୀବାହୀ ବସ୍‌କୁ ପଛରୁ ଧକ୍କା ମାରିଥିବାବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, କୋଲିକାତାରୁ ଚାନ୍ଦବାଲି ଅଭିମୁଖେ ଜଗା କାଳିଆ ବସ୍ ରବିବାର ସକାଳ ୬ଟା ସମୟରେ ଯାଉଥିବାବେଳେ ଅଲ୍ଲିନଗର ବଜାରଠାରେ ଯାତ୍ରୀ ଓହ୍ଲାଇବା ବେଳେ ପଛରୁ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ବସ୍‌ର ପଛପଟ ଓ ହାଇୱାର ଆଗ ଚୁର୍‌ମାର୍ ହୋଇଥିବା ଜଣାପଡ଼ିଛି। ଖବର ପାଇ ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ କୁମୁଦିନୀ ବେହେରା ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ବସ୍ ମାଲିକଙ୍କ ଅଭିଯୋଗ କ୍ରମେ ହାଇୱା ଚାଳକ ନାମରେ ଏକ ମାମଲା ତିହିଡ଼ି ଥାନାରେ ରୁଜୁ ହୋଇଥିବା ଜଣାପଡ଼ିଛି।

■ ୮ ପ୍ରକଳ୍ପର ଏନ୍‌ସିଆର୍ ଅନୁପାଳନ ଅଟକିଛି

# ଭଦ୍ରକ ଡିଭିଜନ୍-୧କୁ ୧୦ ଦିନରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଭଦ୍ରକ,୨୧।୯ (ସମିସ): ଗ୍ରାମ୍ୟ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ପରେ ଚିହ୍ନଟ ତ୍ରୁଟିର ଅନୁପାଳନ ରିପୋର୍ଟ ଦୀର୍ଘଦିନ ଧରି ଦାଖଲ ନ ହେବାକୁ ନେଇ ଭଦ୍ରକ ଗ୍ରାମ୍ୟ ନିର୍ମାଣ ଡିଭିଜନ୍-୧କୁ ଚେତାବନୀ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗର ଯନ୍ତ୍ରୀ ମୁଖ୍ୟ (ଡିଜାଇନ୍ ଓ କ୍ୱାଲିଟି କଣ୍ଟ୍ରୋଲ୍)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୩୩୨୭୦/୧୯.୯.୨୦୨୬ରେ ଏନେଇ ନିର୍ଦ୍ଦେଶ ଜାରି ହୋଇଛି। ବିଭାଗୀୟ ଯାଞ୍ଚ ସମୟରେ ଚିହ୍ନଟ ତ୍ରୁଟିର ସୁଧାର କରି ତାହାର ଅନୁପାଳନ ରିପୋର୍ଟ ଦାଖଲ କରିବା ନିୟମ ରହିଥିବାବେଳେ ଭଦ୍ରକ ଡିଭିଜନ୍-୧ର ୮ଟି ପ୍ରକଳ୍ପର ଏନ୍‌ସିଆର(ନନ୍ କମ୍ପ୍ଲାଏସ୍ ରିପୋର୍ଟ) ଅନୁପାଳନ ରିପୋର୍ଟ ପିଆଇୟୁସ୍ତରରେ ପଡ଼ିରହିଥିବା ଉଲ୍ଲେଖ କରାଯାଇଛି। ଏହା ଦୀର୍ଘଦିନ ଧରି ଅନୁପାଳନ ନ ହେବା ସହ ଅଡିଟ୍ ସମ୍ପର୍କିତ ସମସ୍ୟାର ଆଶଙ୍କା ସୃଷ୍ଟି କରିଛି। ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୧୦ ଦିନ ମଧ୍ୟରେ ଆବଶ୍ୟକ ତଥ୍ୟ, ତ୍ରୁଟି ସୁଧାରର ବିବରଣୀ, ସହାୟକ ନଥିପତ୍ର ଓ ଫଟୋଗ୍ରାଫ୍ ସହ ସମ୍ପୂର୍ଣ୍ଣ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ରିପୋର୍ଟ ଦାଖଲ ନ ହେଲେ ଦାୟୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଚେତାବନୀ ଦିଆଯାଇଛି।

ବିଭାଗୀୟ ରିପୋର୍ଟରେ ଉଲ୍ଲିଖିତ ୮ଟି ପ୍ରକଳ୍ପ ମଧ୍ୟରେ ପଦ୍ମପୁର-ନୁଆମଣ୍ଡାଇ ନଦୀ ସେତୁ, ବାହାବଳପୁର ଏମ୍ଏଫ୍ଏସ୍ କୋଠା, ତିହିଡ଼ି ତହସିଲ୍ ଅଫିସ କୋଠା ଓ ଇ-ଟାଇପ୍ କ୍ୱାର୍ଟର୍ସ ଏବଂ ବାରପଡ଼ା ସିଏଚ୍‌ସିର ୪ଟି ଇ-ଟାଇପ୍ କ୍ୱାର୍ଟର୍ସ ରହିଛି। ଏହି ପ୍ରକଳ୍ପଗୁଡ଼ିକର କେତେକରେ ୨୦୧୭ ଓ ୨୦୧୮ ମସିହାରେ ଟିପିକ୍ୟୁଏମ୍ ଯାଞ୍ଚ ହୋଇଥିବା ଦର୍ଶାଯାଇଛି। ପଦ୍ମପୁର-ନୁଆମଣ୍ଡାଇ ନଦୀ ସେତୁର ଏନ୍‌ସିଆର୍ ନମ୍ବର ୧୦୯୫/ଡବ୍ଲୁଇ, ୫୮୨/୧୭ ଏବଂ ବାହାବଳପୁର ଏମ୍ଏଫ୍ଏସ୍ କୋଠାର ପ୍ରଥମ ଓ ଦ୍ୱିତୀୟ ଯାଞ୍ଚ ସମ୍ପର୍କିତ ଏନ୍‌ସିଆର୍ ନମ୍ବର ଯଥାକ୍ରମେ ୩୮୯/୧୭, ୨୯୮/ଡବ୍ଲୁଇ ଓ ୭୬୨/୧୮, ୬୫୫/ଡବ୍ଲୁଇ ଦର୍ଶାଯାଇଛି। ସେହିପରି ତିହିଡ଼ି ତହସିଲ୍ ଅଫିସ କୋଠା ଓ ଇ-ଟାଇପ୍ କ୍ୱାର୍ଟର୍ସ ସମ୍ପର୍କିତ ଏକାଧିକ ଏନ୍‌ସିଆର୍ ମଧ୍ୟ ତାଲିକାରେ ରହିଛି। ପ୍ରଶ୍ନ ଉଠୁଛି, ଯାଞ୍ଚରେ ତ୍ରୁଟି ଚିହ୍ନଟ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଅନୁପାଳନ ରିପୋର୍ଟ କାହିଁକି ଦାଖଲ ହୋଇନାହିଁ। ଏବେ ବିଭାଗୀୟ ଚେତାବନୀ ପରେ ନିର୍ଦ୍ଦିଷ୍ଟ ୧୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ ହେଉଛି କି ନାହିଁ, ତାହା ଉପରେ ନଜର ରହିଛି।

## ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଦେବୋତ୍ତର ଆୟୁକ୍ତ

# ମନ୍ଦିରର ଆୟବ୍ୟୟ ନେଇ ପ୍ରଶାସନ ସହ ଆଲୋଚନା

ଭଦ୍ରକ/ଆରଡ଼ି,୨୧।୯ (ସମିସ)

ସୋମବାର ରାଜ୍ୟ ହିନ୍ଦୁ ଦେବୋତ୍ତର ଆୟୁକ୍ତ ସତ୍ୟନାରାୟଣ ଷଡ଼ଙ୍ଗୀ ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ସେବାୟତଙ୍କ ଦ୍ୱାରା ପୂଜାଲାଗି କରିଥିଲେ। ପରେ ମନ୍ଦିର ପରିସର ବୁଲିବା ସହିତ ବାବାଙ୍କ ନୀତିକାନ୍ତି ଓ ପର୍ବପର୍ବାଣୀ କିପରି

### ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତଙ୍କୁ ହରକତ ନ କରିବାକୁ ଚେତାବନୀ

ପରିଚାଳନା କରାଯାଉଛି ସେବାୟତଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବାବାଙ୍କ ଦର୍ଶନ ଓ ପୂଜାଲାଗି ପାଇଁ ପ୍ରତିଦିନ ଓ ପର୍ବପର୍ବାଣୀରେ ଆସୁଥିବା ଶ୍ରଦ୍ଧାଳୁ ଭକ୍ତଙ୍କୁ କୌଣସି ପ୍ରକାର ଅସୁବିଧାରେ ନ ପକାଇବା ପାଇଁ କଡ଼ା ଚେତାବନୀ ଦେଇଥିଲେ ଶ୍ରୀ ଷଡ଼ଙ୍ଗୀ। ଏଥିସହ ବାବାଙ୍କ ମନ୍ଦିର ଏକ ପୁରାତନ ଶୈବକ୍ଷେତ୍ର ହୋଇଥିଲେ ମଧ୍ୟ ବାର୍ଷିକ ଆୟ ଅନ୍ୟ ପର୍ଯ୍ୟଟନ କ୍ଷେତ୍ରଠାରୁ ବହୁ କମ୍ ଥିବା



ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। କିପରି ଭାବେ ମନ୍ଦିରର ଆୟ ବଢ଼ିବ ସେ ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ପଲାଇ, ଟ୍ରଷ୍ଟବୋର୍ଡ ସଭ୍ୟ ଦେବଦତ୍ତ ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଏପରିକି ଦୂରଦୂରାନ୍ତରେ ଥିବା ଶ୍ରଦ୍ଧାଳୁ ଭକ୍ତମାନେ ଅନ୍‌ଲାଇନ୍ ମାଧ୍ୟମରେ ଭେଟି ଟଙ୍କା ଦାନ କରିବେ ସେଥିପାଇଁ ପୀଠ ସହ ବିଭିନ୍ନ ସ୍ଥାନରେ ଅନ୍‌ଲାଇନ୍ ବ୍ୟବସ୍ଥା କରାଇବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ମନ୍ଦିରରେ ଯଦି କୌଣସି ସେବାୟତ ବିଶୃଙ୍ଖଳିତ କରନ୍ତି ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଟ୍ରଷ୍ଟବୋର୍ଡର ପୂର୍ଣ୍ଣ କ୍ଷମତା ରହିଥିବା ଶ୍ରୀ ଷଡ଼ଙ୍ଗୀ କହିଥିଲେ।

ଏହି ଆଲୋଚନାରେ ସେବାୟତ ମନୋରଞ୍ଜନ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ପ୍ରକାଶ ହୋତା, ରାଧାକାନ୍ତ ପାଢ଼ୀଙ୍କ ସହ ବହୁ ସେବାୟତ ଉପସ୍ଥିତ ଥିଲେ।

## ୧୨ ଦିନ ହେଲା ଅଚଳ ସରକାରୀ ସୋଲାର ଟ୍ୟୁବ୍‌ୱେଲ୍

# ଜଳ ପାଇଁ ହନ୍ତସନ୍ତ ୪୦ ପରିବାର; ଶୀଘ୍ର ମରାମତି ଦାବି

ବେତାଳିଗାଁ,୨୧।୯ (ସମିସ): ଧାମନଗର ବ୍ଲକ୍ ପାଳସାହି ପଞ୍ଚାୟତ ଅଧୀନ ସାନାଳପୁର ଜେନାସାହିରେ ଥିବା ସରକାରୀ ସୋଲାର ଚାଳିତ ଟ୍ୟୁବ୍‌ୱେଲ୍ ଦୀର୍ଘ ୧୨ ଦିନ ହେଲା ଅଚଳ ହୋଇ ପଡ଼ିରହିଛି। ଫଳରେ ଏହି ଟ୍ୟୁବ୍‌ୱେଲ୍ ଉପରେ ନିର୍ଭର କରୁଥିବା ପ୍ରାୟ ୪୦ଟି ପରିବାର ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ୟୁବ୍‌ୱେଲ୍‌ଟି ଖରାପ ହେବା ପରେ ସ୍ଥାନୀୟ ଲୋକେ ପାଳସାହି ସରପଞ୍ଚଙ୍କୁ ଅବଗତ କରିଥିଲେ। ସରପଞ୍ଚ ବିଡିଓଙ୍କୁ ଏନେଇ ଜଣାଇଥିବା ଏବଂ ଶୀଘ୍ର ମରାମତି କରାଯିବ ବୋଲି କହିଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏହି ସମସ୍ୟା ସମ୍ପର୍କରେ



ସୋମବାର ଅସୁରାଳିଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ସାମ୍ବାଦିକମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚରାଯାଇଥିଲା। ଏନେଇ ସେ ଦାୟିତ୍ୱରେ ଥିବା ଟେକ୍ନିସିଆନଙ୍କ ସହ ଯୋଗାଯୋଗ କରୁଥିବା ଏବଂ ଟେକ୍ନିସିଆନ ଘଟଣାସ୍ଥଳକୁ ଯାଇ ଟ୍ୟୁବ୍‌ୱେଲ୍‌ରେ କ'ଣ ତ୍ରୁଟି ହୋଇଛି ତାହା ଯାଞ୍ଚ କରି ଶୀଘ୍ର ସଜାଡ଼ିଦେବେ ବୋଲି କହିଥିଲେ। ପାଣି ଭଳି ମୌଳିକ ଆବଶ୍ୟକତା ପାଇଁ ୪୦ ପରିବାର ଏହି ସରକାରୀ ଟ୍ୟୁବ୍‌ୱେଲ୍ ଉପରେ ନିର୍ଭର କରୁଥିବାରୁ ଏହାର ଶୀଘ୍ର ମରାମତି କରାଯାଇ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଗୋରୁ ଚରାଇବାକୁ ନେଇ ବୃଦ୍ଧଙ୍କୁ କଟୁରିରେ ଆକ୍ରମଣ

ଠାକୁରମୁଣ୍ଡା,୨୧।୯ (ସମିସ): ଠାକୁରମୁଣ୍ଡା ଥାନା ହାତିଗୋଡା ଗ୍ରାମ ଅସନକୁଦର ଗ୍ରାମର ଜିତରାୟ ମୁର୍ମୁ, ଦୁଲାରୀ ସୋରେନ ଓ ତୁଳସୀ ମୁର୍ମୁ ଧିରଳ ଗ୍ରାମକୁ ଗୋରୁ ଚରାଇବାକୁ ଯାଇଥିଲେ। ଧିରଳ ଗ୍ରାମର ସୁଦନ ନାୟକଙ୍କ ଜମି ଦେଇ ଗୋରୁଙ୍କୁ ନେଲାବେଳେ ସାମାନ୍ୟ ବଚସା ହୋଇଥିଲା। ପରେ ଗୋରୁ ଫେରାଇ ଆଣିଥିଲେ। ଗୋରୁ ଫେରାଇବାବେଳେ ସୁଦନ ପଛ ପଟୁ ଜିତରାୟଙ୍କୁ କଟୁରୀରେ ଆକ୍ରମଣ କରିଥିଲେ। ଗ୍ରାମର ଲୋକେ ଜିତରାୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ପରେ ଠାକୁରମୁଣ୍ଡା ଥାନାରେ ଏତଲା ଦେଇଥିଲେ ଓ ଏତଲା ଆଧାରରେ ଠାକୁରମୁଣ୍ଡା ଥାନା ପୁଲିସ ତଦନ୍ତ କରୁଛି।



## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୁଆଁମରା,୨୧।୯ (ସମିସ): ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ମାର୍ସି ଗାଁର ଜଣେ ଯୁବକ ଗତକାଲି ରାତିରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଚୈତନ୍ୟ ହେମ୍ବ୍ରମ (୫୪)। ରବିବାର ଅପରାହ୍ନରେ ସ୍ଥାନୀୟ ସାପ୍ତାହିକ ହାଟକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିବା ପରେ ଧୁଆଧୋଇ ହେବାକୁ ଘର ପଛପଟେ ଥିବା ପୋଖରୀକୁ ଯାଇଥିଲେ। ଅସାବଧାନତା ବଶତଃ ସେ ଗଭୀର ଜଳକୁ ଚାଲିଯାଇ ବାହାରି ପାରି ନ ଥିବା ଅନୁମାନ କରାଯାଉଛି। ତେବେ ପରିବାର ଲୋକେ ରାତିରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଆଜି ସକାଳେ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। କୁଶଳଦା ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଉଦଳା ଡାକ୍ତରଖାନା ପଠାଇଥିବାବେଳେ ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବାରିପଦା, ୨୧।୯ (ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ସ୍ୱର୍ଗତ ଦିବାକର ମହାନ୍ତଙ୍କ ପତ୍ନୀ ପୁଣି ମହାନ୍ତ (୮୧)। ସୋମବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ପୁଣି ଗ୍ରାମର ଏକ ପୋଖରୀକୁ ଯାଇଥିବାବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ବାଙ୍ଗିରିପୋଷି ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବାଙ୍ଗିରିପୋଷି ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଠାକୁରମୁଣ୍ଡା,୨୧।୯ (ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତରାମରା ପଞ୍ଚାୟତ ବରାବିନ୍ଧା ସାହିରେ ଏକ ଅଘଟଣ ଘଟିଛି। ଗ୍ରାମ ପୋଖରୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ବରାବିନ୍ଧା ସାହିର ଜଗମୋହନ ଚାମ୍ପିୟା (୬୫)। ଜଗମୋହନ ଆଜି ମଧ୍ୟାହ୍ନ ୧୨ଟା ସମୟରେ ଗାଧୋଇବା ପାଇଁ ଗ୍ରାମ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ବିତିଯିବା ପରେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ସେମାନେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପୋଖରୀ ହୁଡ଼ା ଉପରେ ତାଙ୍କ ଲୁଗା ଦେଖିବାକୁ ମିଳିଥିଲା। ସେ ପୋଖରୀରେ ବୁଡ଼ି ଯାଇଥିବା ନେଇ ପରିବାର ଲୋକ ଓ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀ ପୋଖରୀରେ ପଶି ଖୋଜାଖୋଜି କରିଥିଲେ ଓ ପାଣି ଭିତରୁ ଜଗମୋହନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

## ଗୋ-ଚାଲାଣକାରୀ ଗିରଫ

କରଞ୍ଜିଆ,୨୧।୯ (ସମିସ): କରଞ୍ଜିଆ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ଦୀର୍ଘଦିନ ଧରି ଫେରାର ଥିବା ଆନ୍ତଃରାଜ୍ୟ ଗୋ-ଚାଲାଣ ରାକେଟର ମୁଖ୍ୟ ମହମ୍ମଦ ରବାନୀ (୩୬)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୦୨୫ ମେ' ୧୨ ତାରିଖରେ ତତ୍କାଳୀନ ଏସଆଇ ଭାରତୀ ବାରିକ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇ କେନ୍ଦୁମୁଣ୍ଡି ହାଟ ଛକ ନିକଟରେ ଚଢ଼ଉ କରିଥିଲେ। ସେଠାରେ ଏକ ଟ୍ରକ୍‌ରେ ଅତି ଅମାନୁଷିକ ଭାବେ ବନ୍ଧା ହୋଇ ଚାଲାଣ ହେଉଥିବା ୨୩ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ପୁଲିସ ଘଟଣାସ୍ଥଳରୁ ଗାଡ଼ି ଚାଳକ ଦେବେନ୍ଦ୍ର ନାଥ ମହାନ୍ତକୁ ଗିରଫ କରିଥିଲା। ଜେରା ବେଳେ ଏହି ବେଆଇନ କାରବାର ପଛରେ ଠାକୁରମୁଣ୍ଡା ଅଞ୍ଚଳର ମହମ୍ମଦ ରବାନୀ ମୁଖ୍ୟ ସୂତ୍ରଧର ବୋଲି ଜଣାପଡ଼ିଥିଲା। ଉକ୍ତ ଘଟଣା ପରଠାରୁ ରବାନୀ ଫେରାର ଥିଲା। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ମହମ୍ମଦ ରବାନୀ ଏକ ସଂଗଠିତ ଗୋ-ଚୋରି ଓ ଚାଲାଣ ସିଣ୍ଡିକେଟ୍ ଚଳାଉଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଚୋରି ହେଉଥିବା ଗୋରୁଙ୍କୁ ସେ ନିଜର ଓ ଭଡ଼ାରେ ନେଇଥିବା ଗାଡ଼ି ମାଧ୍ୟମରେ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼କୁ ଚାଲାଣ କରୁଥିଲା। ଗତ ୬/୭ ବର୍ଷ ଧରି ଏହି ବେଆଇନ କାରବାର ଚଳାଇ ସେ ବିପୁଳ ସମ୍ପତ୍ତି, ଘର, ଗାଡ଼ି ଓ ସୁନାଗହଣା ଠୁଳ କରିଥିଲା। ଓଡ଼ିଶାର ଏକାଧିକ ଥାନାରେ ତା' ନାମରେ ଗୋ-ଚାଲାଣ ଓ ଚୋରି ମାମଲା ରହିଛି। ୨୦୨୬ ସେପ୍ଟେମ୍ବର ୨୧ରେ କରଞ୍ଜିଆ ଥାନା ଏଏସଆଇ ଅମ୍ବିକା ମହାନ୍ତ ଗୁଇନ୍ଦା ସୂଚନା ଆଧାରରେ ଠାକୁରମୁଣ୍ଡାରୁ ଯଶୀପୁର ଯାଉଥିବା ସମୟରେ ରବାନୀକୁ ଏକ ଇନୋଭା କାର୍ ସହ କାବୁ କରିଥିଲେ। ତା' ନିକଟରୁ କାର୍ ସମେତ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। କରଞ୍ଜିଆ ପୁଲିସ ଅଭିଯୁକ୍ତ ବିରୋଧରେ ବିଏନଏସର ବିଭିନ୍ନ ଧାରା ସହିତ ପଶୁ ନିର୍ଯାତନା ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ କରି ତାକୁ କରଞ୍ଜିଆ ଏସଡିଜେଏମ କୋର୍ଟକୁ ଚାଲାଣ କରିଛି। ସେ ଜାମିନ ପାଇଲେ ପ୍ରମାଣ ନଷ୍ଟ କରିବା କିମ୍ବା ପୁନର୍ବାର ଫେରାର ହୋଇଯିବା ଆଶଙ୍କା ଥିବାରୁ ତା'ର ଜାମିନ ଆବେଦନ ଖାରଜ କରିବାକୁ ପୁଲିସ କୋର୍ଟରେ ନିବେଦନ କରିଛି।

## ୪୯ ନଂ ଏନ୍‌ଏଚ୍‌ରେ ଜଳିଗଲା ଚଳନ୍ତା କାର୍



ବିଶୋଇ,୨୧।୯ (ସମିସ): ୪୯ନଂ ଜାତୀୟ ରାଜପଥର ବିଶୋଇ ବ୍ଲକ ଅନ୍ତର୍ଗତ ଖୋଡ଼ମବେଡା ନିକଟରେ ଗତକାଲି ବିଳମ୍ବିତ ରାତିରେ ଚଳନ୍ତା କାରରେ ହଠାତ୍ ନିଆଁ ଲାଗିଯିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଗତକାଲି ମଧ୍ୟରାତ୍ରିରେ କାର୍‌ଟି ଯାଉଥିବା ସମୟରେ ହଠାତ୍ ଅଗ୍ନିକାଣ୍ଡ ଘଟି ନିଆଁ ଭୟଙ୍କର ରୂପ ଧାରଣ କରି ପୂରା ଗାଡ଼ିକୁ କବଳିତ କରିନେଇଥିଲା। ସୌଭାଗ୍ୟବଶତଃ ଗାଡ଼ିରେ ଥିବା ଡ୍ରାଇଭର ଓ ଯାତ୍ରୀ ତୁରନ୍ତ ତଳକୁ ଓହ୍ଲାଇ ପଡ଼ିବାରୁ ସମସ୍ତେ ସୁରକ୍ଷିତ ଭାବେ ବର୍ତ୍ତିଯାଇଛନ୍ତି। ନିଆଁ ଲାଗିବା ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି।

### ଆଡ଼ିବନ୍ଧ ନିର୍ମାଣ ନାଁରେ ଉଚ୍ଛେଦ ଆଶଙ୍କା

# ଥଇଥାନ ଦାବିରେ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ମଧୁବନ ତଳସାହିବାସୀ

ବାରିପଦା, ୨୧।୯ (ସମିସ)



ଆଡିବନ୍ଧ ନିର୍ମାଣକୁ ବିରୋଧ ନୁହେଁ, ଉଚ୍ଛେଦ ପୂର୍ବରୁ ଥଇଥାନ ଓ ପୁନଃ ମାପଚୁପ କରି ସୀମା ନିର୍ଦ୍ଧାରଣ ଦାବି ହୋଇଛି। ଏଭଳି ଦାବି ନେଇ ବାରିପଦା ସହରର ମଧୁବନ ତଳସାହି ବାସିନ୍ଦା ସୋମବାର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଦାବିକୁ ସମର୍ଥନ କରି ସ୍ଥାନୀୟ ୭ନଂ ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରା ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ମଧୁବନ ତଳସାହି ଅଞ୍ଚଳରେ ଅନେକ ପରିବାର ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରିଆସୁଛନ୍ତି। ଏଠାରେ ସରକାରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଇଥିବା ସେମାନେ ଦାବି କରିଛନ୍ତି। ଏବେ ବୁଢ଼ାବଳଙ୍ଗ ନଦୀ ପାଖରେ ଆଡ଼ିବନ୍ଧ ନିର୍ମାଣ ପାଇଁ ଉଚ୍ଛେଦ ନୋଟିସ୍ ଜାରି ହୋଇଥିବାରୁ ଅନେକ ପରିବାର ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ କହିବା କଥା, ବର୍ଷାଋତୁରେ ଘର ଭାଙ୍ଗି ଉଚ୍ଛେଦ କରାଯିବା ପୂର୍ବରୁ ବିକଳ୍ପ ଜମି କିମ୍ବା ଘର ଯୋଗାଇ ଥଇଥାନ କରାଯାଉ। ଏହାପରେ ବସ୍ତି ଉଚ୍ଛେଦ କରାଗଲେ ସେମାନଙ୍କର କୌଣସି ଆପତ୍ତି ରହିବ ନାହିଁ ବୋଲି ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ନିକଟରେ ନିବେଦନ କରିଛନ୍ତି। ଆଡ଼ିବନ୍ଧ ପ୍ରକଳ୍ପକୁ ସେମାନେ ସ୍ୱାଗତ କରୁଥିବାବେଳେ ପ୍ରକଳ୍ପର ସୀମା ନିର୍ଦ୍ଧାରଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ପୂର୍ବରୁ ପ୍ରକଳ୍ପ ନିର୍ମାଣ ପାଇଁ ସୀମା ନିର୍ଦ୍ଧାରଣ କରି ସ୍ଥାୟୀ ଚିହ୍ନ ଦିଆଯାଇଥିଲା, ଯାହା ଏବେ ମଧ୍ୟ ସେମାନଙ୍କ ଦାବି ରହିଛି। ତେବେ ବର୍ତ୍ତମାନ ସୀମା ଚିହ୍ନରେ ପରିବର୍ତ୍ତନ ହେଉଥିବା ଓ ପୂର୍ବ ଅପେକ୍ଷା ଅଧିକ ପରିବାର ଉଚ୍ଛେଦ ନୋଟିସ୍ ପାଇଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ତେଣୁ ନଦୀ ପଠାଠାରୁ ସମାନ ଦୂରତା ବଜାୟ ରଖି ପୁନର୍ବାର ମାପଚୁପ କରାଯାଇ ସୀମା ନିର୍ଦ୍ଧାରଣ କରିବାକୁ ବାସିନ୍ଦା ଦାବି କରିଛନ୍ତି। ଏପରି ହେଲେ ଉଚ୍ଛେଦ ହେବାକୁ ଥିବା ଘର ସଂଖ୍ୟା କମିବ ବୋଲି ସେମାନେ ମତ ଦେଇଛନ୍ତି। ଏଥିସହ ଯେଉଁ ପରିବାର ଉଚ୍ଛେଦ ହେବେ, ସେମାନଙ୍କୁ ଉପଯୁକ୍ତ ଭାବେ ଥଇଥାନ କରାଯିବାକୁ ମଧ୍ୟ ଦାବି ହୋଇଛି।

## ଆନନ୍ଦପୁର ଓ ଘସିପୁରାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ଆନନ୍ଦପୁର,୨୧।୯ (ସମିସ): ଘସିପୁରା ଓ ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି। ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୨୫୨୨୫ ଓ ଘସିପୁରା ନିର୍ବାଚନ ମଣ୍ଡଳୀରେ ୨୨୦୬୧୫ ଭୋଟରଙ୍କ ତାଲିକା ପ୍ରକାଶ ପାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଭୋଟର ପଞ୍ଜୀକରଣ ଅଧିକାରୀ ଚାର୍ଲସ ନାୟକ ଓ ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ପଞ୍ଜୀକରଣ ଅଧିକାରୀ ଉପ-ଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଅଧ୍ୟକ୍ଷତାରେ ସହକାରୀ ଜିଲ୍ଲାପାଳ ବନଜା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘସିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋଷ୍ଠୀ ଉନ୍ନୟନ ଅଧିକାରୀ-ତଥା-ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀ ବିନିତା ବିଜୟିନୀ, ଘସିପୁରା ତହସିଲଦାର-ତଥା-ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀ ଅଭୟ ସ୍ୱାଇଁ, ଡେପୁଟି କଲେକ୍ଟର ଆନନ୍ଦପୁର ତଥା-ସହକାରୀ ଭୋଟର ପଞ୍ଜୀକରଣ ଅଧିକାରୀ ସୌରଭ କୁମାର ରଞ୍ଜିତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଅଧିକୃତ ପ୍ରତିନିଧିଗଣ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ୫ ଜୁଲାଇ ୨୦୨୬ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ୨୧-ଘସିପୁରା ନିର୍ବାଚନ ମଣ୍ଡଳୀରେ ଭୋଟର ୨୧୮୬୫୭ ଥିବାବେଳେ ୨୨- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୨୨୫୯୩ ଜଣ ଭୋଟର ଥିଲେ। ଦାବି ଓ ଆପତ୍ତି ଗ୍ରହଣ ସମୟରେ ୨୧ ଘସିପୁରା ନିର୍ବାଚନ ମଣ୍ଡଳୀରେ ୧୨ ଜଣ ଓ ୨୨-ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ୩୯ ଜଣ ଭୋଟରଙ୍କୁ ବାଦ ଦିଆଯାଇଥିଲା। ସେହିପରି ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଯୋଗ ଓ ବାଦ ସମୟରେ ୨୧-ଘସିପୁରା ନିର୍ବାଚନ ମଣ୍ଡଳୀରୁ ୧୮୬ ଜଣଙ୍କୁ ବାଦ ଦିଆଯାଇଥିବାବେଳେ ୧୮୫୦ ଭୋଟରଙ୍କୁ ଯୋଗ କରାଯାଇଛି। ସେହିପରି ୨୨- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୩୪୪ ଜଣ ଭୋଟରଙ୍କୁ ବାଦ ଦିଆଯାଇଥିବାବେଳେ ୨୬୮୮ ନୂତନ ଭୋଟରଙ୍କୁ ଯୋଗ କରାଯାଇଛି। ପ୍ରଥମ ଥର ପାଇଁ ଯୁବ ଭୋଟର ୨୧- ଘସିପୁରା ନିର୍ବାଚନ ମଣ୍ଡଳୀର ୯୦୦ ଜଣ ଓ ୨୨- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୧୩୨୧ ଜଣଙ୍କୁ ଯୋଗ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସମୟରେ ୨୧-ଘସିପୁରା ନିର୍ବାଚନ ମଣ୍ଡଳୀର ପୁରୁଷ- ୧୧୦୯୪୩, ମହିଳା-୧୦୯୬୨୬, ତୃତୀୟ ଲିଙ୍ଗ ୪୬ ଓ ସର୍ଭିସ ଭୋଟର ୩୯୬କୁ ମିଶାଇ ମୋଟ୍ ୨୨୦୬୧୫, ସେହିପରି ୨୨ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ପୁରୁଷ -୧୧୪୪୬୯, ମହିଳା- ୧୧୦୯୫୧, ତୃତୀୟ ଲିଙ୍ଗ ୦୫ ଜଣ ଓ ସର୍ଭିସ ଭୋଟର ୩୬୪ ଥିବାବେଳେ ମୋଟ ଭୋଟର ସଂଖ୍ୟା ୨୨୫୨୨୫ ଜଣ ଅଛନ୍ତି।

■ ବଡ଼ସାହିରେ ବସୁନ୍ଧରା ଓ ଆବାସ ଯୋଜନା

## ଭୂମିହୀନ ହିତାଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ

ବଡ଼ସାହି,୨୧।୯ (ସମିସ): ବଡ଼ସାହି ତହସିଲ ଅଞ୍ଚଳରେ ଯୋଗ୍ୟ ଗରିବ ଓ ଭୂମିହୀନ ପରିବାରଙ୍କୁ ସରକାରୀ ପ୍ରଧାନମନ୍ତ୍ରୀ ଆବାସ ଓ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସ୍ୱତନ୍ତ୍ର ଯୁଗ୍ମ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବଡ଼ସାହି ତହସିଲଦାର ଏହି ପଦକ୍ଷେପ ନେଇଛନ୍ତି। ଏହି ଅଭିଯାନ ଅଧୀନରେ ତହସିଲ ଅନ୍ତର୍ଗତ ୧୦ଟି ରାଜସ୍ୱ ନିରୀକ୍ଷକ ମଣ୍ଡଳର ସମୁଦାୟ ୫୨୯ ଜଣ ତାଲିକାଭୁକ୍ତ ଭୂମିହୀନ ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ କରାଯିବ ବୋଲି ଚିଠିରୁ ଜଣାଯାଇଛି। ଦେଉଳିଆ ସର୍କଲରେ ସର୍ବାଧିକ ୧୨୪ ଜଣ ଓ ବଡ଼ସାହି ସର୍କଲରେ ୧୦୭ ଜଣ ହିତାଧିକାରୀ ଥିବାବେଳେ ଅନ୍ୟାନ୍ୟ ସର୍କଲରେ ମଧ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ରାଜସ୍ୱ ନିରୀକ୍ଷକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଳିତ ଭାବେ ଘରକୁ ଘର ବୁଲି ଏହି ଯାଞ୍ଚ କାର୍ଯ୍ୟ ସମ୍ପାଦନ କରିବେ। ପିଇଓ ହିତାଧିକାରୀଙ୍କ ପରିଚୟ, ପଞ୍ଚାୟତରେ ବାସସ୍ଥାନ ଓ ଆବାସ ତାଲିକାର ତଥ୍ୟ ଯାଞ୍ଚ କରିବେ। ସେହିପରି ଆର୍‌ଆଇ. ଆବେଦନକାରୀଙ୍କ ଜମିଜମା ରେକର୍ଡ, ପୂର୍ବ ବସୁନ୍ଧରା ହିତାଧିକାରୀ ସ୍ଥିତି, ଜଙ୍ଗଲ ଅଧିକାର ଆଇନ ତଥ୍ୟ ଓ ଉପଯୁକ୍ତ ସରକାରୀ ଜମିର ଉପଲବ୍ଧତା ଅନୁଧ୍ୟାନ କରି ଜିଓ-ଟ୍ୟାଗ୍ ଫଟୋ ସଂଗ୍ରହ କରିବେ। ପ୍ରତିଦିନ କରାଯାଉଥିବା ଯାଞ୍ଚ ତଥ୍ୟକୁ ସେହିଦିନ ହିଁ ତହସିଲର ଅନଲାଇନ୍ ଗୁଗଲ୍ ସିଟ୍‌ରେ ଅପଡେଟ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ସରକାରୀ ସହାୟତା ପହଞ୍ଚାଇବା ଲାଗି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କରଞ୍ଜିଆ ଗସ୍ତରେ ପୂର୍ବତନ ବିଧାୟକ ସୁରେଶ ରାଉତରାୟ

କରଞ୍ଜିଆ, ୨୧।୯ (ସମିସ): ଜଟଣୀର ପୂର୍ବତନ ବିଧାୟକ ସୁରେଶ ରାଉତରାୟ କରଞ୍ଜିଆ ଗସ୍ତରେ ଆସିଛନ୍ତି। ସ୍ଥାନୀୟ କଂଗ୍ରେସ କର୍ମକର୍ତ୍ତା ଓ ସମର୍ଥକ ତାଙ୍କ ସ୍ୱାଗତ ଜଣାଇଥିଲେ। ଗସ୍ତ ସମୟରେ ଶ୍ରୀ ରାଉତରାୟ ପ୍ରଥମେ କରଞ୍ଜିଆ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ଜନଶୁଣାଣିରେ ଯୋଗଦେଇ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏ ଅବସରରେ କରଞ୍ଜିଆକୁ ମ୍ୟୁନିସିପାଲିଟି ଘୋଷଣା କରାଯାଇଥିଲେ ମଧ୍ୟ ଏଯାଏଁ ଏହାର ମାନ୍ୟତା ପ୍ରକ୍ରିୟା କାହିଁକି ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏଥିସହ ଉଠା ଦୋକାନୀଙ୍କ ସମସ୍ୟା ଓ ସେମାନଙ୍କ ଜୀବିକା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। କରଞ୍ଜିଆର ବିକାଶ ପ୍ରସଙ୍ଗ ଉଠାଇ ସୁର ରାଉତରାୟ କହିଥିଲେ, ଅଞ୍ଚଳର ଅଗ୍ରଗତି କାହିଁକି ମନ୍ଥର ଗତିରେ ରହିଛି ଓ ଦୀର୍ଘ ଦଶନ୍ଧି ଧରି କରଞ୍ଜିଆର ଆଶାନୁରୂପ ପ୍ରଗତି ହୋଇପାରିନାହିଁ କାହିଁକି, ଏହା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ସେ ସ୍ଥାନୀୟ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ଆୟୋଜିତ ସଭାରେ ଯୋଗଦେଇ କର୍ମକର୍ତ୍ତା ଓ ସମର୍ଥକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତାଙ୍କ ଗସ୍ତ ଆଗାମୀ ଦିନରେ ଅଞ୍ଚଳର ରାଜନୈତିକ ଓ ସାମାଜିକ ପରିବେଶରେ ପ୍ରଭାବ ପକାଇବ ବୋଲି ଦଳୀୟ କର୍ମକର୍ତ୍ତା ଆଶା ପ୍ରକାଶ କରିଛନ୍ତି।



## କଂଗ୍ରେସ ନେତା ସୁରେଶ ରାଉତରାୟ ସମ୍ବର୍ଦ୍ଧିତ

ମହୁଲଡିହା/ଠାକୁରମୁଣ୍ଡା,୨୧।୯ (ସମିସ): କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କୁ ଆଜି ଠାକୁରମୁଣ୍ଡାଠାରେ ଦଳୀୟ କର୍ମୀଙ୍କ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। କରଞ୍ଜିଆ ଅଭିମୁଖେ ଯାଉଥିବାବେଳେ ସେ ମହୁଲଡିହା ସାପ୍ତାହିକ ହାଟରେ ବୁଲାବୁଲି ସାରି ଠାକୁରମୁଣ୍ଡା ବଜାରରେ ଦିନ ୧୨ଟା ସମୟରେ ଅଟକି କର୍ମୀଙ୍କୁ ଭେଟିଥିଲେ। ଏ ଅବସରରେ କର୍ମୀ ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ରାଉତରାୟ କହିଥିଲେ, ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସାରା ଦେଶରେ କଂଗ୍ରେସ ପୁଣି ଫେରୁଛି। ତୃଣମୂଳ ସ୍ତରରେ କର୍ମୀ ଏକଜୁଟ ହୋଇ କାମ କଲେ ଓଡ଼ିଶାରେ ମଧ୍ୟ କଂଗ୍ରେସ ମଜବୁତ ହେବ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ତ୍ରିପାଠୀ, ପୂର୍ବତନ ସଭାପତି ପ୍ରମୋଦ ଦାସ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ଓ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ।



## ଆନନ୍ଦପୁର ବିଜେଡିର ନୂତନ କର୍ମକର୍ତ୍ତା

ଆନନ୍ଦପୁର,୨୧।୯ (ସମିସ): ବିଜୁ ଜନତା ଦଳ ପକ୍ଷରୁ ଆନନ୍ଦପୁର ନିର୍ବାଚନମଣ୍ଡଳୀର ବ୍ଲକ୍ ଓ ପୌରାଞ୍ଚଳର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଆନନ୍ଦପୁର ବ୍ଲକ୍ ସଭାପତି ଭାବେ ରମାକାନ୍ତ ପଲେଇ, ଉପସଭାପତି ବିନୋଦ ବିହାରୀ ମହାପାତ୍ର, ସନାତନ ଘଡ଼େଇ, ଜିତେନ୍ଦ୍ର ସାମଲ, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ସାହୁ, ପ୍ରାନ୍ କୁମାର ମଲିକ୍, ରାମଚନ୍ଦ୍ର ରଣା, ସମ୍ପାଦକ ମାନସ କୁମାର ବାରିକ୍, ବ୍ରହ୍ମେଶ୍ୱର ସାହୁ, ପ୍ରଦୀପ କୁମାର ବେହେରା, ପୁରୁଷୋତ୍ତମ ଖଣ୍ଡା, ଚକ୍ରଧର ମହାନ୍ତ, ଯଦୁମଣି ମୁଣ୍ଡି, ମଦରଧର ଜେନା ଓ କୋଷାଧ୍ୟକ୍ଷ ଭାବେ ରଞ୍ଜନ କୁମାର ବାରିକଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଆନନ୍ଦପୁର ପୌରାଞ୍ଚଳ ସଭାପତି ଭାବେ ରମାକାନ୍ତ ବେହେରା, ଉପସଭାପତି ଦାଶରଥି ପଣ୍ଡା, ରଜତ ଦାଶ, କିଶୋର ମିଶ୍ର, ସାଧାରଣ ସମ୍ପାଦକ ମନୋଜ ପାତ୍ର, ବିଭୂତି ମହାନ୍ତି, ଅଜୟ ସାହୁ, ସମ୍ପାଦକ ଦେବ ଖୁଣ୍ଟିଆ, ପ୍ରଦୀପ ସାହୁ, ସଞ୍ଜୟ ସିଂହ, ସଞ୍ଜୟ ମଲିକ୍, ତୋଫାନ କୁମାର ସାହୁ, ପ୍ରିୟରଞ୍ଜନ ସା, ଜ୍ଞାନରଂଜନ ଦାଶ ଓ କୋଷାଧ୍ୟକ୍ଷ ଭାବେ ସପନ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି। ହାଟଡିହି ବ୍ଲକ୍ ସଭାପତି ଭାବେ ସୁରେନ୍ଦ୍ର କୁମାର ଜେନା, କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ରଣା, ଉପସଭାପତି ଅଜିତ କୁମାର ନାୟକ, ପ୍ୟାରୀମୋହନ ମଲିକ, ଶ୍ରୀକାନ୍ତ ସେନାପତି, ସାଧାରଣ ସମ୍ପାଦକ ଅନାଥ ନାୟକ, ଶଶିଭୂଷଣ ରାଉତ, ଦୁଃଶାସନ ବେହେରା, ସମ୍ପାଦକ ନରେନ୍ଦ୍ର ନାୟକ, ମଦନ ମୋହନ ନନ୍ଦୀ, କୁଳମଣି ରାଉତ, ସୁବାସ ଚନ୍ଦ୍ର ବିଶ୍ୱାଳ, କୈଳାସ ଚନ୍ଦ୍ର ଜେନା, ବିଶ୍ୱନାଥ ବେହେରା, ବ୍ରଜକିଶୋର ଜେନା, ଅରୁଣ କୁମାର ସା, କୋଷାଧ୍ୟକ୍ଷ ଭାବେ ପ୍ରତାପ ଦେଓଙ୍କୁ ମନୋନୀତ କରାଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ରାଜ୍ୟ ବିଜେଡି ସମ୍ପାଦକ ରତିକାନ୍ତ ରାଉତ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ୍, ଛାତ୍ର ବିଜେଡି ସଭାପତି ଅମରେନ୍ଦ୍ର ଧଳ ପ୍ରମୁଖ ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

## ରାଜ୍ୟସ୍ତରକୁ ମନୋନୀତ ହେଲେ ଫୁଟ୍‌ବଲ ପ୍ରତିଭା

ରାସଗୋବିନ୍ଦପୁର,୨୧।୯ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ପରୁଲିଆସ୍ଥ ଖେଲାରାମ ବିଦ୍ୟାନିକେତନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାର ପଞ୍ଚମ ଦିନର ଫୁଟବଲ ଖେଳ ସମ୍ପନ୍ନ ହୋଇଛି। ବିଭିନ୍ନ ବ୍ଲକରୁ ଆସିଥିବା କ୍ରୀଡ଼ା ପ୍ରତିଭା ଉତ୍ସାହ ଓ ଉଦ୍ଦୀପନାର ସହ ଏଥିରେ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ୍ ବାଳକ ବିଭାଗରେ କପ୍ତିପଦା ବ୍ଲକ ଚାମ୍ପିଅନ ହୋଇଥିବାବେଳେ ଶ୍ୟାମାଖୁଣ୍ଟା ବ୍ଲକ ରନର୍ସଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ବାରିପଦା ବ୍ଲକ ଚାମ୍ପିଅନ ଓ କରଞ୍ଜିଆ ବ୍ଲକ ରନର୍ସଅପ୍ ହୋଇଛି। ଅନ୍ୟପକ୍ଷରେ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବିଜାତଳା ବ୍ଲକ ଚାମ୍ପିଅନ ଓ ଶ୍ୟାମାଖୁଣ୍ଟା ବ୍ଲକ ରନର୍ସଅପ୍ ହୋଇଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିବା କ୍ରୀଡ଼ା ପ୍ରତିଭାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେମାନେ ସଫଳତା ହାସଲ କରି ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ ପାଇଛି। ଏ ଅବସରରେ ଆୟୋଜିତ ସଭାରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଓ ପୂର୍ବତନ ବିଧାୟକ କାହ୍ନୁ ସୋରେନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର ନାଥ ଦତ୍ତ, ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଭାପତି ସଞ୍ଜୟ ପ୍ରଧାନ, ଓଷ୍ଟା ଶିକ୍ଷକ ସଂଘ ସଭାପତି ଚିତ୍ତରଞ୍ଜନ ପଳତା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ରବୀନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



● ପ୍ରାର୍ଥୀପତ୍ର ନାମଞ୍ଜୁର ପରେ ବି ସରପଞ୍ଚ ନିର୍ବାଚିତ ମାମଲା

# ଜିଲ୍ଲାପାଳଙ୍କୁ ମୁଖ୍ୟ ଶାସନ ସଚିବଙ୍କ ତଦନ୍ତ ନିର୍ଦ୍ଦେଶ

ଆନନ୍ଦପୁର,୨୧।୯ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଗୋହିରା ପଞ୍ଚାୟତରେ ନାମାଙ୍କନପତ୍ର ନାମଞ୍ଜୁର ସତ୍ତ୍ୱେ ଜଣେ ପ୍ରାର୍ଥୀ କିପରି ସରପଞ୍ଚ ନିର୍ବାଚନ ଲଢ଼ିଲେ, ସେ ସମ୍ପର୍କରେ ହସ୍ତକ୍ଷେପ କରିଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ। ଘଟଣା ସମ୍ପର୍କରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ କେନ୍ଦୁଝର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ସଚିବ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣାରୁ ପ୍ରକାଶ, ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଘଷିପୁରା ବ୍ଲକ୍ ଗୋହିରା ପଞ୍ଚାୟତରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ହୋଇଥିବା ତଞ୍ଚକତା ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ନାମାଙ୍କନ ନାମଞ୍ଜୁର ହେବା ପରେ ଜଣେ କିପରି ନିର୍ବାଚନ ଲଢ଼ିଲେ ଓ ବିଜେତା ଘୋଷିତ ହେଲେ, ତାକୁ ନେଇ ଶ୍ରୀ ନାୟକ ନିର୍ବାଚନର ସ୍ୱଚ୍ଛତା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଘଷିପୁରା ବ୍ଲକ୍ ଗୋହିରା ପଞ୍ଚାୟତର ସରପଞ୍ଚ ପଦ ପାଇଁ ମନ୍ଦାକିନୀ ପାତ୍ର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ଉକ୍ତ ପଞ୍ଚାୟତର ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା କୁନମୁନ ବେହେରା ନାମାଙ୍କନପତ୍ରକୁ ନାମଞ୍ଜୁର କରିଥିଲେ। ଶ୍ରୀ ନାୟକଙ୍କ ଅଭିଯୋଗ ଅନୁଯାଇ, ନାମାଙ୍କନପତ୍ର ନାମଞ୍ଜୁର ପରେ ମଧ୍ୟ ଶ୍ରୀମତୀ ପାତ୍ରଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ମିଳିଥିଲା ଏବଂ ସେ ସରପଞ୍ଚ ନିର୍ବାଚନରେ ବିଜୟୀ ହୋଇଥିଲେ। ନାମାଙ୍କନ ପତ୍ରଟି ନାମଞ୍ଜୁର ପରେ ପ୍ରାର୍ଥୀତ୍ୱ କିପରି ବୈଧ ରହିଲା, କେଉଁ ଅଧିକାରୀଙ୍କ ଅନୁମତିରେ ଏହା ସମ୍ଭବ ହେଲା ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ କିପରି ସ୍ଥାନିତ ହେଲା ବୋଲି ହିମାଂଶୁ ପ୍ରଶ୍ନ ଉଠାଇଥିଲେ। ଗୋହିରା ପଞ୍ଚାୟତ ନିର୍ବାଚନରେ ବେଆଇନ ଭାବେ ଶ୍ରୀମତୀ ମନ୍ଦାକିନୀ ପାତ୍ରଙ୍କୁ ବିଜୟୀ କରାଯାଇଥିବା ସୂଚନା ଅଧିକାର ଆଇନରୁ ସ୍ପଷ୍ଟ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ, ଅଧିକାରୀ କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ନାୟକ ଦାବି କରିଥିଲେ। ଘଟଣାର ଗୁରୁତ୍ୱକୁ ଅନୁଭବ କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଭାରସାମ୍ୟ ହରାଇ ଧାନ ବିଲକୁ ପଶିଗଲା କାର୍

ରାସଗୋବିନ୍ଦପୁର, ୨୧।୯ (ସମିସ): ରାସ୍ତାରେ ଥିବା ବଡ଼ ଖାଲ ଯୋଗୁଁ ଭାରସାମ୍ୟ ହରାଇ ଏକ ଆଲ୍ଟୋ କାର ଧାନ ବିଲ ମଧ୍ୟକୁ ପଶିଯାଇଥିବା ଜଣାପଡ଼ିଛି। ତେବେ ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦେବଦତ୍ତ ଦାସ ନାମକ ଜଣେ ଚାଳକ ଆଲ୍ଟୋ କାର ଯୋଗେ ରାସଗୋବିନ୍ଦପୁରରୁ ବାରିପଦା ଯାଉଥିଲେ। ଦେବଶୋଳ ଓ ବାଛୁରୀପାଳ ମଧ୍ୟବର୍ତ୍ତୀ ରାସ୍ତାରେ ପହଞ୍ଚିବା ପରେ ହଠାତ୍ ଏକ ଛେଳି ତାଙ୍କ କାର ସମ୍ମୁଖକୁ ଚାଲିଆସିଥିଲା। ଛେଳିକୁ ବଞ୍ଚାଇବା ପାଇଁ ଚାଳକ ତୁରନ୍ତ କାର୍‌ର ଦିଗ ପରିବର୍ତ୍ତନ କରିଥିଲେ। ଉକ୍ତ ରାସ୍ତାରେ ବହୁ ଖାଲ ରହିଥିବାରୁ କାର୍ ଭାରସାମ୍ୟ ହରାଇ ରାସ୍ତା ପାଖରେ ଥିବା ଧାନ ବିଲ ମଧ୍ୟକୁ ପଶିଯାଇଥିଲା। ଦେବଦତ୍ତଙ୍କର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି।



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସମରେନ୍ଦ୍ର ରାଉତ
ସେବା ନିବୃତ୍ତ ସରକାରୀ କର୍ମଚାରୀ
ସିମିଳିଆ, ମଞ୍ଜୁରୀ, ଭଣ୍ଡାରିପୋଖରୀ, ଭଦ୍ରକ
ଆବିର୍ଭାବ - ୧୪.୧୨.୧୯୫୪
ତିରୋଧାନ - ୧୨.୦୯.୨୦୨୬
ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଆନ୍ତୁ।
ଶୋକ ସନ୍ତପ୍ତ ପରିବାର ବର୍ଗ , ହତଭାଗ୍ୟ ପତ୍ନୀ ସଞ୍ଜୁଲତା, ଭ୍ରାତା: ଅମରେନ୍ଦ୍ର ,କୁଳମଣୀ, ଭାଇ ବୋହୂ: ଯମୁନା, ଅଞ୍ଜୁଲତା, ପୁତ୍ର/ପୁତ୍ର ବଧୂ: ଅରୁଣ, ଭାରତୀ, ଝିଅ/ଜ୍ୱାଇଁ: ମଧୁମିତା, ମମତା, ମହେଶ୍ୱତା, ଜ୍ୟୋତି ସଙ୍ଗୀତା, ରଶ୍ମିତା, ଶରତ, ପ୍ରଶାନ୍ତ, ବିଜୟ, ସତ୍ୟ ପ୍ରସାଦ, ନାତି/ନାତୁଣୀ: ଦିବ୍ୟାଶ୍ରୀ, ସତ୍ୟଜିତ,ପ୍ରିୟଦର୍ଶି,ଦିବ୍ୟାଂଶୁ,ରାଜବିର

ସକାଳ
THE SAKALA
www.sakalaepaper.com

# ସମ୍ପୂର୍ଣ୍ଣା

ମଙ୍ଗଳବାର, ୨୨ ସେପ୍ଟେମ୍ବର, ୨୦୨୬





## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଘଟଣା

- ୧୭୯୧- ପ୍ରସିଦ୍ଧ ବୈଜ୍ଞାନିକ ମାଇକେଲ୍ ଫାରାଡେଙ୍କ ଜନ୍ମ।
- ୧୮୮୮- ନେସନ୍ୟାଲ୍ ଜିଓଗ୍ରାଫିକ୍ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହୋଇଥିଲା।
- ୧୯୫୫- ବ୍ରିଟେନରେ ପ୍ରଥମ ଥର ଟିଭିରେ ବିଜ୍ଞାପନ ପ୍ରସାରିତ ହେଲା।
- ୧୯୮୦- ଇରାକ୍, ଇରାନ୍ ଉପରେ ଆକ୍ରମଣ କଲା।
- ୨୦୧୩- ପାକିସ୍ତାନର ପେଶୱାରରେ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତିକମ୍‌ରେ ୧୨୭ ଜଣଙ୍କ ମୃତ୍ୟୁ।

## ଅକ୍ଟୋବର ୨୩ରେ 'ପହଲା ପ୍ୟାର ଦୁସରି ବାର'



ବଲିଉଡ୍‌ରେ ଯେତେବେଳେ ପ୍ରେମ, ସମ୍ପର୍କ ଏବଂ ଯୁବପିଢ଼ିଙ୍କ ମାନସିକତାକୁ ନେଇ କିଛି ନିଆରା କାହାଣୀ ପ୍ରସ୍ତୁତ ହୁଏ, ସେତେବେଳେ ନିର୍ମାତା ଲଭ୍ ରଞ୍ଜନଙ୍କ ନାଁ ସବୁଠାରୁ ଆଗରେ ଆସେ। 'ପ୍ୟାର କା ପଞ୍ଚନାମା', 'ସୋନୁ କେ ଟିଟୁ କି ସ୍ୱିଟି' ଏବଂ 'ତୁ ଝୁଠି ମୈ ମକ୍କାର' ଭଳି ସୁପରହିଟ୍ ଫିଲ୍ମ ଭେଟି ଦେଇଥିବା ଲଭ୍ ରଞ୍ଜନ ପୁଣି ଏକ ରୋମାଣ୍ଟିକ୍ ଫିଲ୍ମ ନେଇ ଆସୁଛନ୍ତି। ତାଙ୍କର ଆଗାମୀ ଫିଲ୍ମର ଟାଇଟଲ୍ ରହିଛି 'ପହଲା ପ୍ୟାର ଦୁସରି ବାର'। ଆସନ୍ତା ୨୩ ଅକ୍ଟୋବରରେ ଏହା ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ଷ୍ଟାର କାଷ୍ଟ। ବଲିଉଡ୍‌ର ନାମୀଦାମୀ ପ୍ରଯୋଜକମାନେ ଫିଲ୍ମକୁ ହିଟ୍ କରିବା ପାଇଁ ବଡ଼ ବଡ଼ କଳାକାରଙ୍କୁ ଫିଲ୍ମରେ ନେଉଥିବାବେଳେ ଲଭ୍ ରଞ୍ଜନ କିନ୍ତୁ ଏକ ବଡ଼ ରିସ୍କ ନେଇଛନ୍ତି। ଏହି ଫିଲ୍ମ ଜରିଆରେ ସେ ଛଅ ଜଣ ନୂଆ କଳାକାରଙ୍କୁ ବଲିଉଡ୍‌ରେ ଏକାସାଙ୍ଗେ ଡେବ୍ୟୁ କରାଇବାକୁ ଯାଉଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଏହାର ପ୍ରଥମ ପୋଷ୍ଟରରେ ଏହି ନୂଆ ଚେହେରାମାନଙ୍କ ଝଲକ ଦେଖିବାକୁ ମିଳିଛି, ଯାହା ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ସୃଷ୍ଟି କରିଛି। ଫିଲ୍ମର ଟାଇଟଲ୍‌ରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହା ଯୁବପିଢ଼ିଙ୍କ ପ୍ରେମ, ବ୍ରେକଅପ୍ ଏବଂ ଦ୍ୱିତୀୟ ସୁଯୋଗର ଏକ ରୋମାଞ୍ଚକର ଯାତ୍ରା ହେବ। ଲଭ୍ ରଞ୍ଜନ ସର୍ବଦା ନିଜ ଫିଲ୍ମରେ କମେଡିର ତଡ଼କା ସହ ଯୁବପିଢ଼ିଙ୍କ ବାସ୍ତବିକ ସମ୍ପର୍କର କାହାଣୀକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରନ୍ତି। ଏହି ଚଳଚ୍ଚିତ୍ରଟି ମଧ୍ୟ ସେହିଭଳି ଏକ ରୋମାଣ୍ଟିକ-କମେଡି ଡ୍ରାମା ହେବ ବୋଲି ଆଶା କରାଯାଉଛି। ଫିଲ୍ମର ପୋଷ୍ଟର ସୋସିଆଲ ମିଡିଆରେ ଆସିବା ପରଠାରୁ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାର୍ତ୍ତିକ ଆର୍ଯ୍ୟନଙ୍କ ଭଳି ତାରକାଙ୍କୁ ବଲିଉଡ୍‌ରେ ପ୍ରତିଷ୍ଠିତ କରିଥିବା ଲଭ୍ ରଞ୍ଜନଙ୍କ ନୂଆ କଳାକାରମାନେ କିଭଳି କମାଲ୍ କରୁଛନ୍ତି, ତାହା ଦେଖିବା ପାଇଁ ଦର୍ଶକେ ଚାହିଁ ରହିଛନ୍ତି।

## ଜୀବନ ଯୁଦ୍ଧରେ ଆଶାର ଗୋଲାପ



ଫୁଲ ମଧ୍ୟରେ ଗୋଲାପର ସ୍ଥାନ ସବୁଠୁ ସ୍ୱତନ୍ତ୍ର। ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖରେ ପାଳନ କରାଯାଉଥିବା 'ୱାର୍ଲ୍ଡ ରୋଜ୍ ଡେ' ବା 'ଗୋଲାପ ଦିବସ'ର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ। ଏହି ଦିନଟି ପ୍ରେମୀଯୁଗଳଙ୍କ ପାଇଁ ନୁହେଁ, ବରଂ କ୍ୟାନ୍ସର ଭଳି ମାରାତ୍ମକ ରୋଗ ସହ ଲଢ଼ୁଥିବା ଯୋଦ୍ଧାମାନଙ୍କ ମନରେ ଜୀବନ ଜିଇଁବାର ନୂଆ ଆଶା ଓ ବିଶ୍ୱାସ ଭରିବା ପାଇଁ ଉଦ୍ଦିଷ୍ଟ। କାନାଡ଼ାର ୧୨ ବର୍ଷୀୟା କ୍ୟାନ୍ସର ପୀଡ଼ିତା ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହା ପାଳନ କରାଯାଏ। ମେଲିଣ୍ଡା କୁନି ବୟସରୁ ବ୍ଲଡ୍ କ୍ୟାନ୍ସରର ଏକ ବିରଳ ପ୍ରକାର ଆସ୍କିନ୍ସ ଟ୍ୟୁମରରେ ପୀଡ଼ିତ ଥିଲେ। ସେ ମାତ୍ର କିଛି ସପ୍ତାହ ବଞ୍ଚିବେ ବୋଲି ଡାକ୍ତର କହିଥିଲେ। ହେଲେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଆଉ ୬ ମାସ ବଞ୍ଚି ରହିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ମେଲିଣ୍ଡା ନିଜ ଯନ୍ତ୍ରଣାକୁ ଭୁଲି ଡାକ୍ତରଖାନାରେ ଥିବା ଅନ୍ୟ କ୍ୟାନ୍ସର ରୋଗୀମାନଙ୍କୁ ପ୍ରତିଦିନ ଗୋଲାପ ଫୁଲ, ଚିଠି ଏବଂ କବିତା ଉପହାର ଦେଇ ସେମାନଙ୍କ ମନରେ ଖୁସି ବାଣ୍ଟୁଥିଲେ। ସେମାନଙ୍କ ଓଠରେ ହସ ଫୁଟାଇବା ଥିଲା ମେଲିଣ୍ଡାଙ୍କର ଏକମାତ୍ର ଲକ୍ଷ୍ୟ। ସେହି କୁନି ଝିଅର ନିସ୍ୱାର୍ଥପର ପ୍ରେମ ଓ ପ୍ରେରଣାକୁ ଅମର କରି ରଖିବା ପାଇଁ ପ୍ରତିବର୍ଷ ୨୨ ସେପ୍ଟେମ୍ବରକୁ 'ୱାର୍ଲ୍ଡ ରୋଜ୍ ଡେ' ଭାବେ ପାଳନ କରାଯାଉଛି। କ୍ୟାନ୍ସର ଚିକିତ୍ସା ପ୍ରକ୍ରିୟା ଶାରୀରିକ ସହିତ ମାନସିକ ସ୍ତରରେ ମଧ୍ୟ ଜଣେ ବ୍ୟକ୍ତିଙ୍କୁ ଭାଙ୍ଗି ଦିଏ। ଏଭଳି ପରିସ୍ଥିତିରେ ରୋଗୀଙ୍କୁ ଔଷଧ ସହିତ ଆତ୍ମବଳ ଓ ସହାନୁଭୂତିର ସବୁଠାରୁ ଅଧିକ ଆବଶ୍ୟକତା ଥାଏ। ସେପ୍ଟେମ୍ବର ୨୨ରେ ଦିଆଯାଉଥିବା ଗୋଲାପ ଫୁଲଟିଏ କ୍ୟାନ୍ସର ରୋଗୀଙ୍କୁ ବାର୍ତ୍ତା ଦିଏ ଯେ- " ଏହି ଲଢ଼େଇରେ ସେ ଏକା ନାହାନ୍ତି, ସମସ୍ତେ ତାଙ୍କ ସହ ଅଛନ୍ତି।" ଏହି ଦିନ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଡାକ୍ତର ଓ ସାଧାରଣ ଲୋକେ ହସ୍ପିଟାଲ୍ ଯାଇ କ୍ୟାନ୍ସର ରୋଗୀମାନଙ୍କୁ ଗୋଲାପ ଫୁଲ ଓ କାର୍ଡ ପ୍ରଦାନ କରନ୍ତି। ସେମାନଙ୍କ ସହ ସମୟ ବିତାଇ ମନକୁ ହାଲୁକା କରିବାକୁ ଚେଷ୍ଟା କରନ୍ତି। ୱାର୍ଲ୍ଡ ରୋଜ୍ ଡେ' କେବଳ ଫୁଲ ବାଣ୍ଟିବାରେ ସୀମିତ ନୁହେଁ, ଏହା କ୍ୟାନ୍ସର ରୋଗର ଆଗୁଆ ଚିହ୍ନଟ ଓ ଚିକିତ୍ସା ସମ୍ପର୍କରେ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ମାଧ୍ୟମ। କ୍ୟାନ୍ସରକୁ ଭୟ ନ କରି ସଠିକ୍ ସମୟରେ ଚିକିତ୍ସା କଲେ ଏହାକୁ ପରାସ୍ତ କରାଯାଇପାରିବ, ସେହି ବିଶ୍ୱାସ ସମସ୍ତଙ୍କ ମନରେ ଜାଗ୍ରତ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ।

## ବିଶ୍ୱର ସବୁଠୁ ଦାମୀ ପରିବା



ସାଧାରଣତଃ ବଜାରକୁ ଗଲେ ୪୦ ରୁ ୫୦ ଟଙ୍କା କିମ୍ବା ଅତିବେଶୀରେ ୨୦୦ ରୁ ୩୦୦ ଟଙ୍କା କିଲୋରେ ଲୋକେ ପରିବା କିଣିଥାନ୍ତି। ହେଲେ ଏମିତି ଏକ ପରିବା ଅଛି ଯାହାର ମୂଲ୍ୟରେ ସୁନା କିମ୍ବା ଆଇଫୋନ୍ କିଣାଯାଇ ପାରିବ। ବିଶ୍ୱର ସବୁଠାରୁ ଦାମୀ ପରିବା ହେଉଛି 'ହପ୍ ସୁଟ୍ସ'। ଏହି ପରିବା କେଜିଏର ଦାମ୍ ୮୫,୦୦୦ ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ହପ୍ ସୁଟ୍ସ ହେଉଛି 'ହପ୍' ନାମକ ଏକ ଗଛର କୋମଳ ଅଗ୍ରଭାଗ। ଏହାର ଫୁଲକୁ 'ହପ୍ କୋନ୍ସ' କୁହାଯାଏ। ଏହାର ଫୁଲକୁ ବିୟର ପ୍ରସ୍ତୁତିରେ ବ୍ୟବହାର କରାଯାଏ। ହପ୍ ସୁଟ୍ସକୁ କଞ୍ଚା ଖାଇ ହେବ। ଏହାର ଡାଳଗୁଡିକ ସାଲାଡ କରିହେବ। ଏହାର ଆଚାର ମଧ୍ୟ ତିଆରି କରାଯାଇପାରେ, ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଲାଭଦାୟକ। ଏହା କୌଣସି ବଜାର କିମ୍ବା ଷ୍ଟୋର୍‌ରେ କ୍ୱଚିତ୍ ଦେଖାଯାଏ। ଏହି ପରିବା ଏତେ ଦାମୀ ହେବାର ସବୁଠାରୁ ବଡ଼ କାରଣ ହେଉଛି ଏହାର ଅମଳ ପ୍ରକ୍ରିୟା। ଏହି ଗଛଗୁଡ଼ିକ ସିଧା ଧାଡ଼ିରେ ବଢ଼ନ୍ତି ନାହିଁ। ଏଗୁଡ଼ିକ ଜଙ୍ଗଲୀ ଲତା ଭଳି ଏଣେତେଣେ ବଢୁଥିବାରୁ, ଚାଷୀମାନଙ୍କୁ ନଇଁ ନଇଁ ଖୋଜିବାକୁ ପଡ଼ିଥାଏ। ଏହା ଏତେ ଛୋଟ ଏବଂ କୋମଳ ଯେ, ଏହାକୁ ମେସିନ୍ ସାହାଯ୍ୟରେ ମଧ୍ୟ କଟାଯାଇପାରିବ ନାହିଁ। ଏକ କିଲୋଗ୍ରାମ ହପ୍ ସୁଟ୍ସ ସଂଗ୍ରହ କରିବା ପାଇଁ ଜଣେ ମଣିଷକୁ ଅତି ସାବଧାନତାର ସହ ତୋଳିବାକୁ ପଡ଼ିଥାଏ। ଏହି ପରିବା ବର୍ଷ ସାରା ଅମଳ ହୁଏନାହିଁ। ବସନ୍ତ ଋତୁର ପ୍ରାରମ୍ଭରେ, ଯେତେବେଳେ ବରଫ ତରଳିବାକୁ ଲାଗେ, ସେତେବେଳେ ଏହି ଛୋଟ ସୁଟ୍ସଗୁଡ଼ିକ ମାଟିରୁ ବାହାରିଥାନ୍ତି। ଏହାର ଜୀବନକାଳ ଖୁବ୍ କମ୍ ଦିନର ହୋଇଥାଏ। ଯଦି ଠିକ୍ ସମୟରେ ଏହାକୁ ତୋଳା ନ ଯାଏ, ତେବେ ଏହା ଟାଣ ହୋଇଯାଏ ଏବଂ ଖାଦ୍ୟୋପଯୋଗୀ ହୋଇ ରୁହେନାହିଁ। କେବଳ ଦୁର୍ଲଭତା ପାଇଁ ନୁହେଁ, ବରଂ ଏହାର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ପାଇଁ ମଧ୍ୟ ଏହାର ମୂଲ୍ୟ ମଧ୍ୟ ଆକାଶଛୁଆଁ। ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ, ହପ୍ ସୁଟ୍ସରେ ଥିବା ଏସିଡ୍ ଶରୀରରେ କ୍ୟାନ୍ସର କୋଷଗୁଡ଼ିକୁ ବଢିବାକୁ ଦିଏ ନାହିଁ ଏବଂ ସେଗୁଡ଼ିକୁ ନଷ୍ଟ କରିବାରେ ସାହାଯ୍ୟ କରେ। ପ୍ରାଚୀନ କାଳରୁ ଏହାକୁ ଯକ୍ଷ୍ମା ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିଲା। ଏହା ବ୍ୟତୀତ ଅନିଦ୍ରା ସମସ୍ୟା, ଚିନ୍ତା ଏବଂ ଅବସାଦ ଦୂର କରିବାରେ ଏହା ଏକ ପ୍ରାକୃତିକ ଔଷଧ ଭଳି କାମ କରେ। ଏହି ପରିବା ଏତେ ଦାମୀ ହୋଇଥିବାରୁ ବିଶ୍ୱର ବଡ଼ ବଡ଼ ପଞ୍ଚତାରକା ହୋଟେଲରେ ଏହାକୁ ଡିସ୍ ଭାବେ ପରଷାଯାଏ। ଜର୍ମାନ, ବ୍ରିଟେନ ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶରେ ଚାଷ କରାଯାଉଥିବା ଏହି 'ହପ୍ ସୁଟ୍ସ' ଆଜି ବିଶ୍ୱ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

## ଓଲକୋବି ଚାଷ



**ଆମ ରାଜ୍ୟର ଅଧିକାଂଶ ଚାଷୀ ଋତୁ ଅନୁଯାୟୀ ଚାଷ କରିଥାନ୍ତି। ଏହାକୁ ଦୃଷ୍ଟି ଦେଲେ ସେପ୍ଟେମ୍ବର ମାସ ଶେଷ ସପ୍ତାହରୁ ଅକ୍ଟୋବର ମାସ ମଧ୍ୟରେ ଓଲକୋବି ଚାଷ ଆରମ୍ଭ କରିବାକୁ ସବୁଠୁ ଭଲ ସମୟ।**

ଓଲକୋବି ଚାଷ ପାଇଁ ଇଣ୍ଡାମ ଯର୍ଲି ହ୍ୱାଇଟ, ହ୍ୱାଇଟ ଭିଏନା, ପର୍ପଲ ଭିଏନା, କିଙ୍ଗ ଅଫ୍ ମାର୍କେଟ କିସମ ବିହନ ସର୍ବୋତ୍ତମ। ଏହି ଚାଷ ପାଇଁ ଏକର ପିଛା ୩୦୦ ଗ୍ରାମ୍ ବିହନ ଆବଶ୍ୟକ ହେଉଥିବାବେଳେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୨୦ରୁ ୨୫ ସେ.ମି. ରହିବା ଜରୁରି। ବିହନ ଲଗାଇବା ପୂର୍ବରୁ ମାଟିକୁ ଭଲଭାବେ ଗଭୀର ହଳ କରି ଗୁଣ୍ଡ କରି ଦିଆଯାଏ। ଓଲକୋବି ଚାଷ ପାଇଁ ହେକ୍ଟର ପିଛା ୨୫୦ ଗ୍ରାମ୍ ସଙ୍କର କିସମ ବିହନ ଆବଶ୍ୟକ। ବିହନକୁ ୫୦ ଡିଗ୍ରୀ ସେଲ୍‌ସିୟସ୍ ଗରମ ପାଣିରେ ୩୦ ମିନିଟ୍ ପାଇଁ ଭିଜାଇ ଛାଇରେ ଶୁଖାଯାଏ। ୨୫୦ ଗ୍ରାମ୍ ବିହନ ବିଶୋଧନ ପାଇଁ ୨୫ ଗ୍ରାମ୍ ଆଜୋସ୍ପିରିଲମ୍ ଆବଶ୍ୟକ। ଓଲକୋବି ଲଗାଇବା ସମୟରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା ଫସ୍‌ଫରସ୍, ୨୦.କି. ଗ୍ରା ପଟାସ ଦରକାର ହେଉଥିବା ସ୍ଥଳେ ଏହାର ତିନି ସପ୍ତାହ ପରେ ୧୦ କି.ଗ୍ରା. ଯବକ୍ଷାଜାନ ଓ ୬ ସପ୍ତାହ ପରେ ୧୦ କି.ଗ୍ରା ଯବକ୍ଷାରଜାନ ଆବଶ୍ୟକ ହୁଏ। ଓଲକୋବି ଗଛରେ ବିଭିନ୍ନ ରୋଗପୋକ ଦେଖାଦେଲେ କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଔଷଧ ପ୍ରୟୋଗ କରିପାରିବେ। ତେବେ ଏହି ଚାଷରେ ସଠିକ୍ ଦେଖାଶୁଣା କରିବା ଦ୍ୱାରା ଏକର ପିଛା ୪୦ରୁ ୫୦ କ୍ୱିଣ୍ଟାଲ ଅମଳ ମିଳିଥାଏ।




## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ଅଛି ତେଣୁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାପଟାନ୍ କିମ୍ବା ୨.୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ମିଶାଇ ମାଟିକୁ ଭଲ ଭାବେ ଭିଜାନ୍ତୁ।
- ମୁଗ ଏବଂ ବିରି ଫସଲରେ ଛୁଇଁବିନ୍ଧା ପୋକର ପରିଚାଳନା ପାଇଁ ୮୦ ଗ୍ରାମ୍ ଏମାମେକଟୀନ ବେଞ୍ଜୋଏଟ କିମ୍ବା ୮୦ ମିଲି କ୍ଲୋରାନଟ୍ରାନିଲିପ୍ରୋଲ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଚିନାବାଦାମ ଫୁଲ ଓ ଫଳ ଧରିବା ଅବସ୍ଥାରେ ପତ୍ର ସୁଡଙ୍ଗୀ ପୋକ, ଜଉପୋକ, ପତ୍ର ଉକୁଣି ପୋକ ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଲଙ୍କା ଫସଲର କିଛି ଉନ୍ନତ କିମସ ହେଲା ପୁସା ଜ୍ୱାଳା, ପୁସା ସଦାବାହାର, ସୂର୍ଯ୍ୟମୁଖୀ, ସିନ୍ଦୂରି, ଉତ୍କଳ ଆଭା, ଉତ୍କଳ ରଶ୍ମୀ ଇତ୍ୟାଦି।
- କଖାରୁଜାତୀୟ ପନିପରିବାରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ହାଇଡ୍ରୋକସାଇଡ କିମ୍ବା ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ଫୋସେଟିଲ-ଆଲ ମିଶାଇ ସିଞ୍ଚନ କରନ୍ତୁ।

## ଅମୃତଭଣ୍ଡାରେ ପତ୍ରମୋଡ଼ା



**ଆମ ରାଜ୍ୟର ଅଧିକାଂଶ ଚାଷୀ ଅମୃତଭଣ୍ଡା ଚାଷ କରି ସ୍ୱାବଲମ୍ବୀ ହୋଇଥାନ୍ତି। ହେଲେ ବର୍ଷାଦିନେ ଜମିରେ ଚାରିଆଡେ ପାଣି ଭରି ରହୁଥିବାରୁ ଅମୃତଭଣ୍ଡା ଗଛରେ ବିଭିନ୍ନ ରୋଗପୋକ ଦେଖାଯା'ନ୍ତି। ତନ୍ମଧ୍ୟରୁ ଅମୃତଭଣ୍ଡାର ପତ୍ରମୋଡ଼ା ଏବଂ ଫଳମାଛି ପୋକ ଫସଲକୁ ବିଶେଷ କ୍ଷତି ପହଞ୍ଚାନ୍ତି। ଏହାଦ୍ୱାରା ଗଛର ବିକାଶ ହୋଇପାରେନି। ତେଣୁ ଏହାର ନିରାକରଣ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବା ଆବଶ୍ୟକ।**

ଅମୃତଭଣ୍ଡା ଗଛରେ ପତ୍ରମୋଡ଼ା ଦେଖାଦେଲେ ଅଗ ପତ୍ର ଭିତର ଆଡ଼କୁ ଗୁଡ଼େଇ ହୋଇ ଶିରା ମୋଟା ଦେଖାଯାଏ। ପତ୍ର ଲୋଚାକୋଚା ଦିଶିଥାଏ। ଗଛ ବଢ଼ିପାରେନି କି ଫଳର ବିକାଶ ହୁଏନି। ଏଥିପାଇଁ ଜୈବିକ କୀଟନାଶକ ସିଞ୍ଚନ କରିପାରିବେ। ରାସାୟନିକ ଉପାୟରେ ପରିଚାଳନା ପାଇଁ ଇମିଡାକ୍ଲୋପ୍ରିଡ ବା ଥାୟୋମେଥୋକ୍ସାମ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରିପାରିବେ। ସେହିପରି ଧଳାମାଛି ସଂଖ୍ୟା ବୃଦ୍ଧି ହୋଇ ଗଛକୁ ଗଛ ଶୀଘ୍ର ବ୍ୟାପିଥାଏ। ତେଣୁ ଉପକାରୀ କୀଟ ବୃଦ୍ଧି ପାଇଁ କୀଟନାଶକ ସିଞ୍ଚନ ଜରୁରି। କୃଷି ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ନିମ୍ବ ତେଲ ସିଞ୍ଚନ କରିପାରିବେ। ଅମୃତଭଣ୍ଡା ଗଛମୂଳରୁ ଭଲଭାବେ ଜଳ ନିଷ୍କାସନ କରିବାକୁ ବନ୍ଦୋବସ୍ତ କରିବା ଆବଶ୍ୟକ। ବର୍ଷା ହେଉନଥିବା ସମୟରେ ଗଛମୂଳରେ ଯବକ୍ଷାରଜାନ ଉର୍ବରକ ଦେଇ ପାରିବେ। ଏହି ସମୟରେ ଜମିରେ ଘାସ ନିୟନ୍ତ୍ରଣ କରିବାକୁ ମଲଚିଂ ପଦ୍ଧତି ଆପଣାଇବା ଉଚିତ। କୌଣସି ଗଛ ସମ୍ପୂର୍ଣ୍ଣ ଭାବେ ରୋଗାଗ୍ରସ୍ତ ହୋଇଥିଲେ ଏହାକୁ ଜମିରୁ ଉପାଡ଼ି ଦୂର ସ୍ଥାନକୁ ଫିଙ୍ଗିଦେବା ଏକାନ୍ତ ଆବଶ୍ୟକ।

## ଗାଈ ଓ ମଇଁଷିଙ୍କ ଲେଙ୍ଗଡ଼ା ରୋଗ

ଲେଙ୍ଗଡ଼ା ବା ବଜବଜିଆ ରୋଗ ଏକ ଜୀବାଣୁ ଜନିତ ସଂକ୍ରାମକ ରୋଗ। ଏହା ମୁଖ୍ୟତଃ ଗାଈ-ମଇଁଷିଙ୍କଠାରେ ଦେଖାଯାଇଥାଏ। କ୍ଲୋଷ୍ଟ୍ରିଡିଅମ ଚୌଭାଇ ନାମକ ଜୀବାଣୁ ଦ୍ୱାରା ଏହି ରୋଗ ହୋଇଥାଏ। ବିଶେଷକରି ଏହି ରୋଗର ପ୍ରକୋପ ବର୍ଷାଦିନେ ଅଧିକ ଦେଖାଯାଏ। ଦୁଇରୁ କମ୍ ବର୍ଷର ପ୍ରାଣୀ, ବୟସ୍କପ୍ରାଣୀ ଏଥିରେ ଅଧିକ ପ୍ରଭାବିତ ହୋଇଥାନ୍ତି। ତେଣୁ ଏହି ରୋଗର ଲକ୍ଷଣ ଅନୁସାରେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଚିକିତ୍ସା କରିବା ଏକାନ୍ତ ଆବଶ୍ୟକ।

**ଲକ୍ଷଣ ଓ ପ୍ରତିକାର:** ଏହି ରୋଗରେ ପୀଡ଼ିତ ପ୍ରାଣୀଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ। ହାଲୁକା ଜ୍ୱର (୧୦୫ଡିଗ୍ରୀ ଫାରେନ୍‌ହାଇଟ୍ ପର୍ଯ୍ୟନ୍ତ) ହେବା ସହିତ ପ୍ରାଣୀ ସବୁବେଳେ ଶୋଇ ରହିଥାନ୍ତି। ମାଂସପେଶୀ ଦରଜ ହୋଇ ଫୁଲିଯାଏ ଓ ଲାଲ ପଡ଼ିଯାଏ। ହଠାତ୍ ପ୍ରାଣୀ ଛୋଟେଇ ଛୋଟେଇ ଚାଲିଥା'ନ୍ତି। ଅଧିକାଂଶ ପ୍ରାଣୀଙ୍କ ପିଠି ତଥା ପଛପାର୍ଶ୍ୱରେ ମାଂସପେଶୀ ଲାଲପଡ଼ିବା ଦେଖାଯାଇଥାଏ। ପ୍ରାଣୀ ଖାଇବା ପିଇବା ଛାଡ଼ିଦିଅନ୍ତି। ଏପରି ସମସ୍ୟା ଯୋଗୁଁ ଆକ୍ରାନ୍ତ ପ୍ରାଣୀଙ୍କ ମୃତ୍ୟୁ ଘଟିବାର ଆଶଙ୍କା ଅଧିକ ରହିଥାଏ। ତେଣୁ ଏହି ରୋଗର ପ୍ରକୋପ କମାଇବା ପାଇଁ ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶକ୍ରମେ ଆଣ୍ଟିବାୟୋଟିକ୍ ଔଷଧ ବା ଇଞ୍ଜେକସନ୍ ଦିଆଯାଏ। ରୋଗର ତୀବ୍ରତା ତଥା ପ୍ରାଣୀଙ୍କ ସ୍ଥିତି ଅନୁସାରେ ଚିକିତ୍ସା କରିବା ଭଲ। ଫୁଲିଥିବା ମାଂସପେଶୀରେ ସେକ ଦେବା ବଦଳରେ ଉକ୍ତ ଅଂଶକୁ ହାଲୁକା ଭାବେ ଚିରି ସେଥିରେ ଦୁଇପ୍ରତିଶତ ହାଇଡ୍ରୋଜେନ୍ ପେରକ୍‌ସାଇଡ୍ ତଥା ପୋଟାସିୟମକୁ ମିଶାଇ ଡ୍ରେସିଂ କରାଯାଇପାରିବ। ପ୍ରାଣୀ ରହୁଥିବା ଗୁହାଳ ସଫା ରଖିବା ସହିତ ସମୟ ଅନୁସାରେ ପ୍ରାଣୀଙ୍କୁ ଟିକାକରଣ କରାଇବା ଏକାନ୍ତ ଆବଶ୍ୟକ। ଏହାସହିତ ଆକ୍ରାନ୍ତ ପ୍ରାଣୀଙ୍କୁ ସୁସ୍ଥ ପ୍ରାଣୀଙ୍କଠାରୁ ଦୂରେଇ ରଖିବା ଉଚିତ।



## ପାକଶାଳା ବଗିଚାରେ କୁନ୍ଦୁରି



ଆଜିକାଲି ସହରରେ ଅନେକ ଲୋକ ଚାଷ କରିବାକୁ ଆଗ୍ରହ ଦେଖାଉଛନ୍ତି। ହେଲେ କମ୍ ସ୍ଥାନ ଯୋଗୁଁ ଏହା ସମ୍ଭବ ହୋଇପାରୁନାହିଁ। ତେଣୁ ଲୋକମାନେ ବାଲ୍‌କୋନି, ଛାତ କିମ୍ବା ଘର ପାଖ ସ୍ୱଳ୍ପ ଜମିରେ ଟମାଟୋ, ଲଙ୍କା, ଧଣିଆ ଆଦି ବିଭିନ୍ନ ପ୍ରକାରର ପନିପରିବା ଚାଷ କରୁଛନ୍ତି। ତେବେ ବାଲ୍‌କୋନି କିମ୍ବା ପାକଶାଳା ବଗିଚାରେ କିଛି ନୂଆ କରିବାକୁ ଚାହୁଁଥିଲେ କୁଣ୍ଡ କିମ୍ବା ଗ୍ରୋବ୍ୟାଗ୍‌ରେ କୁନ୍ଦୁରି ଚାଷ ଆରମ୍ଭ କରିପାରିବେ।

କୁନ୍ଦୁରି ଏକ ଲାଭଜନକ ଚାଷ। ବର୍ଷକ ବାରମାସ ଏହାକୁ ଚାଷ କରାଯାଇପାରେ। ଥରେ ଲଗାଇଲେ ବର୍ଷ ବର୍ଷ ଧରି ଏହା ଫଳ ଦେଇଥାଏ। କୁଣ୍ଡରେ କୁନ୍ଦୁରି ଚାଷ କରିବାକୁ ଅତିକମ୍‌ରେ ୧୨ରୁ ୧୫ ଇଞ୍ଚ ଗଭୀରତା ବଡ଼ଆକାରର କୁଣ୍ଡ କିମ୍ବା ଗ୍ରୋବ୍ୟାଗ୍ ଆବଶ୍ୟକ। କୁଣ୍ଡ ତଳେ ଜଳ ନିଷ୍କାସନ ପାଇଁ ଛୋଟ କଣା ଥିବା ଜରୁରି। ବଗିଚା ମାଟି, ଗୋବର ବା ଜିଆଖତ, ବାଲି, ନିମ୍ବପିଡ଼ିଆ ମିଶାଇ କୁଣ୍ଡ ପାଇଁ ମାଟି ପ୍ରସ୍ତୁତ କରାଯାଏ। ଏହାକୁ କାଣ୍ଡ/ଡାଳକଲମି କିମ୍ବା ମୂଳରୁ ମିଳୁଥିବା ଚେରରୁ ଲଗାଯାଏ। ଲଗାଇବା ପରେ ହାଲୁକା ପାଣି ଦେଇପାରିବେ। କୁନ୍ଦୁରି ଗଛକୁ ପ୍ରତିଦିନ ଅତିକମ୍‌ରେ ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ମିଳୁଥିବା ସ୍ଥାନରେ ରଖାଯାଏ। କୁଣ୍ଡ ଉପରେ ମାଟି ଶୁଖିଲେ ପାଣି ଦେବା ଆବଶ୍ୟକ। ଏହି ଲତା ଜାତୀୟ ଗଛକୁ ବଢ଼ିବା ପାଇଁ ମଞ୍ଚା ପୋତି ତା ଉପରକୁ ଗଛ ମଡ଼ାଇଲେ ଅଧିକ ଅମଳ ମିଳି ପାରିଥାଏ। ସେହିପରି କୁନ୍ଦୁରି ଗଛ ବୃଦ୍ଧି ପାଇଁ ପ୍ରତି ୨୦ରୁ ୨୫ ଦିନରେ ଥରେ ଗୋବର କିମ୍ବା ଜିଆଖତ କୁଣ୍ଡରେ ମାଟିରେ ମିଶାଇ ପାରିବେ। ସମୟେ ସମୟେ ଗଛରୁ ଶୁଖିଲା ପତ୍ର କାଟ୍‌ଛାଟ୍ କରିବା ଜରୁରି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକ ଫଳ ଆସିବାକୁ ମଝିରେ ମଝିରେ ସୋରିଷ ପିଡ଼ିଆରୁ ପ୍ରସ୍ତୁତ ତରଳ ସାର ଦିଆଯାଇପାରିବ।

## ଆଇଚି-ନାଗୋୟା ଏସିଆନ୍ ଗେମ୍ସ

# ତୃତୀୟ ଦିନରେ ଭାରତକୁ ୪ ପଦକ

### ସୁଟିଂରେ ୨ ରୌପ୍ୟ ଓ ୧ କାଂସ୍ୟ ■ ଏମ୍ଏମ୍ଏରେ ଗୋଟିଏ କାଂସ୍ୟ

ଟୋକିଓ,୨୧।୯ (ଏଜେନ୍ସି)

ଜାପାନରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସର ତୃତୀୟ ଦିନରେ ଭାରତକୁ ୪ଟି ପଦକ ମିଳିଛି। ଏହା ମଧ୍ୟରେ ସୁଟିଂରୁ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ, ପ୍ରଥମଥର ସାମିଲ ହୋଇଥିବା ମିକ୍ସଡ ମାର୍ଟିଆଲ ଆର୍ଟ୍ସ (ଏମ୍ଏମ୍ଏ)ରେ ଗୋଟିଏ କାଂସ୍ୟ ପଦକ ରହିଛି। ଏଥିରେ ସୁଚିକା ତରିଆଲ ଏହି ପଦକଟି ଜିତିଛନ୍ତି। ସୁଟିଂର ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ରୌପ୍ୟ, ଇଣ୍ଡିଭିଜୁଆଲ ଇଭେଣ୍ଟରେ ହିମାଂଶୁ ଧୀଲନ କାଂସ୍ୟ ଓ ରୁଦ୍ରାକ୍ଷ ପାଟିଲ କାଂସ୍ୟ ପଦକ ହାସଲ କରିଛନ୍ତି। ଏହା ଫଳରେ ପ୍ରତିଯୋଗିତାର ପ୍ରଥମ ଦୁଇ ଦିନରେ ସୁଟିଂରେ ୫ଟି, ଏମ୍ଏମ୍ଏ ଗୋଟିଏ ପଦକ ମିଳିଛି। ପ୍ରଥମ ଦୁଇଦିନରେ ଭାରତ ୪ଟି ରୌପ୍ୟ ଓ ୨ଟି କାଂସ୍ୟ ସହ ୬ଟି ପଦକ ଜିତି ତାଲିକାରେ ଦ୍ୱାଦଶ ସ୍ଥାନରେ ରହିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଟିମ୍ ଇଭେଣ୍ଟରେ ଭାରତର ବିଜୟଧାରା ଅବ୍ୟାହତ ରହିଛି। ମହିଳା ହକିରେ ଭାରତ ୧୭-୧ରେ ଇଣ୍ଡୋନେସିଆକୁ ହରାଇ କ୍ରମାଗତ ବିଜୟ ହାସଲ କରିଛି। କବାଡିର ପୁରୁଷ ବିଭାଗରେ ଜାପାନକୁ ୪୯-୨୪, ମହିଳାରେ ବାଂଲାଦେଶକୁ ୪୨-୨୧, ଉଭୟ ପୁରୁଷ ଓ ମହିଳା ଟେବୁଲ ଟେନିସରେ ପାକିସ୍ତାନକୁ ୩-୦, ବ୍ୟାଡମିଣ୍ଟନରେ ବାଂଲାଦେଶକୁ ୩-୦ରେ ପରାସ୍ତ କରି ଭାରତୀୟ ଦଳ ଆଉ ଏକ ବିଜୟ ହାସଲ କରିଛି। ମହିଳା କ୍ରିକେଟରେ ଆସନ୍ତାକାଲି ଭାରତ ସ୍ୱର୍ଣ୍ଣପଦକ ମୁକାବିଲା ଲାଗି ଶ୍ରୀଲଙ୍କା ସହ ମୁକାବିଲା କରିବ।

### ବ୍ୟାଡ୍ମିଣ୍ଟନ କ୍ୱାର୍ଟରରେ ଭାରତ

ବାଂଲାଦେଶକୁ ସହଜରେ ୩-୦ ବ୍ୟବଧାନରେ ହରାଇ ଭାରତର ପୁରୁଷ ବ୍ୟାଡମିଣ୍ଟନ ଦଳ ଏଠାରେ ଚାଲିଥିବା ଏସିଆନ୍ ଗେମ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତ ପକ୍ଷରୁ ଲକ୍ଷ୍ୟ ସେନ୍, ଆୟୁଷ ସେଟ୍ଟୀ ଓ କିଦାମ୍ବି ଶ୍ରୀକାନ୍ତ ସହଜରେ ଏହି ମ୍ୟାଚ୍‌କୁ ଜିତିବା ଫଳରେ ଦଳ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

### କବାଡ଼ିରେ ବିଜୟ ଅଭିଯାନ

ପୁରୁଷ କବାଡିରେ ଭାରତ ତାହାର ବିଜୟ ଅଭିଯାନ ଆରମ୍ଭ କରିଛି। ଆଜି ଖେଳାଯାଇଥିବା ମୁକାବିଲାରେ ଭାରତ ୪୯-୨୪ ପଏଣ୍ଟରେ ଜାପାନକୁ ହରାଇ ସ୍ୱର୍ଣ୍ଣ ବିଜୟ ଅଭିଯାନରେ ସାମିଲ କରିଛି। ସେହିଭଳି ମହିଳା ଦଳ ମଧ୍ୟ ବିଜୟୀ ହୋଇଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୪୨-୨୧ ପଏଣ୍ଟରେ ବାଂଲାଦେଶକୁ ପରାସ୍ତ କରିଛି।

## ସୁଟିଂରେ ଭାରତକୁ ୩ ପଦକ



ଏସିଆନ ଗେମ୍ସ ସୁଟିଂରେ ଭାରତର ପଦକ ବିଜୟ ଅଭିଯାନ ଅବ୍ୟାହତ ରହିଛି। ପ୍ରତିଯୋଗିତାର ପ୍ରଥମ ଦିନରେ ୨ଟି ରୌପ୍ୟ ପଦକ ଜିତିଥିବା ଭାରତ ଦ୍ୱିତୀୟ ଦିନରେ ଆଉ ୩ଟି ପଦକ ଜିତିବାରେ ସଫଳ ହୋଇଛି। ସମସ୍ତ ୩ଟିଯାକ ପଦକ ପୁରୁଷ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରୁ ମିଳିଛି। ଟିମ୍ ଓ ଇଣ୍ଡିଭିଜୁଆଲରେ ୨ଟି ରୌପ୍ୟ ଓ ଇଣ୍ଡିଭିଜୁଆଲରେ ଗୋଟିଏ କାଂସ୍ୟ ପଦକ ମିଳିଛି। ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଟିନ୍ ଏଜ୍ ସୁଟର ହିମାଂଶୁ ଧୀଲନ ରୌପ୍ୟ ଓ ପୂର୍ବତନ ବିଶ୍ୱଚାମ୍ପିଅନ ରୁଦ୍ରାଂଶ ପାଟିଲ କାଂସ୍ୟ ପଦକ ଜିତିଛନ୍ତି। ହିମାଂଶୁ ୨୫୨.୪ ପଏଣ୍ଟ ସ୍କୋର କରି ଚୀନ୍‌ର ଲିହାଓ ଶେଙ୍ଗ (୨୫୪.୨)ଙ୍କ ପଛରେ ରହିଥିଲେ। ସେହିପରି ରୁଦ୍ରାଂଶ ୨୩୦.୯ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଷଷ୍ଠ ଆଟେମ୍ପଟରେ ହିମାଂଶୁଙ୍କୁ ଏହି ସଫଳତା ମିଳିଥିଲା। ହିମାଂଶୁ, ରୁଦ୍ରାଂଶ ଓ ପାର୍ଥ ମାନେ ଟିମ୍ ଇଭେଣ୍ଟରେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏହି ୩ ପ୍ରତିଯୋଗୀଙ୍କ ମଧ୍ୟରୁ ରୁଦ୍ରାଂଶ ତୃତୀୟ, ହିମାଂଶୁ ୭ମ ଓ ପାର୍ଥ ଏକାଦଶ ସ୍ଥାନରେ ରହିଥିଲେ। ଏହା ଫଳରେ ସୁଟିଂରେ ଭାରତର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ଏହା ମଧ୍ୟରୁ ୪ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଆସନ୍ତାକାଲି ଆଉ ୨ଟି ଇଭେଣ୍ଟର ମେଡାଲ ମ୍ୟାଚ୍ ଥିବାରୁ ଭାରତକୁ ଏଥିରେ ପଦକ ମିଳିବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ।

## ମହିଳା ହକି; ସବିତା ଖେଳିଲେ ସର୍ବାଧିକ ମ୍ୟାଚ୍

## ଭାରତର କ୍ରମାଗତ ବିଜୟ

କାକାମିଗାହାରା,୨୧।୯ (ଏଜେନ୍ସି): ଏସିଆନ ଗେମ୍ସ ମହିଳା ହକିର ତୃତୀୟ ଦିନରେ ଭାରତ ୧୭-୧ ଗୋଲରେ ଇଣ୍ଡୋନେସିଆକୁ ପରାସ୍ତ କରିଛି। ଏହା ଫଳରେ ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବୃହତ୍ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି। ଗତକାଲି ଖେଳାଯାଇଥିବା ପ୍ରଥମ ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୧୯-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍ ବିଜୟୀ ଭାରତ ପକ୍ଷରୁ ଦୀପିକା କୁମାରୀ ସର୍ବାଧିକ ୮ଟି, ଲାଲରେମସିଆମି,



ଇଶିକା ୩ଟି ଲେଖାଏଁ ଗୋଲ ଦେଇଥିଲେ। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଦୀପିକା, ଋତୁରାଜ ପିସାଲ ଓ ନବନିତ କୌର ହ୍ୟାଟ୍ରିକ୍ ଗୋଲ ଅର୍ଥାତ୍ ଏହି ୩ଜଣ ମିଳିତଭାବେ ୯ଟି ଗୋ ସ୍କୋର କରିଛନ୍ତି। ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋ, ଲାଲରେମସିଆମି ଓ ସାକ୍ଷୀ ରାଣା ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ୨ଟି ମ୍ୟାଚ୍‌ରେ ୩୬ଟି ଗୋଲ ସ୍କୋର କରିଥିବା ଭାରତ ତାହାର ତୃତୀୟ ମ୍ୟାଚ୍‌ରେ ଥାଇଲାଣ୍ଡ ସହ ମୁକାବିଲା କରିବ। ସେହିପରି ପ୍ରଥମ ମ୍ୟାଚ୍ ଜିତିଥିବା ପୁରୁଷ ଦଳ ଆସନ୍ତାକାଲି ଶ୍ରୀଲଙ୍କା ସହ ଖେଳିବେ। ଆଜିର ମ୍ୟାଚ୍‌ରେ ଭାରତର ଗୋଲ ରକ୍ଷକ ସବିତା ପୁନିଆ ତାଙ୍କ ଜୀବନର ୩୨୧ତମ ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଜଣେ ଭାରତୀୟ ଖେଳାଳିଙ୍କ ଭାବେ ଏହା ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍। ପୂର୍ବରୁ ବନ୍ଦନା କଟରିଆ ୩୨୦ଟି ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। ଭାରତ ପକ୍ଷରୁ କେବଳ ଏହି ଦୁଇ ଖେଳାଳି ୩୦୦ କିମ୍ବା ତା'ଠାରୁ ଅଧିକ ମ୍ୟାଚ୍‌ରେ ଖେଳିବାରେ ସଫଳ ହୋଇଛନ୍ତି।

## ଏମ୍ଏମ୍ଏରେ ସୁଚିକାଙ୍କୁ ଐତିହାସିକ କାଂସ୍ୟ

ପ୍ରଥମଥର ଏସିଆନ ଗେମ୍ସରେ ସାମିଲ କରାଯାଇଥିବା ଏମ୍ଏମ୍ଏ ବା ମିକ୍ସଡ ମାର୍ଟିଆଲ ଆର୍ଟସରେ ଭାରତକୁ ପ୍ରଥମ ତଥା ଐତିହାସିକ କାଂସ୍ୟ ପଦକ ମିଳିଛି। ଏହି ପଦକ ଜିତିଛନ୍ତି ୩୬ ବର୍ଷୀୟା ଫାଇଟର ସୁଚିକା ତରିଆଲ। ଆଜି ଖେଳାଯାଇଥିବା ମହିଳା ୬୦ କେଜି ଏମ୍ଏମ୍ଏ ସେମିଫାଇନାଲରେ ସିଙ୍ଗାପୁରର



ତେଓ ହୁଇ ହୁନ୍‌ଙ୍କଠାରୁ ହାରିଯାଇଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପରାଜିତ ଦୁଇ ପ୍ରତିଯୋଗୀଙ୍କୁ କାଂସ୍ୟ ପଦକ ପ୍ରଦାନ କରାଯିବ। ଏହା ଫଳରେ ସୁଚିକା ପ୍ରଥମ ଭାରତୀୟ ପ୍ରତିଯୋଗୀ ଭାବେ ଏହି ଇଭେଣ୍ଟରେ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ବିଭାଗରେ ଭାଗ ନେଇଥିବା ବରୁଣ ସାନ୍ୟାଲ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଲଢ଼େଇପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫଳରେ ଲଢ଼େଇ ପୂର୍ବରୁ ସେ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଥିଲେ। ସେ ଯାହା ହେଉ ଏମ୍ଏମ୍ଏ ପ୍ରଥମ ପଦକ ଆସିଥିବାରୁ ସୁଚିକା ଖୁସି ଜାହିର କରିଛନ୍ତି। ବିଳମ୍ବରେ ସୂଚନା ଦେବା, ବିନା ସପୋର୍ଟ ଷ୍ଟାଫ୍‌ରେ ଜାପାନ ଆସିବା ଓ ରୁମ୍ ମିଳିବା ନେଇ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ସାନ୍ୟାଲ ଏପରି ଏକ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି।

## ଟେବୁଲ ଟେନିସ

## ଭାରତ ନିକଟରୁ ପାକିସ୍ତାନର ଡବଲ ପରାଜୟ

ଏସିଆନ ଗେମ୍ସ ଟେବୁଲ ଟେନିସର ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତ ୩-୦ ବ୍ୟବଧାନରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ସ୍ଥାନ ନିଶ୍ଚିତ କରିଛି। ମହିଳା ଦଳ ପୂର୍ବରୁ ଇଣ୍ଡୋନେସିଆ ଓ ସିଙ୍ଗାପୁରକୁ ପରାସ୍ତ କରିଥିଲା। ସୁତୀର୍ଥା ମୁଖାର୍ଜୀ, ସିଣ୍ଡ୍ରେଲା ଦାସ ଓ ଶ୍ରୀଜା ଆକୁଲା ବିଜୟୀ ହୋଇଥିଲେ। ମଙ୍ଗଳବାର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଥାଇଲାଣ୍ଡ ସହ ଭାରତର ମୁକାବିଲା ହେବ।

ପୁରୁଷ ଦଳ ଆଜିର ମୁକାବିଲାରେ ପାକିସ୍ତାନକୁ ୩-୦ରେ ପରାସ୍ତ କରିଛି। ଭାରତ ପକ୍ଷରୁ ହରମିତ ଦେଶାଇ, ଜି ସତ୍ୟନ ଓ ପାୟସ ଜୈନ ବିଜୟୀ ହୋଇଥିଲେ। ପ୍ରଥମ ଦିନରେ ଇଣ୍ଡୋନେସିଆକୁ ପରାସ୍ତ କରିବା ଏବଂ ଇରାନଠାରୁ ହାରିବା ପରେ ଭାରତୀୟ ପୁରୁଷ ଦଳର ଆଜିର ବିଜୟ ଫଳରେ ଆତ୍ମବିଶ୍ୱାସ ଫେରିପାଇଛି। ଆସନ୍ତାକାଲି ଦଳ ଶକ୍ତିଶାଳୀ ଦକ୍ଷିଣ କୋରିଆ ବିପକ୍ଷରେ ମୁକାବିଲା କରିବ।

## ମହିଳା କ୍ରିକେଟ: ଭାରତ-ଶ୍ରୀଲଙ୍କା ମଧ୍ୟରେ ସ୍ୱର୍ଣ୍ଣ ପଦକ ମୁକାବିଲା ଆଜି

ନିଶିନ୍, ୨୧।୯ (ଏଜେନ୍ସି): ଏସିଆନ ଗେମ୍ସ ମହିଳା କ୍ରିକେଟରେ ସ୍ୱର୍ଣ୍ଣପଦକ ମୁକାବିଲା ଲାଗି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆଜି ମୁକାବିଲା ହେବ। ଉଭୟ ଦଳ ଫାଇନାଲରେ ପ୍ରବେଶ କରିବା ଲାଗି ବିଶେଷ କଷ୍ଟ ସ୍ୱୀକାର କରିନାହାନ୍ତି। ଗତଥରର ସ୍ୱର୍ଣ୍ଣପଦକ ବିଜେତା ଭାରତ ଏହି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ଜାପାନକୁ ଓ ସେମିଫାଇନାଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ସେହିପରି ଶ୍ରୀଲଙ୍କା ପ୍ରଥମ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିବା ପରେ ସେମିଫାଇନାଲରେ ପାକିସ୍ତାନ ବିପକ୍ଷରେ ଉତ୍କର୍ଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଥିଲା। ଏଣୁ ଫାଇନାଲ ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଇପାରେ। କିନ୍ତୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ଭାରତ ୨୬ଟିରେ ଓ ଶ୍ରୀଲଙ୍କା ୫ଟିରେ ବିଜୟୀ ହୋଇଛି। ନିକଟରେ ଖେଳାଯାଇଥିବା ଏସିଆନ୍ କପ୍ କ୍ରିକେଟରେ ମଧ୍ୟ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଭାରତ ଏହି ସଫଳତା ଏଠାରେ ଦୋହରାଇବ ବୋଲି ଆଶା କରାଯାଉଛି। ବ୍ୟାଟିଂରେ ମନ୍ଧାନା, ଶେଫାଳି ବର୍ମା ଓ ହରମନପ୍ରୀତ୍ କୌର, ବୋଲିଂରେ ଯୁବ ପେସର ନନ୍ଦିନୀ ଶର୍ମା ଓ କ୍ରାନ୍ତି ଗୌଡ, ସ୍ପିନର ଶ୍ରୀ ଚରଣି, ଦୀପ୍ତି ଶର୍ମା ଓ ଶ୍ରେୟଙ୍କା ପାଟିଲଙ୍କୁ ମୁକାବିଲା କରିବା ଶ୍ରୀଲଙ୍କା ଖେଳାଳିଙ୍କ ଲାଗି କଷ୍ଟକର ହୋଇପାରେ।

## ୧୩ ବର୍ଷରେ ଡବଲ ସ୍ୱର୍ଣ୍ଣ



ଚୀନ୍‌ର ୧୩ ବର୍ଷିୟା ସନ୍ତରଣକାରୀ ୟୁ ଜିଦ୍ଧି ଚଳିତ ଏସିଆନ ଗେମ୍ସରେ ଡବଲ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ସନ୍ତରଣ ଇଭେଣ୍ଟରେ ଆଜି ଅନୁଷ୍ଠିତ ୨୦୦ ମିଟର ବଟରଫ୍ଲାଇରେ ପ୍ରଥମ ସ୍ୱର୍ଣ୍ଣ ଜିତିବା ପରେ ୨୦୦ ମିଟର ଇଣ୍ଡିଭିଜୁଆଲ ମେଡ୍‌ଲେରେ ପ୍ରଥମ ସ୍ଥାନ ଅଧିକାର କରି ଦ୍ୱିତୀୟ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।

## ଆଇପିଏଲ୍-୨୦ ସିଏସ୍‌କେ'ର ନୂଆ କୋଚ୍ ହେଲେ ଜାହିର



ଚେନ୍ନଇ, ୨୧।୯ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦ତମ ସିଜନ ପୂର୍ବରୁ ଚେନ୍ନଇ ସୁପର କିଙ୍ଗ୍ସ (ସିଏସକେ) ଏକ ବଡ଼ ନିଷ୍ପତ୍ତି ନେଇଛି। ସିଏସକେ ଆଗାମୀ ସିଜନ ଲାଗି ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଜାହିର ଖାନଙ୍କୁ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ଥିବା ଜାହିର ନ୍ୟୁଜିଲାଣ୍ଡର ଷ୍ଟିଫେନ ଫ୍ଲେମିଂଙ୍କ ସ୍ଥାନରେ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ଫ୍ଲେମିଂ ଦୀର୍ଘ ୧୭ ବର୍ଷ ଧରି ସିଏସକେ'ର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବା ପରେ ଗତ ଜୁଲାଇରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ସିଏସକେ'ର ମୁଖ୍ୟକୋଚ୍ ପଦକୁ ନେଇ ଗତ କିଛିଦିନ ହେବ କଳ୍ପନାଜଳ୍ପନା ଲାଗି ରହିଥିଲା। ଶେଷରେ ଚେନ୍ନଇ ଫ୍ରାଞ୍ଚାଇଜ ଜଣେ ଘରୋଇ ଅର୍ଥାତ ଭାରତୀୟଙ୍କୁ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନ୍ୟସ୍ତ କରିଛି। 'ଆଇପିଏଲ୍ ଇତିହାସର ସବୁଠୁ ସଫଳ ଦଳର ପ୍ରଶିକ୍ଷକ ନିଯୁକ୍ତ ହେବା ମୋ ଲାଗି ସବୁଠୁ ବଡ଼ ସମ୍ମାନ' ବୋଲି ୪୭ ବର୍ଷୀୟ ଜାହିର ତାଙ୍କ ବିବୃତ୍ତିରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାହିର ଦିଲ୍ଲୀ, ମୁମ୍ବଇ ଓ ଆରସିବି ଫ୍ରାଞ୍ଚାଇଜ ପାଇଁ ଆଇପିଏଲ୍‌ରେ ମୋଟ୍ ୧୦୦ ମ୍ୟାଚ୍ ଖେଳି ୧୦୨ଟି ୱିକେଟ ନେଇଛନ୍ତି। ୨୦୧୭ରୁ ସେ ଆଇପିଏଲ୍‌ରୁ ଅବସର ନେବା ପରେ ବିଭିନ୍ନ ଫ୍ରାଞ୍ଚାଇଜର କୋଚିଂ ଦଳରେ ସାମିଲ ରହିଆସିଛନ୍ତି।

## ଯଶବର୍ଦ୍ଧନ, ସେହ୍ୱାଗ ଭାରତକୁ ଜିତାଇଲେ

ରାଜକୋଟ, ୨୧।୯ (ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷରେ ସୋମବାର ଖେଳାଯାଇଥିବା ଯୁବ (୧୯ ବର୍ଷରୁ କମ୍) ଦିନିକିଆ କ୍ରିକେଟ୍‌ର ଦ୍ୱିତୀୟ ମ୍ୟାଚରେ ଭାରତ ୧୦୨ ରନରେ ବିଜୟୀ ହୋଇଛି। ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ୱିକେଟରେ ୩୪୧ ରନ କରିଥିଲା। ଯଶବର୍ଦ୍ଧନ ଚୌହାନ ସର୍ବାଧିକ ୧୨୨, ଭିକେ ଭିନିଥ ୮୭ ଓ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ୪୭ ରନର ଉପଯୋଗୀ ପାଳି ଖେଳିଥିଲେ। ଜବାବରେ ଅଷ୍ଟ୍ରେଲିଆ ୨୩୯ ରନରେ ସୀମିତ ରହିଥିଲା। ଭାରତୀୟ ଦଳ ପକ୍ଷରୁ ଚିଗୁରପତି ଭେଙ୍କଟା ୩ ଏବଂ କାବ୍ୟା ପରେଶ ପଟେଲ ଓ ଯଶବର୍ଦ୍ଧନ ୨ଟି ଲେଖାଏ ୱିକେଟ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୭ ରନରେ ଜିତିଥିବା ଭାରତ ୨-୦ରେ ଆଗୁଆ ସିରିଜ କବଜା କରିନେଇଛି।

## ମହିଳା ରଗ୍‌ବୀ ଦଳରେ ୪ ଓଡ଼ିଆ



ଭୁବନେଶ୍ୱର,୨୧।୯ (ସମିସ): ଏସିଆନ ଗେମ୍ସ ମହିଳା ରଗ୍‌ବୀ ସେଭେନ୍ସ ଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଡୁମୁଣି ମାରାଣ୍ଡିଙ୍କୁ ଦଳର ଉପଅଧିନାୟିକା ମନୋନୀତ କରାଯାଇଛି। ଅନ୍ୟ ୩ଜଣ ଖେଳାଳି ହେଲେ ନିର୍ମାଲ୍ୟ ରାଉତ, ମାମା ନାଏକ ଓ ସନ୍ଧ୍ୟାରାଣୀ ଟୁଡୁ।

## ବାଲାଜୀ ଭାରତ-ଏ'ର ମୁଖ୍ୟ ପ୍ରଶିକ୍ଷକ

ପୁଡୁଚେରୀ, ୨୧।୯ (ଏଜେନ୍ସି): ଘରୋଇ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ କ୍ରିକେଟ୍ ଦଳ ମଧ୍ୟରେ ପ୍ରଥମ ଅନଅଫିସିଆଲ ଟେଷ୍ଟ ମ୍ୟାଚ ମଙ୍ଗଳବାରଠାରୁ ଏଠାରେ ଆରମ୍ଭ ହେବ। ଏହି ସିରିଜ ଲାଗି ବିସିସିଆଇ ପୂର୍ବତନ ଦ୍ରୁତ ବୋଲର ଲକ୍ଷ୍ମୀପତି ବାଲାଜୀଙ୍କୁ ଭାରତ-ଏ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି। ୪୪ ବର୍ଷୀୟ ବାଲାଜୀ ବର୍ତ୍ତମାନ ଆଇପିଏଲରେ ଚେନ୍ନଇ ସୁପର୍ କିଙ୍ଗ୍ସ କୋଚିଂ ଦଳର ସଦସ୍ୟ ରହିଛନ୍ତି। ୨୦୦୩ରୁ ୨୦୧୨ ମଧ୍ୟରେ ସେ ଭାରତ ପାଇଁ ୮ଟି ଟେଷ୍ଟ, ୩୦ଟି ଦିନିକିଆ ଓ ପାଞ୍ଚ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୭୧ଟି ୱିକେଟ ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ଓ ଆସି ଭାରତ-ଏ ଦଳ ମଧ୍ୟରେ ପ୍ରଥମେ ଦୁଇଟି ଅନଅଫିସିଆଲ ଟେଷ୍ଟ ଓ ପରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### କ୍ରିକେଟ୍ ଇତିହାସରେ ପ୍ରଥମ

## ଭାରତ-ଜାପାନ ଐତିହାସିକ ମ୍ୟାଚ୍ ଆଜି



କାଣ୍ଟୋ, ୨୧।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ପାଇଁ ମଙ୍ଗଳବାର ଏକ ସ୍ମରଣୀୟ ଦିବସ ହେବାକୁ ଯାଉଛି। ଭାରତୀୟ ସିନିଅର ପୁରୁଷ କ୍ରିକେଟ୍ ଦଳ ମଙ୍ଗଳବାର ଜାପାନ ବିପକ୍ଷରେ ଏକମାତ୍ର ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଯାହାକି କ୍ରିକେଟ୍ ଇତିହାସରେ ଭାରତୀୟ ଦଳ ପ୍ରଥମଥର ଲାଗି ଜାପାନ ସହ କୌଣସି ଫର୍ମାଟରେ ଏକ ମ୍ୟାଚ୍ ଖେଳିବ। 'ସୁଜୁକି କପ୍' ନାମରେ ନାମିତ ଏହି ମ୍ୟାଚ୍ ଜାପାନର କାଣ୍ଟୋ ପ୍ରଦେଶର ସାନୋସ୍ଥିତ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ। ଭାରତ ଏବଂ ଜାପାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏହି ମ୍ୟାଚ୍ ଆୟୋଜନ କରାଯାଉଛି। ବେସ୍‌ବଲ କ୍ରୀଡ଼ାକୁ ଭଲ ପାଉଥିବା ଜାପାନବାସୀଙ୍କ ମଧ୍ୟରେ କ୍ରିକେଟର ପ୍ରଚାର ଓ ପ୍ରସାର କରିବାରେ ଏହି ଏକମାତ୍ର ଟି-୨୦ ମ୍ୟାଚ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିଲାଗି ଶ୍ରେୟସ ଆୟରଙ୍କ ନେତୃତ୍ୱାଧିନ ଟିମ୍ ଇଣ୍ଡିଆ ଦୁଇଦିନ ହେବ ଜାପାନରେ ପହଞ୍ଚି ପ୍ରସ୍ତୁତି ଜୋରଦାର କରିଛି। ଦୁଇ ଦଳର ରେକର୍ଡ ଉପରେ ନଜର ପକାଇଲେ ଭାରତ ତିନିଥର ଟି-୨୦ ବିଶ୍ୱକପ୍ ବିଜେତା ରହିଛି। ଯେତେବେଳେ କି ଜାପାନ ବିଶ୍ୱ ମାନ୍ୟତାର ୪୧ତମ ସ୍ଥାନ ହାସଲ କରିଛି। ତେଣୁ ଏହି ମ୍ୟାଚ୍ ନିଶ୍ଚିତ ଭାବରେ ଏକପାଖିଆ ହେବ ବୋଲି ଆଶା କରାଯାଉଛି। ତେବେ ଏହି ପ୍ରତୀକ୍ଷିତ ମ୍ୟାଚରେ ବର୍ଷା ବାଧକ ସାଜିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଘୂର୍ଣ୍ଣିଝଡ଼ ପ୍ରଭାବରେ ମଙ୍ଗଳବାର ଜାପାନରେ ପ୍ରବଳ ବର୍ଷା ହୋଇପାରେ। ତେଣୁ ମ୍ୟାଚରେ ମଧ୍ୟ ଗୋଟିଏ ହେଲେ ବଲ୍ ପଡ଼ି ନ ପାରେ ବୋଲି ଆଶଙ୍କା କରାଯାଉଛି।

**ମ୍ୟାଚ୍ ଆରମ୍ଭ: ସକାଳ ୯ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ଫ୍ୟାନକୋଡ୍**

BHARAT MASALA ODISHA T20 LEAGUE CM TROPHY

## ମାଇନର୍ସଙ୍କୁ ହରାଇଲା ଟାଇଗର୍ସ

ଭୁବନେଶ୍ୱର, ୨୧।୯ (ସମିସ)

ଭୁବନେଶ୍ୱର ଟାଇଗର୍ସ ଦଳ 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍'ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଲିଗ୍‌ର ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱର ଡିଏଲ୍ ପଦ୍ଧତିରେ ୭ ରନରେ କେନ୍ଦୁଝର ମାଇନର୍ସଙ୍କୁ ହରାଇଦେଇଛି। ବିଜୟ ସହ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ ଭୁବନେଶ୍ୱର ଦଳ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭୁବନେଶ୍ୱର ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ରାତିରେ ସମ୍ବଲପୁର ୱାରିୟର୍ସଙ୍କୁ ଭେଟିବ।

ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଲିଗ୍‌ର ଏହି ଦ୍ୱିତୀୟ ମ୍ୟାଚ୍ ବର୍ଷା ଲାଗି ବାଧାପ୍ରାପ୍ତ ହୋଇଥିଲା। ଫଳରେ ମ୍ୟାଚକୁ ୭ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ କେନ୍ଦୁଝର ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ଅଧିନାୟକ ସ୍ୱସ୍ତିକଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ୩ ୱିକେଟ ହରାଇ ୬୪ ରନ କରିଥିଲା। ୩ଟି ଛକା ଓ ୫ଟି ଚୌକା ବଳରେ ସ୍ୱସ୍ତିକ ୧୮ ବଲରେ ସର୍ବାଧିକ ୪୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମେଶ କେ ଗୌତମ ୬, ଶ୍ରେୟାଂଶ ଭରଦ୍ୱାଜ ଓ ସମ୍ବିତ ବେଜ ୫ ରନ ଲେଖାଏ କରିଥିଲେ। କେନ୍ଦୁଝରର ବିମଳ କୁମାରଙ୍କୁ ୨ଟି ୱିକେଟ ମିଳିଥିଲା। ତେବେ ଦ୍ୱିତୀୟ ଇନିଂସ ଆରମ୍ଭରୁ ପୁଣିଥରେ ବର୍ଷା ଲାଗି କିଛି ସମୟ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ଫଳରେ ପୁନର୍ବାର ଡିଏଲ୍ ପଦ୍ଧତିରେ କେନ୍ଦୁଝର ସାମ୍ନାରେ ୪ ଓଭରରେ ୪୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା କେନ୍ଦୁଝର ୨ଟି ୱିକେଟ ହରାଇ ୪୦ ରନ କରିପାରିଥିଲା। ରାଜେଶ ଧୁପର ୭ ବଲରେ ୧୮ ଓ ଅଧିନାୟକ ସେନାପତି ୯ ବଲରେ ୧୧ ରନ କରିଥିଲେ। ୧୫ ରନରେ ଦୁଇଟି ୱିକେଟ ନେଇଥିବା ବାଦଲ ବିଶ୍ୱାଳ ଶ୍ରେଷ୍ଠ ଖେଳାଳି ହୋଇଥିଲେ।




### ସମ୍ବଲପୁରକୁ ଜିତାଇଲେ ଗୌରବ

ପୂର୍ବରୁ ଲିଗ୍‌ର ଉଦ୍‌ଘାଟନୀ ଦିବସରେ ରବିବାର ଖେଳାଯାଇଥିବା ମ୍ୟାଚରେ ସମ୍ବଲପୁର ୱାରିୟର୍ସ ୯ ରନରେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସଙ୍କୁ ହରାଇଥିଲା। ଶାନ୍ତନୁ ମିଶ୍ର (୪୦ ବଲରେ ୬୦ ରନ) ଓ ଅଧିନାୟକ ଗୌରବ ଚୌଧୁରୀ (୪୬ ବଲରେ ୮୮ ରନ)ଙ୍କ ଅର୍ଦ୍ଧଶତକ ବଳରେ ସମ୍ବଲପୁର ୮ ୱିକେଟରେ ୧୯୩ ରନ କରିଥିଲା। କଟକର ଅଭିଷେକ ସିଂ ୩ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୨ଟି ୱିକେଟ ନେଇଥିଲେ। ଜବାବରେ କଟକ ୪ ୱିକେଟରେ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା। କାର୍ତ୍ତିକ ବିଶ୍ୱାଳ ୫୬ ଓ ଗୌତମ ଗୋପାଳ ୪୭ ରନ କରିଥିଲେ।

ସକାଳ THE SAKALA
A unit of Nandighosha Network Pvt. Ltd.

The Sakala (A unit of Nandighosha Network Pvt. Ltd.) invites application for the following position

C.T.P. Operator
Minimum 2-3 Yrs. experience

APPLY NOW

Please send your CV with recent passport size photo to
hr@thesakala.com

The Sakala
A unit of Nandighosha Network Pvt. Ltd.
Sd/-
Asst. Manager HR

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS